ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୯ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 29 September 2025
Vol.No. 36 ■ No.258 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

## ଲଦାଖ ସଂସ୍କୃତି ଉପରେ ଆକ୍ରମଣ କରୁଛନ୍ତି ବିଜେପି-ଆରଏସଏସ: ରାହୁଲ



ନୂଆଦିଲ୍ଲୀ,୨୮/୯ : ବିରୋଧୀ ଦଳ ନେତା ଏବଂ ରାୟବରେଲିର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଲଦାଖରେ ହୋଇଥିବା ହିଂସା ସମ୍ପର୍କରେ ଏକ ନୂତନ ବିବୃତି ଜାରି କରିଛନ୍ତି । ସୋନମ ୱାଙ୍ଗଚୁକଙ୍କ ଗିରଫଦାରୀ ଏବଂ ଲେହ ପ୍ରତିବାଦରେ ନିହତ ଚାରି ଜଣଙ୍କ ସମ୍ପର୍କରେ ତାଙ୍କର ମନ୍ତବ୍ୟ ପୁଣି ଏକ ହଙ୍ଗାମା ସୃଷ୍ଟି କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ରାହୁଲ ଗାନ୍ଧୀଙ୍କ ପୂର୍ବତନ ପୋଷ୍ଟକୁ ପୂର୍ବରୁ ଲଦାଖ ହିଂସା ପାଇଁ ଶାସକ ବିଜେପି ପକ୍ଷରୁ ଦାୟୀ କରାଯାଇଛି । ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂହ ଯାଦବଙ୍କ ବୋହୂ ତଥା ବିଜେପି ନେତା ଅପର୍ଣ୍ଣା ଯାଦବ କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ମିଥ୍ୟା ଥିଲା । ରାହୁଲ ଆନ୍ଦୋଳନକାରୀଙ୍କୁ ଉସୁକାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ଏକ୍ସରେ ଏକ ନୂଆ ପୋଷ୍ଟ କରିଛନ୍ତି । ଏହି ପୋଷ୍ଟରେ ସେ ଲେଖିଛନ୍ତି, ଲାଦାଖର ଲୋକ, ସଂସ୍କୃତି ଏବଂ ପରମ୍ପରା ବିଜେପି ଏବଂ ଆରଏସଏସ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି । ଲଦାଖବାସୀମାନେ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ବିଜେପି ଚାରି ଜଣ ଯୁବକଙ୍କୁ ହତ୍ୟା କରି ଏବଂ ସୋନମ ୱାଙ୍ଗଚୁକଙ୍କୁ ଜେଲ୍‌ରେ ବନ୍ଦୀ କରି ଏହାର ଜବାବ ଦେଇଛି । ରାହୁଲ ଲେଖିଛନ୍ତି, ହତ୍ୟା ବନ୍ଦ କର । ହିଂସା ବନ୍ଦ କର । ଧମକ ବନ୍ଦ କର । ଲଦାଖକୁ ଏକ ସ୍ୱର ଦିଅ । ସେମାନଙ୍କୁ ଏକ ସ୍ୱର ଦିଅ । ସେମାନଙ୍କୁ ଷଷ୍ଠ ସୂଚୀ ଦିଅ । ଏବେ, ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟକୁ ପୁଣି ଥରେ ଉତ୍ତେଜନାମୂଳକ ଭାବରେ ଚିହ୍ନିତ କରାଯାଉଛି । ଏହା ଏକ ନୂତନ ରାଜନୈତିକ ଝଡ଼ ସୃଷ୍ଟି କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୪ ତାରିଖରେ, ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ କର୍ମୀ ଏବଂ ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କ ନେତୃତ୍ୱରେ ଲେହରେ ଏକ ଆନ୍ଦୋଳନ ହିଂସାତ୍ମକ ହୋଇଗଲା । ଲୋକମାନେ ବିଜେପି କାର୍ଯ୍ୟାଳୟ ଉପରେ ପଥର ମାଡ଼ କରିଥିଲେ ଏବଂ ଏକ ଆରପିଏଫ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ ।

▶▶ପୃଷ୍ଠା ୭

## ସୀମାନ୍ତରେ ପୁଣି ଏନକାଉଣ୍ଟର: ମହିଳା କ୍ୟାଡର ସମେତ ୩ ନକ୍ସଲ ନିପାତ



ମାଲକାନଗିରି, ୨୮/୯ (ନି.ପ୍ର): ସୀମାନ୍ତ ଛତିଶଗଡ଼ର କାଂକେର ଜିଲ୍ଲାରେ ପୁଣି ନକ୍ସଲ ପୁଲିସ ମୁହାଁମୁହିଁ ହୋଇଛନ୍ତି । ଏହି ଏନକାଉଣ୍ଟରରେ ଜଣେ ମହିଳା ନକ୍ସଲ ସମେତ ୩ ଜଣ ନକ୍ସଲ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମୁଣ୍ଡରେ ୧୪ ଲକ୍ଷ ଟଂକାର ପୁରସ୍କାର ରହିଥିବା ପୁଲିସ କହିଛି । କାଂକେର ଜିଲ୍ଲା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ କାଂକେଲ ଥାନା ଅଂଚଳର ଛନ୍ଦଖଡକ ଜଂଗଲରେ ନକ୍ସଲ କ୍ୟାମ୍ପ କରି ରହିଛନ୍ତି । ତୁରନ୍ତ ଜିଲ୍ଲା ପୁଲିସ,ଡିଆରଜି ଏବଂ ବିଏସଏଫ ଯବାନ ସେହି ଅଂଚଳକୁ ଗସ୍ତ କରିଥିଲେ । ଆଜି ସକାଳୁ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଲାଇଥିଲେ । ଯବାନ ମଧ ପାଲଟା ଜବାବ ଦେଇଥିଲେ । ମଧ୍ୟାହ୍ନ ପର୍ଯ୍ୟନ୍ତ ରହିରହି ନକ୍ସଲ ଗୁଳି ଚଳାଉଥିଲେ । ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ । ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ୩ ଜଣ ନକ୍ସଲଙ୍କର ମୃତ ଦେହକୁ ଜବତ କରିଥିଲେ । ମୃତ ନକ୍ସଲଙ୍କୁ ଚିହ୍ନଟ କରାଯାଇଛି । କାଂକେର ଜିଲ୍ଲାରେ ପୁଣି ନକ୍ସଲ ପୁଲିସ ମୁହାଁମୁହିଁ ହୋଇଛନ୍ତି । ଏହି ଏନକାଉଣ୍ଟରରେ ଜଣେ ମହିଳା ନକ୍ସଲ ସମେତ ୩ ଜଣ ନକ୍ସଲ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମୁଣ୍ଡରେ ୧୪ ଲକ୍ଷ ଟଂକାର ପୁରସ୍କାର ରହିଥିବା ପୁଲିସ କହିଛି । ଏମାନେ ହେଲେ ଏସିଏମ ସରୱନ ମାଡକମ ଅରଫ ବିଶ୍ୱନାଥ ଅରଫ ବୁଧରାମ ପୁନେମ,ଏଲଓସି କମାଣ୍ଡର ରାଜେଶ ଅରଫ ରାକେଶ ଏବଂ ପାର୍ଟି ସଦସ୍ୟ ବାସନ୍ତୀ କୁଞ୍ଜାମ ଅରଫ ହିଡମେ । ତେବେ ଏସିଏମ ସର୍ୱନ ମାଡକାମ ନାମରେ ସରକାର

▶▶ପୃଷ୍ଠା ୭

## ସ୍ୱଜନପୋଷଣ ରାଜନୀତି ଓ କଳା ଜଗତରେ ପ୍ରକୃତ ହକଦାରଙ୍କୁ ସୁଯୋଗରୁ ବଞ୍ଚିତ କରିଛି: ଶ୍ରୀମୟୀ ମିଶ୍ର

ଭୁବନେଶ୍ୱର, ୨୮/୯ (ନି.ପ୍ର): ପୁଣି ପୂର୍ବତନ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ସ୍ୱଜନପୋଷଣ କଥା କହି ହଟଚମଟ ସୃଷ୍ଟି କରିଛନ୍ତି । ସେ ନିଜର ସୋସିଆଲ୍ ମିଡିଆ (ଫେସ୍‌ବୁକ୍)ରେ ଲେଖିଛନ୍ତି, ନେପୋଟିଜମ୍ ଅର୍ଥାତ୍ ସ୍ୱଜନପୋଷଣ, ଏକ ଏଭଳି ସାମାଜିକ ଓ ରାଜନୈତିକ ଅଭ୍ୟାସ, ଯାହା ଯୋଗ୍ୟତା ଓ ପ୍ରତିଭାକୁ ଅଣଦେଖା କରି ଆତ୍ମୀୟତା, ବନ୍ଧୁତ୍ୱ ବା ବ୍ୟକ୍ତିଗତ ସମ୍ପର୍କକୁ ଅଗ୍ରାଧିକାର ଦିଏ । ଏହା ସମାଜରେ ଅନେକ କ୍ଷେତ୍ରରେ, ଯଥା ରାଜନୀତି, ଶିକ୍ଷା, ଚାକିରି ଓ କଳା ଜଗତରେ, ପ୍ରକୃତ ହକଦାରଙ୍କୁ ସୁଯୋଗରୁ ବଞ୍ଚିତ କରିଛି । ଯେଉଁମାନେ ନିଜର କଠିନ ପରିଶ୍ରମ, ଦକ୍ଷତା ଓ ଯୋଗ୍ୟତା ବଳରେ ଆଗକୁ ବଢ଼ିବାର ଅଧିକାରୀ, ସେମାନେ ନେପୋଟିଜମ୍‌ର କବଳରେ ପଡ଼ି ପଛରେ ରହିଯାଆନ୍ତି । ଏହା ସମାଜରେ ଅସନ୍ତୋଷ, ଅନୈତିକତା ଓ ଅସମାନତାକୁ ମଧ୍ୟ ବୃଦ୍ଧି କରେ । ନେପୋଟିଜମ୍ ଅର୍ଥାତ୍ ସ୍ୱଜନପୋଷଣ, ଏକ ଏଭଳି ସାମାଜିକ ଓ ରାଜନୈତିକ ଅଭ୍ୟାସ, ଯାହା ଯୋଗ୍ୟତା ଓ ପ୍ରତିଭାକୁ ଅଣଦେଖା କରି ଆତ୍ମୀୟତା, ବନ୍ଧୁତ୍ୱ ବା ବ୍ୟକ୍ତିଗତ ସମ୍ପର୍କକୁ ଅଗ୍ରାଧିକାର ଦିଏ । ଏହା ସମାଜରେ ଅନେକ କ୍ଷେତ୍ରରେ, ଯଥା ରାଜନୀତି, ଶିକ୍ଷା, ଚାକିରି ଓ କଳା ଜଗତରେ, ପ୍ରକୃତ ହକଦାରଙ୍କୁ ସୁଯୋଗରୁ ବଞ୍ଚିତ କରିଛି । ଯେଉଁମାନେ ନିଜର କଠିନ ପରିଶ୍ରମ, ଦକ୍ଷତା ଓ ଯୋଗ୍ୟତା ବଳରେ ଆଗକୁ ବଢ଼ିବାର ଅଧିକାରୀ, ସେମାନେ ନେପୋଟିଜମ୍‌ର କବଳରେ ପଡ଼ି ପଛରେ ରହିଯାଆନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମମିତା ମେହେର ହତ୍ୟା ମାମଲାର ଅଭିଯୁକ୍ତଙ୍କ ପରିବାର



ଭୁବନେଶ୍ୱର, ୨୮/୯ (ନି.ପ୍ର): ମୁଖ୍ୟମନ୍ତ୍ରଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବହୁ ଚର୍ଚ୍ଚିତ ମମିତା ମେହେରା ହତ୍ୟା ମାମଲାରେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ପରିବାର ଭେଟିଛନ୍ତି । ସିବିଆଇ ତଦନ୍ତ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି । ପୂର୍ବତନ ବିରୋଧୀ ଦଳ ନେତା ତଥା ପୂର୍ବତନ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକଙ୍କ ନେତୃତ୍ୱରେ ଗୋବିନ୍ଦ ସାହୁ ପରିବାର ଓ ଏକ ଟିମ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି । ମୃତ ଗୋବିନ୍ଦ ସାହୁଙ୍କ ସ୍ତ୍ରୀ ଓ ଝିଅ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି । ଉଭୟ ମାଆ ଓ ଝିଅ ତତ୍‌କାଳୀନ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି । କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଏବଂ ତାଙ୍କ କୁଚକ୍ରୀ ଗୋଷ୍ଠୀଙ୍କ ଦ୍ୱାରା ଦିଆଯାଉଥିବା ଧମକରୁ ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ମାଗିଛନ୍ତି । ମମିତା ମେହେରଙ୍କୁ ଯିଏ ହତ୍ୟା କରିଛି ସିଏ ମୋ ବାପା ଙ୍କୁ ହତ୍ୟା କରିଛି । ବାପା ହତ୍ୟା କାଣ୍ଡରେ ହୋଇଛି ଷଡ଼ଯନ୍ତ୍ର । ମୁଁ ଓ ମୋ ପରିବାର ଭୟଭୀତ । ଆମ ସମ୍ପତ୍ତି ସବୁ କବଜା କରିଛନ୍ତି । ମୋ ସହ ଓ ମୋ ପରିବାର ସହ କିଛି ବି ହୋଇପାରେ । ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି କେଶ ରି ଓପନ ହେବ ।

## ଉତ୍ତର କଶ୍ମୀରର କୁପୱାଡାରେ ଦୁଇ ଅନୁପ୍ରବେଶକାରୀ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ,୨୮/୯ : ଉତ୍ତର କାଶ୍ମୀରର କୁପୱାରା ଜିଲ୍ଲାର କେରନ୍ ସେକ୍ଟରରେ ନିୟନ୍ତ୍ରଣ ରେଖାରେ ଭାରତୀୟ ସେନା ରବିବାର ଦିନ ଏକ ଅନୁପ୍ରବେଶ ଉଦ୍ୟମକୁ ବି'ଳ କରି ଦୁଇଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଏନକାଉଂଟର କରିଛନ୍ତି । ଏହି କାର୍ଯ୍ୟାନୁଷ୍ଠାନ ସୁରକ୍ଷା ବଳ ପାଇଁ ବଡ଼ ସ'ଳତା ହେବା ସହିତ ଅପରେସନ ଏବେ ମଧ୍ୟ ଜାରି ରହିଛି । ଔପଚାରିକ ସୂତ୍ର ମୁତାବକ ଏହି ଅଂଚଳରେ ନିୟନ୍ତ୍ରଣ ରେଖାରେ ସଶସ୍ତ୍ର ଅନୁପ୍ରବେଶକାରୀ କାର୍ଯ୍ୟକଳାପ ଦେଖାଯିବା ପରେ ସୁରକ୍ଷା ବଳ ତୁରନ୍ତ ପ୍ରତିକ୍ରିୟା ଦେଇ ଏହି ଉଦ୍ୟମକୁ ବି'ଳ କରିଥିଲେ । ସେମାନେ ଆହୁରି କହିଛନ୍ତି ଯେ ଅପରେସନ ସମୟରେ ଦୁଇଜଣ ଆତଙ୍କବାଦୀଙ୍କୁ ମାରିଦିଆଯାଇଛି । ବିଏସଏ' କାଶ୍ମୀର ୍ରଂଟିଅରର ମହାନିରୀକ୍ଷକ ଅଶୋକ ଯାଦବ କହିଛନ୍ତି ଯେ ସୁରକ୍ଷା ବଳ ଶୀତ ଋତୁ ଆସିବା ପୂର୍ବରୁ ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ଚେଷ୍ଟାକୁ ରୋକିବା ପାଇଁ ନିୟନ୍ତ୍ରଣ ରେଖାରେ ପୂର୍ଣ୍ଣ ସତର୍କତା ଅବଲମ୍ବନ କରୁଛନ୍ତି ।

## ମଣିପୁର ପୋଲିସ ପକ୍ଷରୁ ବିପୁଳ ପରିମାଣର ମାଦକ ଦ୍ରବ୍ୟ ନଷ୍ଟ

ନୂଆଦିଲ୍ଲୀ, ୨୮/୯: ମଣିପୁର ପୋଲିସ ଏକ ନିଶା ନିବାରଣ ଅଭିଯାନ ଆରମ୍ଭ କରି ଇମ୍ଫାଲ ପଶ୍ଚିମର ଲାମଡେଙ୍ଗରେ ଥିବା ଶିଜା କମନ୍ ବାୟୋମେଡିକାଲ୍ ବର୍ଜ୍ୟବସ୍ତୁ ଚିକିତ୍ସା ସୁବିଧାରେ ବିପୁଳ ପରିମାଣର ମାଦକ ଦ୍ରବ୍ୟ ନଷ୍ଟ କରିଛି । ମଣିପୁର ପୋଲିସ ସୋସିଆଲ ମିଡିଆରେ ରିପୋର୍ଟ କରିଛି ଯେ, ସେପ୍ଟେମ୍ବର ୨୭ ତାରିଖରେ ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ ଏହି ମାଦକ ଦ୍ରବ୍ୟ ନଷ୍ଟ କରାଯାଇଥିଲା ।

## ବିହାର ବିଧାନସଭା ସହ ହେବ ନୂଆପଡ଼ା ଉପନିର୍ବାଚନ: ଓଡ଼ିଶାର ୧୨ଜଣ ଅଫିସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱ




ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୮/୯ (ନି.ପ୍ର): ବିହାର ବିଧାନସଭା ନିର୍ବାଚନ ସହ ଓଡ଼ିଶାର ନୂଆପଡ଼ା ସମେତ ମୋଟ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ତାରିଖ ଘୋଷଣା ହୋଇନଥିଲେ ମଧ ନିର୍ବାଚନ କମିଶନ ପ୍ରସ୍ତୁତି ଆରମ୍ଭ କରିବା ସହ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ମୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ୧୨ଜଣ ଅଫିସରଙ୍କ ସମେତ ମୋଟ ୪୭୦ଜଣ ଅଫିସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି । ଏହି ସମସ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ଆସନ୍ତାମାସ ୩ତାରିଖରେ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ବୈଠକରେ ନିଶ୍ଚିତ ଉପସ୍ଥିତ ରହିବାକୁ

▶▶ପୃଷ୍ଠା ୭

## ବନ୍ଧା ହେଲେ ବାବା ଚୈତନ୍ୟାନନ୍ଦ ସରସ୍ୱତୀ

ନୂଆଦିଲ୍ଲୀ,୨୮/୯ : ସରିଲା ୭ ଦିନର ଲୁଚକାଳି ଖେଳ । ଉତ୍ତରପ୍ରଦେଶ ଆଗ୍ରାରୁ ଗିରଫ ହେଲେ ଦିଲ୍ଲୀର ବାବା ଚୈତନ୍ୟାନନ୍ଦ ସରସ୍ୱତୀ । ଦିଲ୍ଲୀର ଏକ ଆଶ୍ରମରେ ୧୭ ଜଣ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଅଭିଯୁକ୍ତ ଆତ୍ମଘୋଷିତ 'ଭଗବାନ'ଙ୍କୁ ଆଗ୍ରାରୁ ଗିରଫ କରାଯାଇଛି । ଦିଲ୍ଲୀର ପୋଶ ବସନ୍ତ କୁଞ୍ଜ ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ଶ୍ରୀ ଶାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଅଛନ୍ତି ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ । ତାଙ୍କ ବିରୋଧରେ ଅପମାନଜନକ ଭାଷା ବ୍ୟବହାର କରିବା, ମହିଳାଙ୍କୁ ଅଶ୍ଳୀଳ ମେସେଜ୍ ପଠାଇବା ଏବଂ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଭଳି ଅଭିଯୋଗ ରହିଛି ।

▶▶ପୃଷ୍ଠା ୭

## ଗାଜା ଯୁଦ୍ଧ ବନ୍ଦ ପାଇଁ ଆମେରିକାର ପ୍ରସ୍ତାବ: ଭବିଷ୍ୟତର ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ଦେଲା ପ୍ରସ୍ତାବ



ନୂଆଦିଲ୍ଲୀ,୨୮/୯ : ଗାଜାରେ ଯୁଦ୍ଧ ବନ୍ଦ ପାଇଁ ଆମେରିକା ୨୧ଟି ପ୍ରସ୍ତାବ ଦେଇଛି । ଭବିଷ୍ୟତର ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ପ୍ରସ୍ତାବ ଦେଇଛି ଆମେରିକା । ବନ୍ଦୀମାନଙ୍କୁ ତୁରନ୍ତ ମୁକ୍ତ କରିବା, ପାଲେଷ୍ଟାଇନମାନଙ୍କୁ ଗାଜାପଟ୍ଟିରେ ରହିବାକୁ ଉତ୍ସାହିତ କରିବା ଏବଂ ଶାନ୍ତିପ୍ରିୟ ହମାସ ସଦସ୍ୟମାନଙ୍କୁ ସାଧାରଣରେ କ୍ଷମା ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଜାତିସଂଘର ସାଧାରଣ ଅଧିବେଶନରେ କିଛି ଆରବ ଓ ମୁସଲିମ ଦେଶଙ୍କୁ ଏହି ପ୍ରସ୍ତାବ ସମ୍ପର୍କରେ ଅବଗତ କରିଛି ଆମେରିକା । ତେବେ ଆମେରିକାର ଏହି ପ୍ରସ୍ତାବରେ ଇସ୍ରାଏଲ

▶▶ପୃଷ୍ଠା ୭

## 'ସାଗରିକା'ର ଶାରଦୀୟ ସଂଖ୍ୟା ଲୋକାର୍ପିତ




ବାଲେଶ୍ୱର, ୨୮/୦୯ (ନି.ପ୍ର): ଓଡିଶାର ଲୋକପ୍ରିୟ ସାହିତ୍ୟ ପତ୍ରିକା 'ସାଗରିକା'ର ପୂଜାସଂଖ୍ୟା ସ୍ଥାନୀୟ ଷ୍ଟେସନ କ୍ଲବ ସମ୍ମିଳନୀ କକ୍ଷରେ ସାଗରିକାର ସଂପାଦିକା ସୈରିନ୍ଧ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଲେଖିକା ତଥା ଗବେଷିକା ଡ. ରୁଦ୍ରାଣୀ ମହାନ୍ତି, ସଦର ବିଧାୟକ ମାନସ କୁମାର ଦତ୍ତ, ସମାଜ ବାଲେଶ୍ୱର ସଂସ୍କରଣର ମୁଖ୍ୟ କୁଳମଣି ବାରିକ, ଷ୍ଟେଟବ୍ୟାଙ୍କର ଡେପୁଟୀ ମ୍ୟାନେଜର ମାନସ ମହାପାତ୍ର, ବିଶିଷ୍ଟ ଯୁବନେତା ତଥା ସମାଜସେବୀ ବିକ୍ରମ ପଣ୍ଡା, ବରିଷ୍ଠ କବି ତଥା ଚନ୍ଦ୍ରଭାଗାର ସଂପାଦକ କବି ଶ୍ରୀଦେବ, ସୁବର୍ଣ୍ଣଶ୍ରୀର ସଂପାଦକ ତଥା ପ୍ରକାଶକ କବି ଡ. କାଳୀପଦ ପଣ୍ଡା ପ୍ରମୁଖ ଯୋଗ ଦେଇ ସାଗରିକାର ପୂଜା ସଂଖ୍ୟାକୁ ଉନ୍ମୋଚନ କରିଥିଲେ । ଏହି ପତ୍ରିକାଟି ଦୀର୍ଘ ପଇଁଚାଳିଶ ବର୍ଷ ଧରି ନିୟମିତ ପ୍ରକାଶିତ ହେବା ଓ ଏହା ନୂଆ ପିଢି ଗଠନ କରିବାର ଦାୟିତ୍ୱ ନିର୍ବାହ କରିବା ଏହାର ବିଶେଷତ୍ୱ । ସବୁ ସଂଖ୍ୟା ପରି ଏଥିରେ ସ୍ଥାନ ପାଇଥିବା ପ୍ରତ୍ୟେକ ଲେଖା ପାଠକଙ୍କ ମନକୁ ଛୁଇଁବା ସହିତ ସମଗ୍ର ରାଜ୍ୟରେ ସାହିତ୍ୟର ଭିତ୍ତିଭୂମିକୁ ସୁଦୃଢ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ ।

▶▶ପୃଷ୍ଠା ୭

# ଚାରି ଚକିଆ ଗାଡି ସହ ୪୦ କେଜି ଗଞ୍ଜେଇ ଜବତ : ୨ ଗିରଫ

ମାଲକାନଗିରି, ୨୮/୦୯ (ନି.ପ୍ର): ଓଡ଼ିଶା ଅବକାରୀ କମିଶନର ଡି. ଆନେଶ୍ୱର ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଏକ ମାସ ଧରି ଅବକାରୀ ବିଭାଗ ତରଫରୁ ଚୋରା ଗଞ୍ଜେଇ ଓ ମାଦକଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ ବିଶେଷ ଅଭିଯାନ ଚାଲିଥିବା ସମୟରେ ଗତକାଲି କାଲିମେଲା ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା । ମାଲକାନଗିରି ଜିଲ୍ଲା କାଲିମେଲା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ପାଟ୍ରୋଲିଂ କରୁଥିବା ସମୟରେ କାଲିମେଲା ଥାନା ଅନ୍ତର୍ଗତ ବେଜାଙ୍ଗି ବାଡା ଗ୍ରାମ କେନାଲ ରୋଡରେ କାଲିମେଲା ଅବକାରୀ ଅଧିକାରୀ ଦୀପକ କୁମାର ସାମଲ ଏକ ଚାରି ଚକିଆ ଗାଡିକୁ ଅଟକାଇ ଯାଂଚ୍ କରିଥିଲେ। ଯାଂଚ୍ କରିବା ସମୟରେ ୪୦ କିଲୋ ଗଞ୍ଜେଇ ପାଇଥିଲେ । ଗଞ୍ଜେଇ ଏବଂ ଟାଟା ଇଂଟ୍ରା ଭି-୧୦ ଗାଡିକୁ ଜବତ କରିବା ସହ ୨ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି । ଏହି ଘଟଣାରେ ମୋଟୁ ଗ୍ରାମର ପୂର୍ବତନ ସରପଂଚ ସୋଡି ମୁନ୍ନା ଏବଂ ପୁସୁଗୁଡା ଗ୍ରାମର ଆଶିଷ ସାଲବାମ ନାମକ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତ ସୋଡି ମୁନ୍ନାକୁ ପୂର୍ବରୁ ଛତିଶଗଡ଼ ପୋଲିସ ଓ ଓଡ଼ିଶା ପୋଲିସ ଖୋଜୁଥିବା ବେଳେ କାଲିମେଲା ଅବକାରୀ ବିଭାଗ ତାକୁ ଧରିବାରେ ସକ୍ଷମ ହୋଇଛନ୍ତି। ଏହି ପାଟ୍ରୋଲିଂ ସମୟରେ କନେଷ୍ଟବଳ ପ୍ରବୀଣ କୁମାର ସାହୁ, ସୁଜାତା ହିଆଲ ଏବଂ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଉପସ୍ଥିତ ରହିବା ସହ ଏହାର ଅଧିକ ତଦନ୍ତ ଜାରି ରହିଛି।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୮/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲିକ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ସାହୁ, ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ଅଂଚଳରେ ସରକାରୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତି ନିଜ ଦଖଲରେ ରଖିଥିବା ଜମିକୁ ଉଦ୍ଧାର କରିବା, ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ, ଦୁଇଖାନା ସଂଶୋଧନ, ଜିଲ୍ଲାର ବିଭିନ୍ନ ଅଂଚଳରେ ବ୍ୟବସାୟୀ ପ୍ରତିଷ୍ଠାନଗୁଡିକ ମୁଖ୍ୟ ରାସ୍ତାକୁ ମାଡି ନିର୍ମାଣ କରିଥିବା ବେଆଇନ ଦଖଲକୁ ଉଚ୍ଛେଦ କରିବା, ଜଳକର ଆଦାୟ ଓ ଏଥି ସହିତ ଜିଲ୍ଲାରେ ଥିବା ସମସ୍ତ ବାଲି ସୈରାତ ଗୁଡିକର ନିଲାମ ନେଇଥିବା ବ୍ୟକ୍ତିଙ୍କ ଠାରୁ ଟଙ୍କା ଆଦାୟ କରିବା, ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ବାଲି ଗୁଡିକୁ ଜବତ କରିବା ସହିତ କେତେକ ସ୍ଥାନରେ ବାଲି ଖାଦନରୁ ଦୁର୍ବୃତ ମନେ ଜୋର ଜବରଦସ୍ତ ବାଲି ଉଠାଇ ବିକ୍ରି କରୁଥିବ ନେଇ ଜଣାପଡିବା ପରେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଅଲେଚନା କରା ଯାଇଥିଲା ।

# ଫେସ୍‌ବୁକ ପୋଷ୍ଟିଂକୁ ନେଇ ଜଣେ ଗିରଫ: କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେଲେ ତିନିମୁହାଣୀରେ ହେବ ରାସ୍ତାରୋକ

କେନ୍ଦ୍ରାପଡ଼ା, ୨୮/୦୯ (ନି.ପ୍ର): କେନ୍ଦ୍ରାପଡ଼ା ସହରରେ ଦଶହରା ଓ ଗଣପର୍ବ ଗଜଲକ୍ଷ୍ମୀ ପୂଜା ଅବ୍ୟବହିତ ପୂର୍ବରୁ ସାଧାରଣ ଫେଂସ୍‌ବୁକ ପୋଷ୍ଟିଂକୁ ନେଇ ବିବାଦ ଖୋଦେଇଛି। ଏନେଇ ଜଣେ ଗିରଫ ହୋଇଥିବାବେଳେ ଅପରପକ୍ଷରେ ଅଭିଯୋଗ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେଲେ ତିନିମୁହାଣୀ ଠାରେ ରାସ୍ତାରୋକ କରାଯାଇ କେନ୍ଦ୍ରାପଡ଼ାକୁ ଅଚଳ କରି ଦିଆଯିବ ବୋଲି ଅଭିଯୋଗକାରୀମାନେ ଚେତାବନୀ ଇଛନ୍ତି । ଘଟଣା ମୁତାବକ ତିନିମୁହାଣୀରେ ରହୁଥିବା ରାହୁଲ ଥାପ୍ପା ନାମକ ଜଣେ ଯୁବକ ଫେଂସ୍‌ବୁକରେ ଏକ ପୋଷ୍ଟିଂ ଆଡ କରିଥିଲେ। ନିଜେ ଚେୟାରରେ ବସିଥିବାବେଳେ ଫଟୋର ମଧଭାଗରେ ଉର୍ଦ୍ଧୁ ଭାଷାର ଏକ ଗୀତ ସ୍କୁଲରେ ଚାଲିଥିଲା । ଏହାକୁ ନେଇ ବଡ଼ହାଟ ଅଂଚଳର ଗୁଡନ ଖାନ ନାମକ ଜଣେ ବ୍ୟକ୍ତି ଏହା ଧାର୍ମିକ ଭାବନାକୁ ଆଘାତ ଦେଉଛି ବୋଲି ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ୨୦୮/୨୫ରେ ଏକ ମାମଲା ରୁଜୁକରି ରାହୁଲକୁ ଆଜି କୋର୍ଟ ଚାଲାଣ କରିଛନ୍ତି। ଏହି ଘଟଣା ପରେ ଫେସବୁକ୍‌ରେ ରାହୁଲ ବିରୋଧରେ ଅନେକ ପୋଷ୍ଟିଂ ଦେଖିବାକୁ ମିଳିଥିଲା। "ସର ତନ ସେ ଜୁଦା" ସୁଅର କା ଔଲା, କୁତେ କା ଔଲା ପ୍ରଭୃତି ଲେଖାଥିବା ପୋଷ୍ଟିଂଗୁଡ଼ିକ ରାହୁଲ ଫଟୋ ସହିତ ପୋଷ୍ଟି ହେବାରୁ ଉତେଜନା ବୃଦ୍ଧିପାଇ ତିନିମୁହାଣୀ ଅଂଚଳରେ ବହୁ ସଂଖ୍ୟକ ବ୍ୟକ୍ତି ଏକାଠି ହୋଇ ଏଭଳୀ ଘଟଣାର ପ୍ରତିବାଦ କରିଥିଲେ ଓ ରସ୍ତାରୋକ କରି କାର୍ଯ୍ୟାନୁଷ୍ଠାନ ଦାବି କରିବା ଘଟଣା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରେ ପହଂଚି ଥିଲା। ଖବରପାଇ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଘଟଣା ସ୍ଥଳରେ ପହଁଚି ଉତେଜିତ ଲୋକମାନଙ୍କୁ ଶାନ୍ତ କରିବା ସହ ଅପରପକ୍ଷଙ୍କ ପକ୍ଷରୁ ମମତା ଥାପ୍ପା ଓ ବଳରାମ ମହାରଣା ଇେଥିବା ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। କେନ୍ଦ୍ରାପଡ଼ା ଶାନ୍ତ ଥିଲାବେଳେ ଛୋଟିଆ କଥାକୁ ନେଇ ଉତେଜନା ଆରମ୍ଭ କରୁଥିବା ସେକ ଆରିଫ୍, ସେକ ଫରି ଓ ସେକ ରିଜୁଆନଙ୍କ ବିରୋଧରେ ଦିଆଯାଇଥିବା ଏଫ୍‌ଆଇଆର୍‌କୁ ଥାନା ଅଧିକାରୀ ଗ୍ରହଣ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶୃତି ଇେଥିଲେ। ତେବେ ୨୪ ଘଂଟା ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ତିନିମୁହାଣୀ ଠାରେ ରାସ୍ତାରୋକ କରାଯାଇ ଅଚଳ କରି ଦିଆଯିବ ବୋଲି ଧର୍ମରକ୍ଷା ସେନା ପକ୍ଷରୁ ଉମେଶ ଦାସ, ବଳରାମ ମହାରଣା, ବଜାର କମିଟି ସଭାପତି ବିବେକାନନ୍ଦ ମହାରଣା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବଲାଙ୍ଗିର ଜିଲ୍ଲା ପୌରପାଳିକାରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ବଲାଙ୍ଗିର, ୨୮/୦୯ (ନି.ପ୍ର): ବଲାଙ୍ଗିର ସହର ମଧ୍ୟରେ ଥିବା କଲେଜ ଛକ, କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପୌରପାଳିକାରେ କାର୍ଯ୍ୟରତ ସଫେଇ କର୍ମଚାରୀ ମାନଙ୍କ ସବିଶେଷ ସ୍ୱାସ୍ଥ୍ୟ ନିରୀକ୍ଷଣ, ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାଙ୍କ ବିଭିନ୍ନ ରୋଗ ଓ ସମ୍ଭାବ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ଯଥା ଉଚ୍ଚନିମ୍ନ ରକ୍ତଚାପ, ମଧୁମେହ, ଜ୍ୱରକାଶ, ମେଲେରିଆ, ଯକ୍ଷ୍ମା ଇତ୍ୟାଦିକୁ ତର୍ଜମା କରାଯାଇ ଉପଯୁକ୍ତ ସ୍ୱାସ୍ଥ୍ୟ ଓ ନିରନ୍ତର ସ୍ୱାସ୍ଥ୍ୟ ଯତ୍ନ ପାଇଁ ପରାମର୍ଶ ଦିଆଯାଇଥିଲା।

ଉପରୋକ୍ତ ସ୍ୱାସ୍ଥ୍ୟ ଶିବିରରେ ସର୍ବମୋଟ ୨୦୦ ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବାବେଳେ ପ୍ରାୟ ସତୁରି ଜଣ ନିଜ ରକ୍ତ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଇଥିଲେ । ସ୍ୱାସ୍ଥ୍ୟ ଶିବିରରେ ବଲାଙ୍ଗିର ପୌର ପାଳିକା ଉପଧକ୍ଷା ଶ୍ରୀମତୀ ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ ଏକ ଏମ) ପକ୍ଷରୁ ଜିଲ୍ଲା ଉପସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟ କିଶୋର ପତି. ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ । ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସହରାଚଂଳ ସ୍ୱାସ୍ଥ୍ୟ କେନ୍ଦ୍ର ଶାସ୍ତ୍ରୀ ନଗର ମେଡିକାଲ ଅଫିସର ଡା.ନିହାର ରଞ୍ଜନ ବହିଦାର, ଆୟୁଷମାନ ଆରୋଗ୍ୟ ମନ୍ଦିର ସହରାଚଂଳ ସ୍ୱାସ୍ଥ୍ୟକେନ୍ଦ୍ର କାନ୍ଧପାଲିର ମେଡିକାଲ ଅଫିସର ଡା. ନନ୍ଦକିଶୋର ପାଢ଼ୀ, ରାମାନୁଜ ପଣ୍ଡା, (ଏନ.ଏଚ. ଏମ.) ଏ ପି ଏମ ସ୍ୱାସ୍ଥ୍ୟ ଚିକିତ୍ସା ପରିଚାଳନା କରାଇଥିଲେ ।

ଦେବେସ ରାଉତ (ସ୍ୱାସ୍ଥ୍ୟ ନିରୀକ୍ଷକ (ଏନ୍‌ଏଚଏମ) ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିବା ବେଳେ ଉଭୟ ସହରାଚଂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ର ସଭ୍ୟସଭ୍ୟାଙ୍କ ସକ୍ରିୟ ଅଂଶଗ୍ରହଣରେ ପୌରପରିଷଦ ସଫେଇ କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ଶିବିର ସୁଚାରୁରୂପେ ସମ୍ପନ୍ନ ହୋଇଥିଲା ।

# ଓସିଏସ୍ ପରୀକ୍ଷାରେ ବଲାଙ୍ଗୀରରୁ ୭ଜଣ କୃତକାର୍ଯ୍ୟ: ପ୍ରଥମ ଉଦ୍ୟମରେ ୧୭ ର୍‍ୟାଙ୍କରେ ସୁପ୍ରିୟା ମିଶ୍ର

ବଲାଙ୍ଗୀର, ୨୮/୦୯ (ନି.ପ୍ର): ଶୁକ୍ରବାର ଦିନ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାଫଳ ପ୍ରକାଶ ପାଇଛି ଓ ଏଥିରେ ବଲାଙ୍ଗୀର ଜିଲ୍ଲାର ୭ଜଣ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। କେବଳ ବଲାଙ୍ଗୀର ସହରରୁ ୪ଜଣ ଯୁବକ/ଯୁବତୀ ଏଥିରେ କୃତକାର୍ଯ୍ୟ ହୋଇଥିବାବେଳେ ଟିଟିଲାଗଡ଼ରୁ ଦୁଇଜଣ ଓ କଂଟାବାଞ୍ଜିରୁ ଜଣେ କୃତକାର୍ଯ୍ୟ ହୋଇଛନ୍ତି। ବଲାଙ୍ଗୀର ସହରରୁ ସୁପ୍ରୀୟା ମିଶ୍ର (୧୭ର୍‍ୟାଙ୍କ), ରୋଶନ ପଟେଲ(୭୯ର୍‍ୟାଙ୍କ), ଅଟଳ ଦାସ(୨୦୧ର୍‍ୟାଙ୍କ), ଆଶିଷ ସୁନା(୨୭୪ ର୍‍ୟାଙ୍କ), ମୁରିବାହାଲ କନ୍ଦାଖାଲର ହେମରାଜ କୁମ୍ଭାର(୨୫୪ ର୍‍ୟାଙ୍କ), ଟିଟିଲାଗଡ଼ ଖୋଲାନର ବିଶାଳ ମହାନନ୍ଦ(୨୮୨ର୍‍ୟାଙ୍କ) ଓ କଂଟାବାଞ୍ଜିର ସଂଗୀତା ଜିନ୍ଦଲ(୨୮୮ ର୍‍ୟାଙ୍କ)ରେ ରହି କୃତକାର୍ଯ୍ୟ ହୋଇଛନ୍ତି। ବଲାଙ୍ଗୀର ସହର ତାଳପାଲି ପଡ଼ାର ଅବସରପ୍ରାପ୍ତ ଶିକ୍ଷକ କୁଳମଣୀ ମିଶ୍ର ଓ ଅବସରପ୍ରାପ୍ତ କୃଷି ପର୍ଯ୍ୟବେକ୍ଷକ ଶାନ୍ତିଲତା ମିଶ୍ରଙ୍କ ଝିଅ ସୁପ୍ରୀୟା(୨୬) ତାଙ୍କର ପ୍ରଥମ ପ୍ରୟାସରେ ୧୭ ତମ ର୍‍ୟାଙ୍କରେ ରହି ସଫଳ ହୋଇଛନ୍ତି। ସୁପ୍ରୀୟା ମିଶ୍ର ବୁର୍ଲା ଭିସୁଟ ଇଞ୍ଜିନିୟରି କଲେଜରୁ ୨୦୨୩ରେ ବିଜ୍ଞାନରେ ସମନ୍ୱିତ ସ୍ନାତକୋତରରେ ପାସ୍ କରି ଘରେ ରହି ଆଭାସୀ ଜରିଆରେ ଓସିଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ରମ୍ପା ସିଙ୍ଘୋଲ ଗାଁ ମୂଳ ନିବାସୀ ତଥା ଏବେ କନ୍ଧପାଲି ପଡ଼ାର ସେ ଗୌରବ ବଢାଇଛନ୍ତି। ବଲାଙ୍ଗୀର ମାଧିଆ ପାଲି ଗାଁର ସ୍ୱର୍ଗତ ଗିରିଶ ଚନ୍ଦ୍ର ପଟେଲ ଓ ଜ୍ୟୋତ୍ସ୍ନା ପଟେଲଙ୍କ ପୁଅ ରୋଶନ ପଟେଲ ୭୯ ର୍‍ୟାଙ୍କରେ ରହିଛନ୍ତି। ସେ ମାଟ୍ରିକ ପରେ ନବୋଦୟ କଲେଜରେ ଯୁକ୍ତଦୁଇ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ସ୍ନାତକ ପାସ କରି ଓ ସିଏସ ପାଇଁ ପ୍ରସ୍ତୁତ ହୋଇଥିଲେ। ସେହିପରି ମାଲପଡା ର ରାମ ଦାସ ଓ ଅନୟା ଦାସଙ୍କ ପୁଅ ଅଟଳ ଦାସ ୨୦୧ ର୍‍ୟାଙ୍କ ରେ ରହିଛନ୍ତି। ସେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ସାମାଜିକ ବିଜ୍ଞାନରେ ସ୍ନାତକୋତର ପାସ କଲାପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆଇନ ପାଠ ପଢୁଛନ୍ତି। ଠିକ ସେହିପରି ତାଳପାଲିପଡ଼ାର ଅବସରପ୍ରାପ୍ତ ପୁଲିସ ଏସ୍‌ଆଇ ଅଷ୍ଟମ ସୁନା ଓ ସୀତା ସୁନାଙ୍କ ପୁଅ ଆଶିଷ ସୁନା ୨୭୪ ର୍‍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଆଶିଷ ୨୦୧୪ରୁ ୨୦୧୯ ଯାଏଁ ଆଇଆଇଟି ମାଡ୍ରାସରୁ ଡିଗ୍ରୀ ହାସଲକରି ୨୦୨୦ ମସିହାରେ ଷ୍ଟେଟବ୍ୟାଙ୍କ ପିଓ ଚାକିରି କରୁଥିଲେ। ଏବେ ସେ ଓସିଏସରେ ସଫଳ ହୋଇଛନ୍ତି। ସେହିପରି ଟିଟିଲାଗଡ଼ ନିକଟସ୍ଥ କନ୍ଦାଖାଲ ଗାଁର ମାଗି କୁମ୍ଭାର ଓ ଶ୍ରୀମତୀ କୁମ୍ଭାରଙ୍କ ପୁଅ ହେମରାଜ କୁମ୍ଭାର ୨୫୪ ର୍‍ୟାଙ୍କ ଓ ଖୋଲାନର ବାଲେକ ମହାନନ୍ଦଙ୍କ ପୁଅ ବିଶାଳ ମହାନନ୍ଦ ୨୮୨ ର୍‍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। କଂଟାବାଞ୍ଜି ସହରର ସିଭିଲ ଇଞ୍ଜିନିୟର କମଳ କିଶୋର ଜିନ୍ଦଲ ଙ୍କ ଧର୍ମପତ୍ନୀ ସଂଗୀତା ଜିନ୍ଦଲ ୨୮୮ ର୍‍ୟାଙ୍କରେ ରହି ଓ ସିଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଜିଲ୍ଲାର ବିଭିନ୍ନ ମହଲରୁ ଏମାନଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ସେବା ପକ୍ଷ ପାଳନ ଅବସରରେ ବିଜେପି ପକ୍ଷରୁ ରକ୍ତଦାନ ଶିବିର

ବଲାଙ୍ଗୀର, ୨୮/୦୯ (ନି.ପ୍ର): ଗତକାଲି ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ରାଇପାଲି ଗାଁ ଠାରେ ସେବାପକ୍ଷ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୭ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବଲାଙ୍ଗୀର ସାଂସଦ ଶ୍ରୀମତୀ ସଂଗୀତା ସିଂଦେଓ ଯୋଗ ଦେଇଥିବାବେଳେ ବରିଷ୍ଠ ବିଜେପି ନେତା ଗୋପାଳ ଜୀ ପାଣିଗ୍ରାହୀ ଓ ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଶିବିରକୁ ସାଂସଦ ପ୍ରତିନିଧି ଶଶୀ ପାଣିଗ୍ରାହୀ, ମଣ୍ଡଳ ସଭାପତି ଗୌରୀଶଙ୍କର ଥାନାପତି, ବନବାସ ନାଏକ, ଉପ ସଭାପତି ସାନୁର୍ଜ୍ୟ କରଣ ପ୍ରମୁଖ ଆୟୋଜନ କରିଥିଲେ ଏବଂ ବ୍ଲଡ଼ ବ୍ୟାଙ୍କ ଅଧିକାରୀମାନେ ସୂଚରୁ ରୂପେ ପରିଚାଳନା କରିଥିଲେ।

# ବିପଦସଂକୁଳ ସ୍ଥିତିରେ ତୁର୍କେଲ ବ୍ରିଜ: ଦବିଗଲା ବ୍ରିଜ

ଭବାନୀପାଟଣା, ୨୮/୦୯ (ନି.ପ୍ର): ଭବାନୀପାଟଣା ଓ ଖରିଆର ୧୬ ନମ୍ବର ରାଜପଥରେ ଚହ ଗାଁ ଗ୍ରାମପଞ୍ଚାୟତ ଅଧୀନରେ ଥିବା ତୁର୍କେଲ ଗ୍ରାମର ନିକଟସ୍ଥ ତେଲ ନଦୀ ବ୍ରିଜ୍ ଦବି ଯାଇଛି। ଏହା ବିପଦସଂକୁଳ ସ୍ଥିତିରେ ରହିଛି। ବ୍ରିଜ୍‌ଟି ଖସି ପଡିବାର ସମ୍ଭାବନା ରହିଛି। ବୋର୍ଡା ଫାଣ୍ଡି ଅଧିକାରୀ ହେମନ୍ତ କୁମାର ପାତ୍ର ଖବର ପାଇ ସଙ୍ଗେ ସଙ୍ଗେ ବ୍ରିଜ ନିକଟକୁ ଯାଇ ଲୋକଙ୍କ ଯାତାୟାତ ସୁରକ୍ଷିତ କରିବା ସହିତ କୌଣସି ବସ କିମ୍ବା ଟ୍ରକ୍, ମୋଟର ସାଇକେଲ ଯାତାୟତ କରିବା ପାଇଁ ନିଷେଧ କରାଯାଇଛି। ତେଣୁ ଲୋକଙ୍କ ମୁଖ୍ୟ ରାସ୍ତା ହେତୁ ଯାତାୟାତରେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଘଟଣାସ୍ଥଳରେ ସଦର ବି.ଡି.ଓ. ଚନ୍ଦନ କୁମାର ଭୋଇ, ତହସିଲ ଦାର ମନୋରଞ୍ଜନ ନାଏକ, ଏସଡି ପିଓ, ପୂର୍ତ ବିଭାଗ ଯନ୍ତ୍ରୀ, ଆଇ.ଆଇ ସି କେଗାଁ, ମୁକୁନ୍ଦ ଦେବ ନାୟକ ନିର୍ଦ୍ଦେଶ କ୍ରମେ ସାଲେପଡ଼ା ଛକ ନିକଟରେ ସମସ୍ତ ବସ କିମ୍ବା ବଡ଼ ବଡ଼ ଟ୍ରକ୍, ପିକ ଅପ୍ ଯାତାୟତ ପାଇଁ ବନ୍ଦ କରାଯାଇଅଛି। ପୂର୍ବରୁ ପୂର୍ତ ବିଭାଗ ଯନ୍ତ୍ରୀଙ୍କ ସହ ସାମ୍ବାଦିକ ସୁଶିଲ କୁମାର ସାହୁ, ଜୟକୃଷ୍ଣ ବେହେରା, ଫିରୋଜ୍ କୁମାର୍ ଛୁରା ୧୬ ନମ୍ବର ରାଜପଥ ବିଷୟରେ ବାରମ୍ବାର ଅବଗତ କରାଇଥିଲେ କ୍ଷ ଲୋକଙ୍କ କହିବା ଅନୁସାରେ ଏହା ହେଉଛି ରାୟପୁରରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା । ଏହି ବ୍ରିଜକୁ ପ୍ରଶାସନ ଯଥାଶୀଘ୍ର ଠିକ୍ ନକଲେ ଲୋକେ ବହୁତ ଅସୁବିଧାର ସମ୍ମୁଖିନ ହେବେ ବୋଲି ଅଂଚଳବାସୀ କହିବା ସହ ପ୍ରଶାସନଙ୍କୁ ଅନୁରୋଧ କରୁଥିବା ପ୍ରକାଶ।

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ କାରାଦଣ୍ଡାଦେଶ

ବାରିପଦା, ୨୮/୦୯ (ନି.ପ୍ର): ମୟୂରଭଞ୍ଜ ଆଡ଼ ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଜଣକ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଅସିତ ବେହେରା(୨୫)। ସୂଚନା ଅନୁଯାୟୀ, ଗତ ୪/୧୧/୨୦୨୪ରେ ଅସିତ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣକ ସନ୍ଧ୍ୟାରେ ବଜାରରୁ ଘରକୁ ପ୍ରତ୍ୟାବର୍ତନ କରୁଥିବା ବେଳେ ଅସିତ ତାଙ୍କୁ ଅପହରଣ କରି ଘରକୁ ନେଇ ଯାଇଥିଲେ। ସେଠାରେ ନାବାଳିକାକୁ ଦୁଷ୍କର୍ମ କରିଥିଲେ। ଘଟଣା ବାବଦରେ କାହାକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ପିଡିତା ନାବାଳିକା ଜଣକ ଘରକୁ ଆସି ଘଟଣା ବାବଦରେ ଜଣାଇଥିଲା। ଏନେଇ ପରିବାର ଲୋକେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ପୀଡିତାର ବୟାନ ରେକର୍ଡ କରିଥିଲେ। ଅସିତକୁ ବୈଶିଙ୍ଗା ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତି କରି ଜଜ୍ ଉପରୋକ୍ତ ଶୁଣାଣୀ କରିଛନ୍ତି।

# ମାଲକାନଗିରି ଜିଲ୍ଲାର ନୂତନ ଆମ୍ଭୁସମ୍ୟାନ ହେଲେ ନୃସିଂହ ଚରଣ ମହାନ୍ତି

ମାଲକାନଗିରି, ୨୮/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ନୂତନ ଆମ୍ଭୁସମ୍ୟାନ ଭାବେ ନୃସିଂହ ଚରଣ ମହାନ୍ତିଙ୍କୁ ଚୟନ କରାଯାଇଛି । ଜିଲ୍ଲାର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଗତ ଦୁଇବର୍ଷ ଧରି ଖାଲି ରହିଥିଲା। ଏହି ପଦବୀର ଅନେକ ଭୂମିକା ଓ ମହତ୍ୱ ରହିଛି, ତେବେ ପଦବୀ ଦୌଡ଼ରେ ଅନେକ ବ୍ୟକ୍ତିବିଶେଷ ରହିଥିବାବେଳେ ପରିଶେଷରେ ଏହି ପଦବୀ ପାଇଁ ଶ୍ରୀ ମହାନ୍ତିଙ୍କୁ ଚୟନ କରାଯାଇଛି। ଦୀର୍ଘ ବର୍ଷ ଧରି ଶ୍ରୀ ମହାନ୍ତି ଜିଲ୍ଲାର ଜଣେ ଖ୍ୟାତନାମ ତଥା ବରିଷ୍ଠ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ଜିଲ୍ଲାରେ ସେ ଜଣେ ଜଣାଶୁଣା ସମାଜସେବୀ ଭାବେ ପରିଚିତ ଅଟନ୍ତି। ଅନେକ ସମୟରେ ସେ ଅସହାୟ ଓ ଗରିବ ଲୋକଙ୍କୁ ସହାୟତା ପ୍ରଦାନ ଭଳି କାର୍ଯ୍ୟ ଠାରୁ ଆରମ୍ଭ କରି ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ, ଦାଦନ ଶ୍ରମିକ ଭଳି ପ୍ରଥା ବନ୍ଦ ଦିଗରେ ସେ ବେଶ୍ ଦୃଷ୍ଟି ଦେଉଥିଲେ। ସେ କେବଳ ଜଣେ ସାମ୍ବାଦିକ ନୁହନ୍ତି ବରଂ ଜଣେ ବରିଷ୍ଠ ଆଇନଜୀବି ଭାବେ ଅନେକ ଗରିବ ଓ ଅସହାୟ ଲୋକଙ୍କୁ ବିଭିନ୍ନ ମାମଲାରେ ସହାୟତା କରିଛନ୍ତି। ସୂଚନା ଥାଉକି ଶ୍ରୀ ମହାନ୍ତି ପୂର୍ବରୁ ଜିଲ୍ଲା ଓକିଲ ସଂଘର ସଭାପତି, ଜିଲ୍ଲା ଲୟର୍ସ ଆସୋସିଏସନ ସଭାପତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ତେଣୁ ତାଙ୍କୁ ଏହି ପଦବୀ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଯାଇଛି। ତେବେ ଓଡ଼ିଶା ସରକାରଙ୍କ ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠି ସଂଖ୍ୟା ୨୭୧୧୯/୨୫ ଅନୁଯାୟୀ ଶ୍ରୀ ମହାନ୍ତିଙ୍କୁ ଏହି ଦାୟିତ୍ୱ ମିଳିଥିବା ଜଣାପଡ଼ିଛି।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ, ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ଶିବିର ଅନୁଷ୍ଠିତ

ଜୟପୁର, ୨୮/୦୯ (ନି.ପ୍ର): ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ, ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ଶିବିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ କୋରାପୁଟ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ସର୍ବ ବୃହତ ବ୍ଲକ ବୋରିଗୁମ୍ମା ବ୍ଲକ ୩୧ ଗୋଟି ପଂଚାୟତର ମାଆ ମାନେ କିଭଳି ହାତ ପାନ୍ତାରେ ଉତମ ଚିକିତ୍ସା ପାଇପାରିବେ ସେଥିପାଇଁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଆରମ୍ଭ ହୋଇଛି। ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୦୦ରୁ ଉର୍ଦ୍ଧ୍ୱ ପଞ୍ଜିକରଣ ହୋଇଥିଲା। ଏଥି ସହ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ମୋଟ ୪୦ ୟୁନିଟ ରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଦନ୍ତ, କର୍ଣ ଗଳା ଓ ନାସା, ଅସ୍ଥିଶଲ୍ୟ, ଚକ୍ଷୁ, ଚର୍ମ ଭଳି ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା କରିଥିଲେ। ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗ ଦେଇଥିଲେ।

## ରାଜପଥରେ ବସ୍ ଦୁର୍ଘଟଣା : ତିନି ଆହତ

କୋରେଇ, ୨୮/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋତି ନିକଟସ୍ଥ ପୁରୁଣା ଟୋଲଗେଟ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ବସ୍ ଦୁର୍ଘଟଣାରେ ଅଳ୍ପକେ ଯାତ୍ରୀ ବର୍ତୀ ଯାଇଥିବା ବେଳେ ଆଗରେ ବସିଥିବା ୩ ଜଣ ଆହତ ହୋଇଛନ୍ତି । ପ୍ରକାଶଯେ ଭୁବନେଶ୍ୱରରୁ କଲିକତା ଅଭିମୁଖେ ୫୫ ଜଣ ଯାତ୍ରୀଙ୍କୁ ନେଇ ଆରିୟନ ନାମକ ଏକ ଘରୋଇ ବସ ନମ୍ବର ( ଡବ୍ଲ୍ୟୁବି ୪୯ଏନ ୧୦୪୨) ବାହାରିଥିଲା। ୧୬ ନମ୍ବର ଜାତୀୟ ରାପଥର ସୋତି ଗ୍ରାମ ନିକଟସ୍ଥ ପୁରୁଣା ଟୋଲ ଗେଟ ନିକଟରେ ଦ୍ରୁତଗତିରେ ଆସୁଥିବା ବସ୍ ଟି ଏକ ହାଇୱା ପଛରେ ପିଟି ହୋଇଥିଲା। ଫଳରେ ବସ୍ ର ଆଗଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଥିବା ବେଳେ ଖଲାସୀ ପଟଟି ସମ୍ପୂର୍ଣ୍ଣ ଭିତରକୁ ପସି ଯାଇଥିଲା। ଫଳରେ ଆଗରେ ବସିଥିବା ତିନି ଜଣ ଆହତ ହୋଇଥିଲେ ।

# ନିଷ୍ଠା ଓ ଦୃଢ ଇଚ୍ଛା ଶକ୍ତି ଆଗରେ ହାର ମାନିଲା ସଫଳତା

ଜୟପୁର, ୨୮/୦୯ (ନି.ପ୍ର): ନିଷ୍ଠା ଓ ଦୃଢ ଇଚ୍ଛା ଶକ୍ତି ଆଗରେ ହାର ମାନେ ସଫଳତା । ଆଉ ତାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗତକାଲି ପ୍ରକାଶ ପାଇଥିବା ଓଡିଶା ପ୍ରଶାସନିକ ସେବାର କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କ ସଫଳତାର ଗାଥା। ରାଜ୍ୟର ଅନେକ ଛାତ୍ର ଛାତ୍ରୀ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିଲେ ବି ଏମିତି କିଛି ଛାତ୍ରଛାତ୍ରୀ ଅଛନ୍ତି ଯେଉଁମାନେ ଅନେକ ଛାତ୍ରଛାତ୍ରୀ ଓ ଯୁବପିଢୀଙ୍କ ପାଇଁ ଏକ ଉଦାହରଣ ସାଜିଛନ୍ତି। ଏ ହେଉଛନ୍ତି ସଂଗ୍ରାମ ହିକୋକା । ଏବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଇଂରାଜୀ ପିଜିର ଦ୍ୱିତୀୟ ବର୍ଷର ଛାତ୍ର । ହେଲେ ସଂଗ୍ରାମଙ୍କ ଲକ୍ଷ ଥିଲା ଯେ ଜଣେ ପ୍ରଶାସନିକ ଅଧିକାରୀ ହେବା। ସେଇ ଲକ୍ଷ ନେଇ ଓଡ଼ିଶା ପ୍ରଶାସନିକ ସେବା ନିମନ୍ତେ ନିଜର ପ୍ରସ୍ତୁତି ଜାରି ରଖିଥିଲେ। ଯାହାକି ବିନା କୋଚିଂରେ ସଂଗ୍ରାମ ୩୮୮ ରାଙ୍କ ରଖି ଉତୀର୍ଣ୍ଣ ହୋଇଛନ୍ତି ଯାହାକି ନିଜ ପରିବାର ସହ ସାଙ୍ଗ ସାଥିଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ସଂଗ୍ରାମଙ୍କ ସଫଳତା ପଛରେ ମଧ ଏକ କାହାଣୀ ରହିଛି ଯାହାକି ଗତ ୨୦୨୩ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଂଗ୍ରାମଙ୍କ ବଡ଼ ଭଉଣୀ ମଧ ୪୧୩ ରାଂକ ରେ କୃତକାର୍ଯ୍ୟ ହୋଇ ଏବେ ଅତିରିକ୍ତ ଶ୍ରମ ଅଧିକାରୀ ଭାବେ ଜିଲ୍ଲା ଶ୍ରମ ବିଭାଗରେ କାର୍ଯ୍ୟରତ। ସେପଟେ ପରିବାରରେ ମାଙ୍କ ସହ ତିନି ଭାଇ ଭଉଣୀ ଘରେ ରୁହନ୍ତି। ମା ଉମା ମାହେଶ୍ୱରୀ ହେଉଛନ୍ତି ଜୟପୁର ବ୍ଲକ କାର୍ଯ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ବା ପିଅନ ଭାବେ କାର୍ଯ୍ୟରତ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପୁଅ ଝିଅ ଏପରି ସଫଳତା ପାଇବା ପରେ ଆଜି ବ୍ଲକ ବିଡ଼ିଓ ଶକ୍ତି ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକରିମାନେ ଉମାଙ୍କ ଘରେ ପହଂଚି ଶୁଭେଚ୍ଛା ଜଣାଇଥିଲେ। ସେପଟେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ସଂଗ୍ରାମ ଓ ତାଙ୍କ ବଡ ଭାଇ ଦୁଇ ଜଣ ପ୍ରସ୍ତୁତ ହୋଇ ପରୀକ୍ଷା ଦେଇଥିଲେ ବି ବଡ଼ଭାଇ କୃତକାର୍ଯ୍ୟ ହୋଇ ପାରି ନାହାନ୍ତି।

# ଧାମରା ଅଂଚଳବାସୀଙ୍କ ପ୍ରତି ଦେଇଥିବା କଟାକ୍ଷ ମନ୍ତବ୍ୟକୁ ବିରୋଧ କରି ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୨୭ ସେପ୍ଟେମ୍ବର (ହି.ସ.) - ଭଦ୍ରକ ଜିଲ୍ଲାରେ ଜୈନିକ ବ୍ୟକ୍ତି ଏକ ଟ୍ରକ ଟିପ୍ପର ସଂଘରେ ନିଜେ ଦେଇଥିବା ଏକ ବିବୃତି ଏକ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେଉଥିବା ବେଳେ ଏହାକୁ ପ୍ରତ୍ୟାହାର କରିବା ପାଇଁ ଅଂଚଳବାସୀ ଦାବୀ ଜଣାଇଛନ୍ତି। ଆଜି ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ, ଭଦ୍ରକ ଅଂଚଳର ଜୈନିକ ବ୍ୟକ୍ତି ନିଜ ମନମାନୀରେ ବିଜେପି ର ରାଜ୍ୟ ସଭାପତିଙ୍କୁ କଟାକ୍ଷ କରି ଧାମରା ୭ ପଂଚାୟତବାସୀଙ୍କ ପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇ ପାରିଲେ ନାହିଁ , ଧାମରା ବନ୍ଦର ମଧ୍ୟରେ କେବଳ ଧାମରା ଅଂଚଳବାସୀ ଙ୍କୁ ନିଯୁକ୍ତି ଦିଆଯାଇଛି ଏଥିସହ ଧାମରା ବନ୍ଦର ମଧ୍ୟରେ ଧାମରା ଅଂଚଳବାସୀ କେବଳ କଣ ନିଜ ନିଜର ଟ୍ରକ ଏବଂ ଟିପ୍ପରକୁ ଭଡା ଲଗାଇ ରୋଜଗାର କରିବେ ଜିଲ୍ଲାବାସୀ ଭକୁଆ ହୋଇ ଚାହିଁ ରହିଥିବେ ବୋଲି ପ୍ରଶ୍ନ କରିବା ସହ ଧାମରା ଅଂଚଳର ଜଣେ ବ୍ୟକ୍ତି କେବଳ ଗୋଟିଏ ଟ୍ରକ ଭଡାରେ ଲଗାଇ ପାରିବ ବୋଲି ସଂପୃକ୍ତ ବ୍ୟକ୍ତି ମତ ରଖିଥିଲେ। ଆଜି ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସଂପୃକ୍ତ ବ୍ୟକ୍ତିଙ୍କ ଏହି ହୀନ ମାନସିକତାକୁ ଅଂଚଳବାସୀ ଘୋର ନିନ୍ଦା କରିବା ସହ ଭଦ୍ରକ ଜିଲ୍ଲାରେ ୨ଟି ଶିଳ୍ପ ସଂସ୍ଥା ଅଛି ସେ ମଧ୍ୟରୁ ଭଦ୍ରକ ଜିଲ୍ଲାର ଫେକର ଏବଂ ଧାମରା ବନ୍ଦର। ଫେକର ରେ କେବଳ ଭଦ୍ରକ ଜିଲ୍ଲାର କେନ୍ଦ୍ର ସ୍ଥଳରୁ ଯୁବକ ଯୁବତୀ ମାନେ ନିଯୁକ୍ତି ପାଇଥିବା ବେଳେ ଧାମରା ବନ୍ଦର ମଧ୍ୟରେ ସାରା ରାଜ୍ୟର ଯୁବକ ଯୁବତୀ ନିଯୁକ୍ତି ପାଇଛନ୍ତି। ଏଥିସହ ହାତଗଣତି ଲୋକଙ୍କୁ ଛାଡିଦେଲେ ବର୍ତମାନ ସ୍ଥିତିରେ କେବଳ ଧାମରା ଅଂଚଳବାସୀ ନୁହନ୍ତି, ବାଲେଶ୍ୱର କେଉଁଝର ଏବଂ ଅନ୍ୟାନ୍ୟ ଜିଲ୍ଲାର ଟ୍ରକ ଏବଂ ଟିପ୍ପର ଗୁଡିକ ଧାମରା ବନ୍ଦର ମଧ୍ୟରେ ଲୁହା ପଥର , କୋଇଲା ,ଜିପସମ,ଚୁନ ପଥରେ ଇତ୍ୟାଦି ପରିବହନରେ ଭାଗିଦାର ଅଛନ୍ତି। ସଂପୃକ୍ତ ବ୍ୟକ୍ତି ଜଣଙ୍କର ଏପରି ମନ୍ତବ୍ୟକୁ ଧାମରା ଅଂଚଳବାସୀ ବିରୋଧ କରିବା ସହ ଏଭଳି ହୀନ ମାନସିକତାକୁ ବିରୋଧ କରିଛନ୍ତି।ସଂପୃକ୍ତ ବ୍ୟକ୍ତି ଜଣକ ଅନ୍ୟ ଏକ ରାଜନୈତିକ ଦଳର ହୋଇଥିବା ବେଳେ ସଂପୃକ୍ତ ବ୍ୟକ୍ତି ବିଶେଷ ବିଜେପି ରାଜ୍ୟ ସଭାପତିଙ୍କ ପ୍ରତି ଏଭଳି ଦାୟିତ୍ୱ ହୀନ ମନ୍ତବ୍ୟକୁ ଆମେ ଘୋର ବିରୋଧ କରୁଛୁ। ସଂପୃକ୍ତ ବ୍ୟକ୍ତି ବିଶେଷ ଦେଇଥିବା ମନ୍ତବ୍ୟ ଭଦ୍ରକ ଜିଲ୍ଲାକୁ ଭାଗ ଭାଗ କରି ନିଜର ରାଜନୈତିକ ଫାଇଦା ହାସଲ କରିବାକୁ ଚେଷ୍ଟା କରୁଥିବାରୁ ସଂପୃକ୍ତ ବ୍ୟକ୍ତି ବିଶେଷ ଏଭଳି ମାନସିକତାରୁ କ୍ଷାନ୍ତ ରହିବା ଦରକାର ବୋଲି ମତ ପ୍ରକାଶ ପାଇଥିଲା।

# ଶାକ୍ତ ଧର୍ମ ଉପାସନାର ଭାବ ବିଭବ



ଡକ୍ଟର ଲକ୍ଷ୍ମଣ ସାହୁ

ମାତୃଶକ୍ତି ବିଶ୍ୱର ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳ ଉତ୍ସ ବୋଲି ଗ୍ରହଣ କରାଯାଇଛି । ଏହି ଶକ୍ତିର ଉପାସକମାନଙ୍କୁ ଶାକ୍ତ ରୂପରେ ବିଦିତ କରାଯାଇଛି ଓ ସେମାନଙ୍କ ଦ୍ୱାରା ଅନୁସୃତ ଉପାସନାର ରୀତି ଶାକ୍ତଧର୍ମ ନାମରେ ଅଭିହିତ ହୋଇଛି । ଶୈବଧର୍ମରୁ ଶାକ୍ତଧର୍ମର ସୃଷ୍ଟି ଘଟିଥିବା ଆଲୋଚକମାନେ ମତବ୍ୟକ୍ତ କରିଥିବା ବେଳେ ଏହା ପରବର୍ତ୍ତୀ କାଳରେ ଶକ୍ତିଙ୍କ ପ୍ରାଧାନ୍ୟ ଯୋଗୁ ଶାକ୍ତଧର୍ମରେ ପରିଣତ ହୋଇଛି । ସାଂଖ୍ୟ ଦର୍ଶନରେ କୁହାଯାଇଛି ପୁରୁଷ(ଶିବ) ଶକ୍ତିହୀନ ଓ ପ୍ରକୃତି ଶକ୍ତିର ଉତ୍ପାଦନକାରିଣୀ । ଏହି ଦୃଷ୍ଟିରୁ ଶିବଙ୍କ ଠାରୁ ଶକ୍ତିସ୍ୱରୂପିଣୀ ମା' ନିଶ୍ଚିତ ଭାବରେ ଶ୍ରେଷ୍ଠ । ଶାକ୍ତ ଶାସ୍ତ୍ରାନୁସାରେ ଶିବ ଶବ ସଙ୍ଗେ ସମାନ ଓ ଶବରେ ଶକ୍ତିଯୁକ୍ତ ହେବା ପରେ ଶବ ଶିବରେ ପରିଣତ ହୁଅନ୍ତି । ତେଣୁ ସାଂଖ୍ୟ ଦର୍ଶନାନୁଯାୟୀ ଶୈବଧର୍ମ ଓ ଶାକ୍ତଧର୍ମ ମଧ୍ୟରେ ଶାକ୍ତଧର୍ମ ଶ୍ରେଷ୍ଠ ବୋଲି ଧରାଯାଏ । ଶାକ୍ତମାନେ ଶକ୍ତିକୁ ବ୍ରହ୍ମ ବୋଲି ବା ବ୍ରହ୍ମର କାର୍ଯ୍ୟକାରିଣୀ ଶକ୍ତି ଭାବରେ ଗ୍ରହଣ କରିଛନ୍ତି । ଜୀବ ବ୍ରହ୍ମମୁଖୀ ହେବାଲାଗି ଶକ୍ତିର ସାହାଯ୍ୟ ନେଇଥାଏ, କାରଣ ଶକ୍ତିବିନା ବ୍ରହ୍ମର ଜାଗ୍ରତ ହୁଏନାହିଁ, ତେଣୁ ବ୍ରହ୍ମ ଠାରୁ ଶକ୍ତି ଶ୍ରେଷ୍ଠ କୁହାଯାଇପାରେ ।

ଶାକ୍ତ ଉପାସନା ଅତି ପ୍ରାଚୀନ । କୁହାଯାଏ ଶାକ୍ତଧର୍ମର ଉତ୍ପତ୍ତି ଆର୍ଯ୍ୟ ଓ ଆର୍ଯ୍ୟେତରର ବିଶ୍ୱାସ ଓ ସମନ୍ୱୟରୁ ଘଟିଛି । ପ୍ରାକ୍-ବୈଦିକ କାଳରୁ ପୃଥିବୀମାତା ବା ମାତୃକା ପୂଜାହିଁ ଶାକ୍ତ ସଂସ୍କୃତିର ମୂଳଭିତ୍ତି । ମହେଞ୍ଜୋଦାରୋ ଓ ହରପ୍ପାରୁ ମିଳିଥିବା ଏକ ଉଲ୍ଲଗ୍ନ ନାରୀମୂର୍ତ୍ତିକୁ ସାର୍ ଜନ୍ ମାର୍ଶାଲ ପୃଥିବୀମାତାର ମୂର୍ତ୍ତି ବୋଲି ଦର୍ଶାଇଛନ୍ତି । ତେଣୁ ଭାରତରେ ପ୍ରତୀକାତ୍ମକ ଶକ୍ତି ଉପାସନାର ଏହା ପ୍ରାଚୀନତା ପ୍ରମାଣ । ଭାରତ ବ୍ୟତୀତ ଇରାନ, ମେସୋପଟାମିଆ, ଇଜିପ୍ଟ ଆଦି ସ୍ଥାନମାନଙ୍କରେ ଶକ୍ତିପୂଜା ପ୍ରଚଳନର ସଂକେତ ମିଳିଥାଏ ।



ବୈଦିକ କର୍ମକାଣ୍ଡରେ ଦେବତାମାନଙ୍କ ସହ ଦେବୀମାନଙ୍କ ନାମୋଲ୍ଲେଖ ରହିଛି । ସେମାନଙ୍କ ମଧ୍ୟରେ ଅଦିତି, ଦିତି, ଉଷା, ସରସ୍ୱତୀ, ପୃଥ୍ୱୀ, ବାକ୍, ରାତ୍ରୀ, ରେବତୀ, ଇନ୍ଦ୍ରାଣୀ, ବରୁଣାଣୀ, ରୁଦ୍ରାଣୀ, ଆଗ୍ନେୟୀ ଆଦି ପ୍ରଧାନ । ଏହି ଦେବୀଗଣ ପରେ ପୃଥ୍ୱୀ ପୃଥିବୀ ରୂପେ, ଉଷା କୌଶିକୀ, କାଳିକା ଓ ପାର୍ବତୀ ରୂପେ ପରିଚିତା ହୋଇଥିବା ବେଳେ ଅଦିତି ଦେବଗଣ ଓ ବିଶ୍ୱବ୍ରହ୍ମାଣ୍ଡର ଜନନୀ ରୂପେ, ସରସ୍ୱତୀ ନଦୀର ଅଧିଷ୍ଠାତ୍ରୀ ଦେବୀ ତତ୍ ସଙ୍ଗେସଙ୍ଗେ ଜ୍ଞାନ ଓ ବିଦ୍ୟାର ଦେବୀରୂପେ ସ୍ୱତନ୍ତ୍ର ଅଧିକାରିଣୀ ଅଟନ୍ତି । ସେଭଳି ପୁରନ୍ଧ୍ରି ପ୍ରାଚୁର୍ଯ୍ୟ ଦେବୀରୂପେ, ଇଡା ପୁଷ୍ଟିର ଦେବୀରୂପେ ବୈଦିକ ଋଷିଗଣ ଅଭିହିତ କରିଛନ୍ତି । ବେଦ ପରବର୍ତ୍ତୀ ସାହିତ୍ୟରେ ଏସବୁ ଦେବୀମାନଙ୍କ ନାମ ଭିନ୍ନଭିନ୍ନ ରୂପେ ଓ ନାମରେ ଗ୍ରହଣ କରି ଶକ୍ତି ଉପାସନା କରାଯାଇଛି । ବାଗ୍ଦେବୀସୂକ୍ତ ନାମରେ ଖ୍ୟାତ ଥିବା ଆଠଟି ମନ୍ତ୍ରରେ ସ୍ୱୟଂ ବାଗ୍ଦେବୀ ପ୍ରକାଶ କରନ୍ତିଯେ , ସେ ରୁଦ୍ର ଓ ବସୁଗଣଙ୍କ ସଙ୍ଗରେ ବିଚରଣ କରନ୍ତି, ଆଦିତ୍ୟ ଓ ଦେବଗଣଙ୍କ ସହ ବାସକରନ୍ତି , ଏପରିକି ବରୁଣ, ଇନ୍ଦ୍ର, ଅଗ୍ନି, ଅଶ୍ୱିନୀ କୁମାରଙ୍କୁ ଧାରଣ କରନ୍ତି । ତେଣୁ ବୈଦିକ ଋଷିଗଣ ଦେବତାମାନଙ୍କ ସହ ଦେବୀମାନଙ୍କୁ ଉପଲବ୍ଧି କରିଥିଲେ, ଯାହାର ଫଳସ୍ୱରୂପ ବାଗ୍ଦେବୀ ସୂକ୍ତଟି ଦେବୀସୂକ୍ତ ନାମରେ ନାମିତ ହୋଇ ଶାକ୍ତ ଭାବନାର ମୂଳଭିତ୍ତିକୁ ସୁଦୃଢ କରିଥିଲା ।

ସେଭଳି ବେଦୋତ୍ତର ସାହିତ୍ୟରେ ଶକ୍ତିଙ୍କ ଜୟଗାନ କରାଯାଇଛି । ଶାକ୍ତଧର୍ମର ଶ୍ରେଷ୍ଠ ଦେବୀ ଅମ୍ବିକା, ଉମା, ଦୁର୍ଗା, କାଳୀ ଆଦିଙ୍କ ପ୍ରସଙ୍ଗ ତୈତ୍ତିରୀୟ ବ୍ରାହ୍ମଣ, ଆରଣ୍ୟକ, ବାଜସନେୟୀ ସଂହିତା, କନୋପନିଷଦ, ଶ୍ୱେତାଶ୍ୱତରୋପନିଷଦ ଆଦିରେ ଉଲ୍ଲେଖ ରହିଛି । 'ବାଜସନେୟୀ' ସଂହିତାରେ ପ୍ରଥମେ ଦୁର୍ଗାଙ୍କ ନାମ ଥିବାବେଳେ, ତୈତ୍ତିରୀୟ ବ୍ରାହ୍ମଣରେ ଅମ୍ବିକାଙ୍କୁ ରୁଦ୍ରଙ୍କ ଭଗ୍ନୀ ଭାବେ ପରିକଳ୍ପନା କରାଯାଇଛି । କିନ୍ତୁ 'ତୈତ୍ତିରୀୟ ଆରଣ୍ୟକ'ରେ ରୁଦ୍ର ଅମ୍ବିକାଙ୍କ ପତି (ଅମ୍ବିକାପତୟେ) ଭାବରେ ସମ୍ବୋଧିତ କରାଯାଇଛି । ତେଣୁ ସେ ରୁଦ୍ରଙ୍କ ପତ୍ନୀ ଭାବରେ ପ୍ରସିଦ୍ଧ ଲାଭ କରିଥିବା ବେଳେ, ଉମାଙ୍କ ପରିଚୟ ସର୍ବପ୍ରଥମେ 'କେନୋପନିଷଦ' ମିଳିଥିଲା । ସେଥିରେ ତାଙ୍କୁ ଅଗ୍ନି, ବାୟୁ, ଇନ୍ଦ୍ର ପ୍ରମୁଖ ବୈଦିକ ଦେବତାଙ୍କ ଠାରୁ ଅଧିକ ପ୍ରଧାନ୍ୟ ଦିଆଯାଇଥିଲା । ଯଦିଓ ପରବର୍ତ୍ତୀ ସମୟରେ ଉମା, ଅମ୍ବିକାଙ୍କ ସହିତ ଏକ ହୋଇଥିବା ବହୁ ଆଖ୍ୟାୟିକାରୁ ଜଣାଯାଇଛି ।

ସେଭଳି 'ତୈତିରୀୟ ଆରଣ୍ୟକ'ରେ ଦୁର୍ଗା ନାମଟିର ପ୍ରଚଳନ ଦେଖାଯାଏ । ଏହାର ଦଶମ ଖଣ୍ଡରେ ବର୍ଣ୍ଣିତ ଦୁର୍ଗାଗାୟତ୍ରୀରେ ଦେବୀଙ୍କ କନ୍ୟାକୁମାରୀ, କାତ୍ୟାୟିନୀ ଦୁର୍ଗି ନାମ ପରିହିତା ସଙ୍କେତ ମିଳିଥାଏ । 'ତୈତିରୀୟରେ ଆରଣ୍ୟକ'ରେ ଉଲ୍ଲେଖ ଅଛି -

'କାତ୍ୟାୟନୀୟ ବିଦ୍ମହେ କନ୍ୟାକୁମାରୀ, କାତ୍ୟାୟିନୀ, ଦୁର୍ଗି ପ୍ରଚୋଦୟାତ୍ ।'

ଏହି ଦୁର୍ଗିହିଁ ଦୁର୍ଗାର ସମାନାର୍ଥକ ଶବ୍ଦ । ଦୁର୍ଗର ରକ୍ଷାକର୍ତ୍ତୀ ହିଁ ଦୁର୍ଗା । ଭାରତୀୟ ଧର୍ମ ଧାରଣାରେ ମା'ଦୁର୍ଗା ଏକ ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଅଧିକାରିଣୀ । ଏହି ଦୁର୍ଗା ଶବ୍ଦଟିର ବ୍ୟାକରଣ ଅର୍ଥ ଦୁର୍ଗେୟ ଓ ଏହାର ଆଭିଧାନିକ ଅର୍ଥ ମା' ବା ମାତୃ ସ୍ୱରୂପାକୁ ବୁଝାଇଥାଏ । ବେଦ, ଉପନିଷଦ, ପୁରାଣ ଆଦିରେ ଶକ୍ତିର ଅର୍ଥାତ୍ ଶକ୍ତିର ମହିମା ପ୍ରକଟିତ ହୋଇଛି । ଫଳତଃ ଦେଶର ପ୍ରତି ପ୍ରାନ୍ତରରେ ଗୁଞ୍ଜରିତ ହୋଇଉଠେ ମାତୃଶକ୍ତିର ସ୍ତୁତି-

'ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ
ନମସ୍ତସୈ ନମୋ ନମଃ ।'

ସମଗ୍ର ବିଶ୍ୱରେ ପ୍ରତ୍ୟେକ ବସ୍ତୁରେ ଦେବୀ ଶକ୍ତି ରୂପେ ଅବସ୍ଥାନ କରୁଛନ୍ତି । ତାଙ୍କଠାରୁ ପ୍ରତ୍ୟେକ ବସ୍ତୁର ସୃଷ୍ଟି, ତାଙ୍କରି କୋଳରେ ସବୁରିର ଅବସ୍ଥିତି, ପୁଣି ତାଙ୍କରି ଠାରେ ସମସ୍ତଙ୍କର ଶେଷ ପରିଣତି । ତାଙ୍କ ସହାୟତା ବିନା ଶିବ ମଧ୍ୟ ଶବ ପରି ଶକ୍ତିହୀନ ହୋଇପଡନ୍ତି । ଶଙ୍କରାଚାର୍ଯ୍ୟ 'ଆନନ୍ଦ ଲହରୀ'ରେ ଉଲ୍ଲେଖ କରିଛନ୍ତି :

'ଶିବଃ ଶକ୍ତ୍ୟାୟୁକ୍ତୋ ଯଦି ଭବତି ଶକ୍ତ ପ୍ରଭବିତୁଂ
ନଚେ ଦେବ ଦେବଃ ଖଳୁ କୁଶଳ ସ୍ପନ୍ଦିତୁମପି ।'

ଅର୍ଥାତ୍ ଶକ୍ତି ଯୁକ୍ତ ହେଲେ ଶିବ ବିଶ୍ୱ ପ୍ରକାଶ କରି ପାରନ୍ତି । ନଚେତ୍, ଶକ୍ତିହୀନ ହୋଇ ହଲିବାକୁ ମଧ୍ୟ ସମର୍ଥ ହୋଇପାରନ୍ତି ନାହିଁ । ଦୁର୍ଗାଙ୍କ ମହିମା ସଂପର୍କରେ 'ତୈତିରୀୟ ଆରଣ୍ୟକ'ର ପରବର୍ତ୍ତୀ ଅନୁବାକ୍ ରେ ଅଧିକ ସ୍ପଷ୍ଟ କରାଯାଇଛି । ସେଥିରେ ତାଙ୍କୁ ଅଗ୍ନିବର୍ଣ୍ଣା ତପ୍ତପ୍ରଦୀପ୍ତା ସୂର୍ଯ୍ୟ ବା ଅଗ୍ନିଙ୍କ କନ୍ୟା ରୂପେ ସମ୍ବୋଧିତା କରାଯାଇଛି । 'ମୁଣ୍ଡକୋପନିଷଦ'ରେ ଅଗ୍ନିଙ୍କ ସପ୍ତଜିହ୍ୱା ମଧ୍ୟରୁ ଦୁଇଟି ଜିହ୍ୱାକୁ କାଳୀ, କରାଳୀ, କରାଳୀ ନାମରେ ନାମିତ ହୋଇଛି । ପରବର୍ତ୍ତୀ ସମୟରେ ଅଗ୍ନିଙ୍କ ଏହି ସପ୍ତଜିହ୍ୱାକୁ ସପ୍ତମାତୃକା ଭାବରେ ସ୍ୱୀକୃତା କରାଯାଇଥିବା ମନେହୁଏ । ଦେବୀଙ୍କର ମହିମା ଗାନରେ ବିଶେଷ କରି ବହ୍ୱୃଚୋପନିଷଦ, ଦେବୀ ଉପନିଷଦ, ତ୍ରିପୁରାତାପିନୀ ଉପନିଷଦ, ସରସ୍ୱତୀ ରହସ୍ୟୋପନିଷଦ, ସୀତୋପନିଷଦ, ତ୍ରିପୁରା ଉପନିଷଦ, ଭାବନୋପନିଷଦ ପ୍ରମୁଖରେ ଶାକ୍ତ ଉପନିଷଦମାନ ବହୁ ପରିମାଣରେ ପ୍ରଣିତ ହୋଇଛି । 'ଋଗ୍ ବେଦ'ର ପରିଶିଷ୍ଟରେ ଦୁର୍ଗାଙ୍କୁ ଅନ୍ୟ ଏକ ନାମରେ ଅର୍ଥାତ୍ ଐଶ୍ୱର୍ଯ୍ୟ ଶାଳିନୀ ଲକ୍ଷ୍ମୀ ଭାବରେ ଦର୍ଶାଇ ଦିଆଯାଇଛି ।

ପୁନଶ୍ଚ ଦୁର୍ଗର ଆକ୍ଷରିକ ଅର୍ଥ ଏକ ସୁରକ୍ଷିତ ସ୍ଥଳ ବା ରାଜ୍ୟ ମଧ୍ୟ କୁହାଯାଇ ପାରେ, ତେଣୁ ରାଜ୍ୟ ହେଉ ବା ରାଷ୍ଟ୍ର ହେଉ, ତାର ସୁରକ୍ଷାତ୍ମକ ଶକ୍ତିର ସ୍ୱରୂପହିଁ ଦୁର୍ଗ । କୋଟି କୋଟି ଜନତାର ସମ୍ମିଳିତ ସାମୁହିକ ରାଷ୍ଟ୍ରୀୟ ଶକ୍ତିହିଁ ଯଥାର୍ଥରେ ଦୁର୍ଗା ।

ଦୁର୍ଗାଙ୍କର ଲୌକିକ ରୂପରେ ସାକାର ବର୍ଣ୍ଣନା 'ମାର୍କେଣ୍ଡୟ ପୁରାଣ'ରେ ଅତି ପ୍ରାଞ୍ଜଳ ଭାବରେ ଉଲ୍ଲେଖ ରହିଛି । ଦୁର୍ଗ ତିଳ ଗୁଣ, ତିଳ ଚରିତ୍ର ତଥା ତିଳ ରୂପର ପ୍ରତୀକ । ଦୁର୍ଗା ଏକ ସମ୍ମିଳିତ (ରାଷ୍ଟ୍ରୀୟ) ଶକ୍ତି । ଏହି ସମ୍ମିଳିତ ଶକ୍ତି ଅଜେୟ, ଅକ୍ଷୟ ଓ ଅପରାଜେୟ । ଏହି ଶକ୍ତିର ଆଦ୍ୟରୂପ ସଦ୍ ବୁଦ୍ଧି ଓ ସତ୍ ପ୍ରେରଣାରୁ ଶକ୍ତିର ଉଦୟ ଘଟିଥାଏ । ଦୁର୍ଗାଙ୍କର ପ୍ରଥମ ବିଭାବ ଏହାର ପ୍ରତୀକ । ତାଙ୍କର ରୂପ ଓ ଶକ୍ତି ସମ୍ବୋଧରେ ଦେବତାମାନେ ପ୍ରଶ୍ନ କରିବାରୁ, ସ୍ୱୟଂ ଦେବୀ ପ୍ରତିତ୍ତୋରରେ କହିଥିଲେ, ମୁଁ ବ୍ରହ୍ମ, ମୋ' ଠାରୁ ପ୍ରକୃତି ପୁରୁଷାତ୍ମକ ଜଗତର ସୃଷ୍ଟି । ସକଳ ଜୀବକୋଷର ପୁଞ୍ଜିଭୂତ କୋଷ । ପରମ ମନୀଷା ଓ ସମସ୍ତ ପୂଜନୀୟ ବିଶ୍ୱର ଶିଖର ଦେଶରୁ ପରମ ପିତାଙ୍କର ଅବତରଣ କେବଳ ମୋ ଦ୍ୱାରା ସମ୍ଭବ । ମୋ ନିବାସ ଘନ ଜଳ ମଧ୍ୟରେ, ମହାସାଗରର ସେଇଠି ବିଦ୍ୟମାନ ହୋଇ ମୁଁ ସମଗ୍ର ବିଶ୍ୱରେ ପ୍ରାଣୀ ସୃଷ୍ଟିର ବିସ୍ତାର ଘଟାଏ, ନିଜ ଲଲାଟ ଦେଶରେ ଚିରନ୍ତନ ସ୍ୱର୍ଗ ସ୍ପର୍ଶ କରିଥାଏ, ପ୍ରଭଂଜନ ମୋ ନିଶ୍ୱାସ ପ୍ରଶ୍ୱାସରେ ଉଦ୍ଦାମତା ଓ ସମ୍ପୂର୍ଣ୍ଣ ସୃଷ୍ଟି ସର୍ତ୍ତା ସ୍ୱହସ୍ତରେ ନିୟନ୍ତ୍ରିତ, ବିରାଟ ବିଶ୍ୱ ତଥା ସ୍ୱର୍ଗ ଲୋକରେ ନିଜ ମହିମା ବଳରେ ମୁଁ ପ୍ରଚଣ୍ଡ ପ୍ରବଳ ଶକ୍ତି ଶାଳିନୀ । ପୁରାଣ ଯୁଗର ଆଦ୍ୟ ରଚନା ରାମାୟଣ ଓ ମହାଭାରତରେ ଶକ୍ତି ଉପାସନାର କ୍ରମବିକାଶ ଘଟିଆସିଛି । ରାମାୟଣରେ ଉମା, ଗିରିଜା, ରୁଦ୍ରାଣୀ, ପାର୍ବତୀ, କାମରୂପିଣୀ, ନାଗମାତା, ସୁରସା, ସିଂହିକା, କାଳରାତ୍ରି ଆଦି ନାମଯୁକ୍ତ ଦେବୀମାନଙ୍କର ଉଲ୍ଲେଖଅଛି । ମହାଭାରତରେ 'ବିରାଟ ପର୍ବ'ରେ ଯୁଧିଷ୍ଠିରଙ୍କ ଦୁର୍ଗାସ୍ତବ, 'ଭୀଷ୍ମ ପର୍ବ'ରେ ଅର୍ଜୁନଙ୍କ ଦୁର୍ଗା ସ୍ତୋତ୍ର ଏପରିକି 'ହରିବଂଶ ପର୍ବ'ରେ ଆର୍ଯ୍ୟାସ୍ତବ ତତ୍କାଳୀନ ଭାରତର ଶାକ୍ତ ଧର୍ମର ଦୃଢ ସ୍ଥିତିର ପ୍ରମାଣ ଦିଏ । ମହାଭାରତର ରୂପ ଗୁପ୍ତଯୁଗରେ ବିକାଶ ଲାଭ କରିଥିବାରୁ ଅର୍ଥାତ୍ ଭାରତରେ ଶାକ୍ତ ସାଧନାର ପୂର୍ଣ୍ଣ ବିକାଶ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀବେଳକୁ ସାଧିତ ହୋଇଥିବା ମନେହୁଏ । ପୁରାଣମାନଙ୍କରେ 'ଦେବୀ ଭାଗବତ', 'ମାର୍କଣ୍ଡେୟ ପୁରାଣ', 'ଦେବୀପୁରାଣ', କାଳୀକା ପୁରାଣ', 'ବରାହ ପୁରାଣ' ଆଦିରେ ଶାକ୍ତ ସାଧନା ଓ ଶକ୍ତିଙ୍କର ମହିମା ଗାନରେ ଶତମୁଖରିତ ହୋଇଛି । ଏପରିକି ନିରୀଶ୍ୱରବାଦୀ ଜୈନଧର୍ମ ଓ ବୌଦ୍ଧଧର୍ମରେ ମଧ୍ୟ ଶକ୍ତି ଉପାସନାର ପ୍ରମାଣ ଦେଖିବାକୁ ମିଳେ । ଜୈନ ଗ୍ରନ୍ଥଗୁଡିକରେ ଯୋଗିନୀମାନଙ୍କ ବର୍ଣ୍ଣନା, ଯେଉଁମାନେ କି ନାମ ଓ କାର୍ଯ୍ୟ ଦୃଷ୍ଟିରୁ ହିନ୍ଦୁ ଚତୁଷଷ୍ଠୀ ଯୋଗିନୀମାନଙ୍କ ସହ ସମତା ରକ୍ଷା କରିଥାନ୍ତି । ଜୈନଧର୍ମରେ ସ୍ଥାନପାଇଥିବା ତାନ୍ତ୍ରିକ ଦେବୀମାନଙ୍କ ମଧ୍ୟରେ କଙ୍କାଳି, କାଳିମହାକାଳୀ, ଭଦ୍ରାକାଳୀ, ଦୁର୍ଗା, ଲଳିତା, ଗୌରୀ, ସୁମଙ୍ଗଳା ପ୍ରଭୃତି ନାମ ପ୍ରଧାନ । ସେଭଳି ବୌଦ୍ଧଧର୍ମରେ ପଞ୍ଚ-ଧ୍ୟାନୀବୁଦ୍ଧଙ୍କ ସହ ପାଞ୍ଚଟି ଶକ୍ତି ସହ ସଂଯୁକ୍ତ କରାଯାଇଛି, ସେମାନେ ହେଲେ ଧ୍ୟାନୀବୁଦ୍ଧ ଅକ୍ଷୋଭ୍ୟାଙ୍କ ସହ ଲୋଚନା, ବୈରୋଚନଙ୍କ ସହ ବଜ୍ରଧାତ୍ୱୀଶ୍ୱରୀ, ଅମିତାଭଙ୍କ ସହ ପାଣ୍ଡରା, ରତ୍ନସମ୍ଭବଙ୍କ ସହ ମାମାକୀ ଓ ଅମୋଘସିଦ୍ଧିଙ୍କ ସହ ଆର୍ଯ୍ୟତାରା ଦେବୀଙ୍କ ନାମୋଲ୍ଲେଖ କରାଯାଇଛି । ବିଭିନ୍ନ ବୌଦ୍ଧ ଦେବୀଙ୍କ ମଧ୍ୟରେ ତାରା, ଅପରାଜିତା, ମାରୀଚୀ, ପ୍ରଜ୍ଞାପାରମିତା ଆଦି ପ୍ରଧାନ । ଏପରି ମଧ୍ୟ ବୌଦ୍ଧଭିକ୍ଷୁଗଣ ନିର୍ବାଣ ଲାଭ ନିମନ୍ତେ ଶକ୍ତିଉପାସନା ଓ ତନ୍ତ୍ର ସାଧନାର ଆଶ୍ରୟ ନେଇଥିଲେ ।

ଶାକ୍ତ ଉପାସନା ଓ ଶକ୍ତିପୀଠକୁ ପୌରାଣିକ ଦୃଷ୍ଟିରୁ ବିଚାର କଲେ, ଦକ୍ଷଯଜ୍ଞରେ ନିନ୍ଦା ସହି ନପାରି ଶିବପତ୍ନି ସତୀ ଯଜ୍ଞକୁଣ୍ଡରେ ଆତ୍ମଆହୁତି ଦେବାରୁ ଶୋକବିହ୍ୱଳ ଶିବ ସତୀଙ୍କୁ ସ୍କନ୍ଦରେ ବହନ କରି ପୃଥିବୀ ଭ୍ରମଣ କରୁଥିବା ବେଳେ ଦେବତାମାନଙ୍କ ପ୍ରାର୍ଥନାରେ ବିଷ୍ଣୁ ସୁଦର୍ଶନ ଚକ୍ରରେ ସତୀଙ୍କ ମୃତ ଦେହକୁ ଖଣ୍ଡଖଣ୍ଡ କରିଦେଲେ । ଫଳତଃ ସତୀଙ୍କ ଦେହାବଶେଷର ବିଭିନ୍ନ ଅଂଶ ଯେଉଁ ଯେଉଁ ସ୍ଥାନରେ ପଡିଲା ସେହି ସ୍ଥାନମାନଙ୍କରେ ଶକ୍ତିପୀଠ ଗଢି ଉଠିଛି । ସମଗ୍ର ଭାରତରେ ଏକାବନଟି ପ୍ରଧାନ ଶକ୍ତିପୀଠ ଓ ଛବିଶଟି ଉପପୀଠର ନାମୋଲ୍ଲେଖ ପୁରାଣମାନଙ୍କରୁ ମିଳିଥାଏ । ପ୍ରକୃତରେ ଦେଖିଲେ ଏହି ଶାକ୍ତ ଉପାସନା ବା ଶକ୍ତି ପୂଜା ଭାରତର ପ୍ରାଚୀନ ପରମ୍ପରା । ବୈଦିକ ଋଷିଗଣ ପ୍ରାର୍ଥନା କରନ୍ତି -

'ଓଁ ଅସତୋ ମ ସଦ୍ ଗମୟ, ତମସୋ ମା ଜ୍ୟୋତିର୍ମୟ, ମୃତ୍ୟୋର୍ମାମୃତଂ ଗମୟ ।'

ହେ ଭଗବାନ ! ମୋତେ ଅସତ୍ୟରୁ ସତ୍ୟ, ଅନ୍ଧକାରରୁ ଆଲୋକ ଓ ମୃତ୍ୟୁରୁ ଅମୃତତ୍ୱ ଆଡକୁ ଘେନି ଯାଅ । ଅସତ୍ୟର ଅର୍ଥ ଦୁର୍ବଳତା, ଅନ୍ଧକାର ଅର୍ଥ ଅଜ୍ଞାନ ଓ ମୃତ୍ୟୁର ଅର୍ଥ ଦୁଃଖ । ମୁନି ଋଷିଗଣ ଦୁର୍ବଳତା, ଅଜ୍ଞାନତ୍ୱ ଓ ଦୁଃଖ ପରିହାର ପୂର୍ବକ ଶକ୍ତି, ଜ୍ଞାନ ତଥା ସୁଖ ପ୍ରାପ୍ତି ଆଶାରେ ଆଶାୟୀ, ସେଭଳି ଆଜିର ମଣିଷ ସେହି ମହାଶକ୍ତିର ପୂଜା, ଉପାସନା ଅର୍ଥାତ୍ ମା'ଦୁର୍ଗାଙ୍କ ଆରାଧନା କରି ଜ୍ଞାନ, ଶକ୍ତି, ସୁଖ, ଶାନ୍ତି ପ୍ରାପ୍ତି ଲଭୁ ...!!!।

ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୪୩୭୭ ୪୦୨୮୦/ ୯୦୪୦ ୧୫୧୪୭୫

# 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ ...'



ଅଲେଖ ଚନ୍ଦ୍ର ସାମଲ

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି । ଭାରତ ବର୍ଷର ଧାର୍ମିକ ଚଳଣିରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା'ଦୁର୍ଗାଙ୍କ ଶକ୍ତି ପୂଜା ତା ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଥାଏ । ଋଗବେଦରେ ବର୍ଣ୍ଣିତ - 'ତାମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳେଷୁ ଦୁଷ୍ଟାମ୍, ଦୁର୍ଗା ଦେବୀଂ ଶରଣମହଂ ପ୍ରପଦ୍ୱେ ସୁତରସି ତରସେ ନମଃ' । ଅର୍ଥାତ୍ 'ମୁଁ ଅଗ୍ନି ବର୍ଣ୍ଣା ତପୋଜ୍ୱଳା ଦୁର୍ଗାଦେବୀଙ୍କର ଶରଣ ପଶୁଛି, ଯେ କି ପରମ ଶକ୍ତିସମ୍ପନ୍ନ, ଯେ ନିଜକୁ ବହୁବିଧ ରୂପରେ ପ୍ରକଟ କରନ୍ତି, ଯେ କି କର୍ମ ଓ ଫଳରେ ନିହିତ ଶକ୍ତି ଅଟନ୍ତି । ହେ ରକ୍ଷାରେ ନିପୁଣା ଦେବୀ, ଆମକୁ ଅଧିକ କୁଶଳତାର ସହ କଷ୍ଟ ମଧ୍ୟରେ ପାର କରାଅ । ଆମେ ତୁମକୁ ପ୍ରଣାମ କରୁଛୁ ।'

ମା'ସୃଷ୍ଟି ସ୍ଥିତି ବିନାଶର ଆଧାର । ଓଁକାର ଶବ୍ଦ ସହ ପୃଥିବୀ ସୃଷ୍ଟି ହେବା ସମୟରୁ ଶକ୍ତି ଉତ୍ପନ୍ନ ହୋଇଅଛି । ଏହି ଶକ୍ତି ସମଗ୍ର ଜଗତରେ ଜୀବ, ମାନବ, ବୃକ୍ଷଲତାରେ ପୁରି ରହିଛି । ନବରାତ୍ରି ଉପାସନା ଆମକୁ ସେହି ଶକ୍ତି ପ୍ରଦାନ କରେ । ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ମହାନବମୀ ପର୍ଯ୍ୟନ୍ତ ନବରାତ୍ରି ପାଳନ କରାଯାଏ । ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରନ୍ତି । ତାହା ହେଲା 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍, ପଞ୍ଚମଂ ସ୍କନ୍ଦମାତେ ତି, ଷଷ୍ଠ କାତ୍ୟାୟନୀତି ଚ, ସପ୍ତମଂ କାଳରାତ୍ରିତି ମହାଗୌରୀ ଚାଷ୍ଟକମ୍, ନବମଂ ସିଦ୍ଧିଦାତ୍ରୀ ଚ,



ନବଦୁର୍ଗାଃ ପ୍ରକୀର୍ତ୍ତିତାଃ, ଅକ୍ତାନ୍ୟେତାନି ନାମାନି ବ୍ରାହ୍ମଣୈବ ମହାତ୍ମନୀ ।' ମହାଶକ୍ତିକୁ ନବରାତ୍ରିରେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ମଧ୍ୟ ପୂଜା କରନ୍ତି । ମହାକାଳୀ ତମଗୁଣର ପ୍ରତୀକ । ମା'କାଳୀ ଆମର ତମ ଗୁଣ ଯଥା - କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ଦୂର କରି ଆମକୁ ଦିବ୍ୟଗୁଣ ପ୍ରଦାନ କରିବା ପାଇଁ ଆମେ ତାଙ୍କୁ ଆରାଧନା କରୁ ପ୍ରାର୍ଥନା କରୁ । ମା'ଆମର ଅଜ୍ଞାନ ନାଶ କରି ଦିବ୍ୟଜ୍ଞାନ ପ୍ରଦାନ କରନ୍ତୁ, ମହାଲକ୍ଷ୍ମୀ ରଜଗୁଣର ପ୍ରତୀକ । ଏହା ସାହାସ, ତ୍ୟାଗ, ଶାସନ ଓ କର୍ମ ତତ୍ପରତା ଆଦି ଗୁଣାବଳୀର ପ୍ରତୀକ । ମା'ଲକ୍ଷ୍ମୀଙ୍କୁ କ'ଣ ଦେଇ ପୂଜା କରିବା । ଆମର ଦେହ, ମନ, ବୁଦ୍ଧି ସବୁତ ତାର ସେ ଆମକୁ ଆବଶ୍ୟକ ଖାଦ୍ୟପେୟ ଓ ଯଶ ପ୍ରଦାନ କରନ୍ତୁ । ମହାସରସ୍ୱତୀ ସତ୍ତ୍ୱଗୁଣର ପ୍ରତୀକ । ଏଥିରେ ସହିଷ୍ଣୁତା, ଦୟା, ପ୍ରେମ ଆଦି ଗୁଣ ରହିଛି । ମା'ସରସ୍ୱତୀ ହଂସବାହିନୀ, ହଂସ ଯେପରି କ୍ଷୀର ଓ ପାଣିରୁ କେବଳ କ୍ଷୀର ପିଇଦିଏ ଆମେ ସେହିପରି ଭଲ ଓ ମନ୍ଦ ମଧ୍ୟରୁ ଭଲଟିକୁ ବାଛିନେବା ।

ଦୁର୍ଗାପୂଜା କେତେକ ସ୍ଥାନରେ ଷୋଳଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନବ୍ୟାପୀ ପାଳିତ ହୁଏ । ସେ ସବୁକ ଗୋଟି ଗୋଟି କରି ଆଲୋଚନା କଲେ ଏହି ସ୍ୱଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା, ପ୍ରକୃତିର ପୂଜା । ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନ ଦେବୀ ପାଞ୍ଚ ଚେତନାରେ ଜଡ଼ିତ । ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା । ପ୍ରଥମରେ ଶୈଶବ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ । ଷଷ୍ଠୀ ତିଥି ନନ୍ଦା, ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା । ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ, ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ, ସେ ତରୁଣୀ । ରିକ୍ତାରେ ସେ ଯୋଗିନୀ ଓ ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ । ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମ୍ଭେମାନେ ଅସୁରଘାତିନୀ ମହାଶକ୍ତିଙ୍କୁ ପୂଜା କରୁ । ଏହି ସମୟରେ ମା'ଦୁର୍ଗା ମହିଷାସୁରକୁ ବଦ୍ଧ କରି ଦେବତା ତଥା ମନୁଷ୍ୟମାନଙ୍କୁ ତାର ଅତ୍ୟାଚାରରୁ ରକ୍ଷା କରିଥିଲେ । ତେଣୁ ଆମେ ମା'ଦୁର୍ଗାଙ୍କୁ ଅସୁରଶକ୍ତିର ବିନାଶ କରି ପୃଥିବୀକୁ ଶାନ୍ତି ତଥା ଆନନ୍ଦ ପ୍ରଦାନ କରିବା ପାଇଁ ଏହି ବିଜୟର ପର୍ବ ପାଳନ କରୁ । ଆଉ ମଧ୍ୟ ଶ୍ରୀରାମଚନ୍ଦ୍ର ମା'ଦୁର୍ଗାଙ୍କୁ ପୂଜା କରି ଏହି ସମୟରେ ଲଙ୍କାର ରାଜା ରାବଣକୁ ବିନାଶ କରି ମା'ସୀତାଙ୍କୁ ଉଦ୍ଧାର କରିଥିଲେ । ସେହିଦିନ ଠାରୁ ଏହି ନବରାତ୍ରି ପର୍ବ ଆସୁରୀ ଶକ୍ତି ଉପରେ ଦୈବୀଶକ୍ତିର ବିଜୟର ପ୍ରତୀକ ସ୍ୱରୂପ ପାଳନ କରାଯାଏ । ପ୍ରତିବର୍ଷ ଆମେ ମା'ଦୁର୍ଗାଙ୍କୁ ପୂଜା କରୁଛୁ ଓ ରାବଣ ପୋଡ଼ି କରୁଛୁ । କିନ୍ତୁ ଆମ ସମାଜରୁ ଓ ଆମ ଭିତରେ ଥିବା ଆସୁରୀ ଶକ୍ତି ଦୂର ହେଉନାହିଁ । ଅନ୍ତରରେ ଗୋଟିଏ ଜ୍ଞାନ ଦୀପ ଜଳିଲେ ମନ ଭିତରୁ ଅଜ୍ଞାନ ରୂପକ ଅନ୍ଧକାର ଦୂର ହେବ । ସହସ୍ର ଇଲେକ୍ଟ୍ରିକ୍ ବଲବ ବା ବତୀ ଏ ଅନ୍ଧାର ଦୂର କରିପାରିବେ ନାହିଁ । ଆମେ ମା'ର ଶକ୍ତିରେ ନିଜକୁ ଆଲୋକିତ କରିବା । ସେ ପଦପଦବୀ ଛୋଟବଡ଼ ଦେଖନ୍ତି ନାହିଁ । ବର୍ଷକରେ ଥରେ ଏ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ତାଙ୍କର ସମସ୍ତ ସନ୍ତାନମାନଙ୍କୁ ଆଶୀର୍ବାଦ କରିବା ପାଇଁ । ତେଣୁ ଚାଲନ୍ତୁ ଆମେ ମା'ଦୁର୍ଗାଙ୍କୁ ପୂଜା କରିବା । ସେ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଓ ଆମ ଭିତରେ ଥିବା ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରନ୍ତୁ । 'ଓଁ କାତ୍ୟାୟନାୟ ବିଦ୍ମହେ କନ୍ୟକୁମାରି ଧୀମହି, ତନ୍ନୋ ଦୁର୍ଗଃ ପ୍ରଚୋଦୟାତ୍' । ଆମେ ଆଦିଶକ୍ତି କାତ୍ୟାୟନୀଙ୍କର ଉପଲବ୍ଧି କରିବା । ଆମେ କନ୍ୟାକୁମାରୀଙ୍କର ଧ୍ୟାନ କରିବା, ଦୁର୍ଗା ଆମକୁ ଜ୍ଞାନାଲୋକ ପ୍ରଦାନ କରନ୍ତୁ । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହକ୍ଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'

+ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

## ଯା ଦେବୀ ସର୍ବଭୂତେଷୁ...

ରାମଚନ୍ଦ୍ର ବେହେରା

ନିର୍ମଳ ଧରଣୀ ଶୁଭ୍ର ମେଘମାଳା
ସ୍ୱଚ୍ଛ ଚନ୍ଦ୍ରମା ଗଗନେ
ଶୁଭ୍ର କାଶତଣ୍ଡୀ ଡାକ ଶୁଣି ମାତ
ବିରାଜିଛ ମର୍ତ୍ତ୍ୟ ଧାମେ ।
ପୁଷ୍କରିଣୀ ତଟେ କମଳ ଖେଳୁଛି
ପ୍ରଫୁଲ୍ଲ ଦିଶେ ତା' ମନ
ତୁମ ଗଳା ହସ୍ତେ ସେ
ଶୋଭା ପାଇବ
ତା' ଜନ୍ମ ହୋଇବ ଧନ୍ୟ ।
ତୁମ ମଣ୍ଡପରେ ଆଳତୀ କାଳରେ
ସଭିଏଁ ହେବେ ଏକତ୍ର
ତୂରୀ ଭେରି ଧ୍ୱନି ଚହଟି ଉଠିବ
ମନ ହୋଇବ ପବିତ୍ର ।
ନଅ ଦିନ ଧରି ଭିନ୍ନ ଭିନ୍ନ ରୂପେ
ତବ ପୂଜାର୍ଚ୍ଚନା ହେବ
ଅସତ୍ୟ ଅଧର୍ମ ଧର୍ମ ଦୁନିଆଁରୁ
ଧୀରେ ଦୂର ହୋଇଯିବ ।
ତୁମ ଆଗମନେ ଧର୍ମର ଆଲୋକ
ଛୁଇଁବ ସଭିଂକ ପ୍ରାଣ
ଅନ୍ଧକାର ରୂପୀ ଅଧର୍ମ ଅନୀତି
ଭବୁ ହୋଇଯିବ ଲୀନ ।
ସୁବର୍ଣ୍ଣ ଲଂକାର ପାପୀ ଦଶାନନ
କରିଥିଲା ସୀତା ଚୋରି
ପ୍ରଭୁ ରାମଚନ୍ଦ୍ର ଦଶମୀରେ ତାକୁ
ବଦ୍ଧ କଲେ ତୀର ମାରି ।
ସାରା ଦେବଗଣ
ଅତିଷ୍ଠ ହୋଇଲେ
ମହିଷାସୁର କାରଣେ
ତୁମ ଆବିର୍ଭାବେ
ସେ ହେଲା ନିହତ
ଶାନ୍ତି ମିଳିଲା ଭୁବନେ ।
ତୁମରି ଆଶିଷେ ସତ୍ୟ ନ୍ୟାୟ ଧର୍ମ
ଜଗତକୁ ଫେରି ଆସୁ
ତୁମ ନାମ ଜପି ସୁଖ ଶାନ୍ତି ମିଳୁ
ଯା ଦେବୀ ସର୍ବଭୂତେଷୁ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ନବରାତ୍ର

ସୁନୀଲ କୁମାର ପ୍ରଧାନ

ଜୟ ମା ଠାକୁରାଣୀ ଜଗତ ମାତ
ଆଶ୍ୱିନ ମାସର ଯାତ
ନବରାତ୍ର ପୂଜା ହୁଏ ଅନୁଷ୍ଠିତ
ଝାଟିପଦରେ ତୁ ଖ୍ୟାତ ।

ନଅ ଦିନରେ ତୋର
ନବଗୋଟି ରୂପ
ପୂଜାରେ ପାଉଛୁ ଧୂପ
ମଥାରେ ଲାଖିଛୁ ମା ସିନ୍ଦୂର ଲେପ
ମନ ମୋହେ ତୋରି ରୂପ ।

ଚଳ ଚଞ୍ଚଳ ହୁଏ ଆମରି ଗ୍ରାମ
ବୁଢ଼ୀ ମାଆ ବୋଲି ନାମ
ଡାକ ଦିଅଇ ଭକ୍ତ ସର୍ବ ପ୍ରଥମ
କମ୍ପନ ହୁଏ ତୋ ଧାମ ।

ବିଦେଶରୁ ଭକତ ଆସନ୍ତି ଧାଇଁ
ତୋହରି ଆଶିଷ ପାଇଁ
ତୋହରି ଚରଣେ ଯାଉଥାଏ ନଇଁ
ମାଆ ରହିଛି ଅନାଇଁ ।

ଶ୍ରୀ ଗୋପାଳ ଗୋସେଇଁ
ମୁଖ୍ୟ ହୋଇଲେ
ପ୍ରତ୍ୟେକ ବରଷ ଚାଲେ
ଗ୍ରାମବାସୀ ଗଣ ହେଲେ
ଏକ ମେଳ
ପୂଜାଟା ଆରମ୍ଭ କଲେ ।

ପନ୍ଦର ବର୍ଷରେ ପଦାର୍ପଣ କଲା
ନବରାତ୍ର ତୋର ଲୀଳା
ଜଗତ ଜନନୀ ମା ସର୍ବ ମଙ୍ଗଳା
ନବୁଢ଼ ମୋହର ଭେଳା ।

ଝାଟିପଦର, ପାଲୁରୁ , ଗଂଜାମ
ମୋ - ୭୬୦୯୯୩୪୩୬୬

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅଶାନ୍ତ ଲଦାଖ: ଦାବି, ଆଶା ଓ ସଂଘର୍ଷର କାହାଣୀ

ହିମାଳୟର କୋଳରେ ଅବସ୍ଥିତ ଶାନ୍ତ, ସୁନ୍ଦର ଓ ମନୋରମ ଲଦାଖ ଆଜି ଏକ ଅଶାନ୍ତ ପରିସ୍ଥିତି ଦେଇ ଗତି କରୁଛି । କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇବାର କିଛି ବର୍ଷ ପରେ, ଏହି ଅଞ୍ଚଳର ଲୋକମାନଙ୍କ ମନରେ ଅସନ୍ତୋଷର ବହ୍ନି ଜଳୁଛି । ରାଜ୍ୟ ମାନ୍ୟତା ଦାବି, ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ ହେବାର ଆକାଂକ୍ଷା ଏବଂ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଦାବି ନେଇ ଆରମ୍ଭ ହୋଇଥିବା ଆନ୍ଦୋଳନ ଆଜି ଏକ ଜଟିଳ ମୋଡ଼ରେ ପହଞ୍ଚିଛି । ଏହି ଆନ୍ଦୋଳନର ମୁଖ୍ୟ ଚେହେରା ପାଲଟିଥିବା ପ୍ରଖ୍ୟାତ ସମାଜସେବୀ ତଥା ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ (**NSA**) ବଳରେ ଗିରଫ କରାଯିବା ପରେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡ଼ିଛି । ଏହି ଘଟଣା କେବଳ ଲଦାଖର ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିନାହିଁ, ବରଂ କେନ୍ଦ୍ର ସରକାର ଏବଂ ଲଦାଖର ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କରେ ମଧ୍ୟ ଏକ ବଡ଼ ଫାଟ ସୃଷ୍ଟି କରିଛି ।

ଲଦାଖର ଏହି ଦାବିଗୁଡ଼ିକର ପୃଷ୍ଠଭୂମି ବୁଝିବାକୁ ହେଲେ ଆମକୁ ୨୦୧୯ ମସିହାକୁ ଫେରିବାକୁ ପଡ଼ିବ । ଯେତେବେଳେ ଜାମ୍ମୁ ଓ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଗଲା, ସେତେବେଳେ ଲଦାଖର ଲୋକମାନେ ଏହାକୁ ସ୍ୱାଗତ କରିଥିଲେ । ଦୀର୍ଘ ଦିନ ଧରି କାଶ୍ମୀରର ରାଜନୈତିକ ପ୍ରଭାବରୁ ମୁକ୍ତ ହୋଇ ଏକ ସ୍ୱତନ୍ତ୍ର ପରିଚୟ ପାଇବାର ଆଶା ସେମାନଙ୍କ ମନରେ ଥିଲା । କିନ୍ତୁ ବିଧାନସଭା ବିହୀନ ଏକ କେନ୍ଦ୍ରଶାସିତ ଅଞ୍ଚଳ ଭାବରେ ଲଦାଖର ପ୍ରଶାସନ ସିଧାସଳଖ କେନ୍ଦ୍ର ସରକାରଙ୍କ ଅଧୀନକୁ ଆସିଗଲା, ଯାହା ଫଳରେ ସ୍ଥାନୀୟ ଲୋକମାନଙ୍କର ନିଜ ଭୂମି, ସମ୍ବଳ ଓ ଭବିଷ୍ୟତ ଉପରେ ନିଷ୍ପତ୍ତି ନେବାର ଅଧିକାର ସଙ୍କୁଚିତ ହୋଇଗଲା । ଏହି କ୍ଷମତାହୀନତାର ଅନୁଭବ ହିଁ ଆଜିର ଏହି ଆନ୍ଦୋଳନର ମୂଳ କାରଣ ।

ଲଦାଖର ଦାବିଗୁଡ଼ିକ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଷଷ୍ଠ ଅନୁସୂଚୀରେ ସାମିଲ ହେବା । ସମ୍ବିଧାନର ଏହି ଅନୁସୂଚୀ ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରେ, ଯାହା ଦ୍ୱାରା ସେମାନେ ନିଜର ଜମି, ଜଙ୍ଗଲ, ଜଳ ଏବଂ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିପାରିବେ । ଲଦାଖର ୯୭%ରୁ ଅଧିକ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ, ଏହି ଦାବି ସେମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି, ପର୍ଯ୍ୟଟନର ଦ୍ରୁତ ବିକାଶ ଏବଂ ବାହ୍ୟ ପୁଞ୍ଜିନିବେଶର ଆଶଙ୍କା ସେମାନଙ୍କ ମନରେ ନିଜର ସମ୍ବଳ ଓ ପରିଚୟ ହରାଇବାର ଭୟ ସୃଷ୍ଟି କରିଛି । ପର୍ଯ୍ୟଟନ ଯୋଗୁଁ ଲଦାଖର ଅର୍ଥନୀତିକୁ ଲାଭ ମିଳୁଥିଲେ ମଧ୍ୟ, ଏହାର ପରିବେଶ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପଡୁଛି । ୨୦୨୩ ମସିହାରେ ୫ ଲକ୍ଷରୁ ଅଧିକ ପର୍ଯ୍ୟଟକ ଲଦାଖ ଭ୍ରମଣରେ ଆସିଥିଲେ, ଯାହାକି ଏହି ଅଞ୍ଚଳର ଜନସଂଖ୍ୟା ତୁଳନାରେ ବହୁତ ଅଧିକ । ଏହି ଅନିୟନ୍ତ୍ରିତ ପର୍ଯ୍ୟଟନ ଯୋଗୁଁ ଜଳ ସଙ୍କଟ, ବର୍ଜ୍ୟବସ୍ତୁ ପରିଚାଳନା ସମସ୍ୟା ଏବଂ ହିମବାହ ତରଳିବା ଭଳି ଗମ୍ଭୀର ପରିବେଶୀୟ ସମସ୍ୟା ସୃଷ୍ଟି ହେଉଛି। ତେଣୁ, ଷଷ୍ଠ ଅନୁସୂଚୀର ସୁରକ୍ଷା କବଚ ବିନା ଲଦାଖର ପରିବେଶ ଓ ସଂସ୍କୃତିକୁ ବଞ୍ଚାଇ ରଖିବା କଷ୍ଟକର ବୋଲି ସ୍ଥାନୀୟ ଲୋକମାନେ ଅନୁଭବ କରୁଛନ୍ତି ।

ଏହା ସହିତ, ରାଜ୍ୟ ମାନ୍ୟତା ଦାବି ମଧ୍ୟ ଲଦାଖବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏକ ପୂର୍ଣ୍ଣାଙ୍ଗ ରାଜ୍ୟର ମାନ୍ୟତା ପାଇଲେ ଲଦାଖ ନିଜର ବିଧାନସଭା ଗଠନ କରିପାରିବ ଏବଂ ନିଜର ଆଇନକାନୁନ ନିଜେ ତିଆରି କରିପାରିବ । ଏହା ଦ୍ୱାରା ସ୍ଥାନୀୟ ଲୋକମାନଙ୍କର ଶାସନରେ ଅଂଶଗ୍ରହଣ ସୁନିଶ୍ଚିତ ହୋଇପାରିବ । ଏହା ବ୍ୟତୀତ, ଲେହ ଏବଂ କାର୍ଗିଲ ପାଇଁ ଦୁଇଟି ପୃଥକ ସଂସଦୀୟ ଆସନ ଏବଂ ଏକ ସ୍ୱତନ୍ତ୍ର ଲୋକସେବା ଆୟୋଗ (**Public Service Commission**) ଗଠନ କରିବାର ଦାବି ମଧ୍ୟ ଏହି ଆନ୍ଦୋଳନର ଅଂଶବିଶେଷ ।

କେନ୍ଦ୍ର ସରକାର ଏହି ଦାବିଗୁଡ଼ିକ ଉପରେ ଆଲୋଚନା ପାଇଁ ଏକ ଉଚ୍ଚ-ସ୍ତରୀୟ କମିଟି (**High-Powered Committee**) ଗଠନ କରିଛନ୍ତି ଏବଂ ଲଦାଖର ପ୍ରତିନିଧିମାନଙ୍କ ସହିତ ଅନେକ ଥର ବୈଠକ ମଧ୍ୟ କରିଛନ୍ତି । ସରକାର ସ୍ଥାନୀୟ ଲୋକଙ୍କ ପାଇଁ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା କରିବା ଭଳି କିଛି ପଦକ୍ଷେପ ନେଇଛନ୍ତି । କିନ୍ତୁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ଅନୁସୂଚୀ ଭଳି ମୂଳ ଦାବିଗୁଡ଼ିକ ଉପରେ କୌଣସି ସ୍ପଷ୍ଟ ପ୍ରତିଶ୍ରୁତି ମିଳିପାରିନାହିଁ । ଏହି ଅନିଶ୍ଚିତତା ଏବଂ ବିଳମ୍ବ ହିଁ ଲଦାଖର ଲୋକମାନଙ୍କୁ ଆନ୍ଦୋଳନର ମାର୍ଗ ଆପଣାଇବାକୁ ବାଧ୍ୟ କରିଛି ।

ଏହି ପରିପ୍ରେକ୍ଷୀରେ, ସୋନମ ୱାଙ୍ଗଚୁକଙ୍କ ଗିରଫଦାରୀ ଏହି ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଛି । ସରକାରଙ୍କ ମତରେ, ୱାଙ୍ଗଚୁକ ତାଙ୍କର ଭାଷଣ ମାଧ୍ୟମରେ ଲୋକମାନଙ୍କୁ ହିଂସା ପାଇଁ ଉସୁକାଉଥିଲେ ଏବଂ 'ଆରବ ସ୍ପ୍ରିଙ୍ଗ' ଭଳି ଆନ୍ଦୋଳନର ଧମକ ଦେଉଥିଲେ । ଅନ୍ୟ ପଟେ, ୱାଙ୍ଗଚୁକଙ୍କ ସମର୍ଥକମାନେ ଏହାକୁ ଏକ ଗଣତାନ୍ତ୍ରିକ ଆନ୍ଦୋଳନକୁ ଦବାଇ ଦେବାର ପ୍ରୟାସ ବୋଲି କହୁଛନ୍ତି । ୱାଙ୍ଗଚୁକଙ୍କ ଗିରଫଦାରୀ ପରେ ଲେହ ଆପେକ୍ସ ବଡି (**LAB**) ଏବଂ କାର୍ଗିଲ ଡେମୋକ୍ରାଟିକ୍ ଆଲାଏନ୍ସ (**KDA**) ଭଳି ସଂଗଠନଗୁଡ଼ିକ ସରକାରଙ୍କ ସହିତ ଆଲୋଚନା ଜାରି ରଖିବା ନେଇ ଅନିଶ୍ଚିତତା ପ୍ରକାଶ କରିଛନ୍ତି । ଏହା ଫଳରେ ଏକ ସମାଧାନର ରାସ୍ତା ବାହାର କରିବାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି ।

ଲଦାଖର ସମସ୍ୟା କେବଳ ଏକ ଆଞ୍ଚଳିକ ସମସ୍ୟା ନୁହେଁ, ଏହା ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା, ପରିବେଶ ସୁରକ୍ଷା ଏବଂ ସାଂସ୍କୃତିକ ବିବିଧତାର ସମ୍ମାନ ସହିତ ଜଡ଼ିତ । ଏକ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ହୋଇଥିବାରୁ, ଲଦାଖର ସ୍ଥିରତା ଏବଂ ବିକାଶ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ, କେବଳ ଆଇନଶୃଙ୍ଖଳା ଦୃଷ୍ଟିକୋଣରୁ ଏହି ସମସ୍ୟାକୁ ନ ଦେଖି, ଏହାର ମୂଳ କାରଣଗୁଡ଼ିକୁ ବୁଝିବା ଏବଂ ଏକ ସ୍ଥାୟୀ ସମାଧାନର ରାସ୍ତା ଖୋଜିବା ଅପରିହାର୍ଯ୍ୟ । ସରକାର ଏବଂ ଲଦାଖର ପ୍ରତିନିଧିମାନଙ୍କ ମଧ୍ୟରେ ଏକ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ଏବଂ ଖୋଲା ମନରେ ଆଲୋଚନା ମାଧ୍ୟମରେ ଏକ ସର୍ବସମ୍ମତ ସମାଧାନରେ ପହଞ୍ଚିବା ହିଁ ଏହି ସଙ୍କଟକୁ ଦୂର କରିପାରିବ । ଲଦାଖର ଲୋକମାନଙ୍କର ଆଶା ଓ ଆକାଂକ୍ଷାକୁ ସମ୍ମାନ ଦେଇ, ସେମାନଙ୍କର ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ କରିବା ଏବଂ ଏକ ସୁନ୍ଦର ଓ ସମୃଦ୍ଧ ଲଦାଖ ଗଠନ କରିବା ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାର ସମୟ ଆସିଛି ।

# ମୁକ୍ତି ସଂଗ୍ରାମର ମୂକସାକ୍ଷୀ



**ଡି ଶୁଭମ୍**



କହ କେଉଁ ଜାତି ପାଇଛି ମୁକତି
କରି ହୁରି ହାରି ଗୁହାରି
କହ ପାଇଛି କି ସୁଖ, ନିଭାଇଛି ଦୁଖ
ମାଗି ମାଗି ପଥ ଭିକାରୀ।

ଜାତୀୟ କବି ବାଂଛାନିଧି ମହାନ୍ତିଙ୍କ ଏ କବିତାର ଉକ୍ତି ଆଜି ବି ସମସ୍ତଙ୍କ ମୁଖ ଆଉ କର୍ଣ୍ଣରେ ପ୍ରତିଧ୍ୱନିତ ହୁଏ। ସଂଗ୍ରାମୀ ମାଟିର ବାସ୍ନା କେବଳ ସେପ୍ଟେମ୍ବର ୨୮ ଆସିଲେ ମନେପଡ଼େନି ବରଂ ପ୍ରତିଟି ମୁହୂର୍ତ୍ତରେ ଏହା ମୂକସାକ୍ଷୀ ଭାବେ ଆମ ସଭିଙ୍କୁ ଏକ ମହନୀୟତାର ଚେତନାରେ ଉଦବୁଦ୍ଧ କରାଏ। ଗର୍ବ ଲାଗେ ସେ ମାଟିରେ ଜନ୍ମ ହୋଇ ଯାହାର ମାଟି, ପାଣି ଆଉ ପବନରେ କେବଳ ଦେଶପ୍ରୀତିର ବାର୍ତ୍ତା ମହକୁ ନଥାଏ ବରଂ ଜାତିପ୍ରେମର ଅପୂର୍ବ ଉନ୍ମାଦନା ଭରିରହିଥାଏ । ଅନେକ ଜଣ ଅନେକ କିଛି ଏ ମାଟିକୁ ନେଇ କହିଛନ୍ତି ଆଉ ଲେଖିଛନ୍ତି ବି। ତେବେ ପ୍ରତିବର୍ଷ ପରି ଆଜିର ଦିନ ଆସିଲେ କାହିଁକି କେଜାଣି ପୁଣି ସେ ପୁରୁଣା ସ୍ମୃତି ସବୁ ମନେ ପଡ଼ିଯାଏ। ଆଜି ସମସ୍ତେ ନିଜ କର୍ମ କ୍ଷେତ୍ରରେ ବ୍ୟସ୍ତ। କିନ୍ତୁ ପିଲାଦିନର ଇରମକୁ ନେଇ ଥିବା ସ୍ମୃତି ଏବେ ବି ସାଇତା ହୋଇ ରହିଛି। ପିଲା ଦିନେ ଏମିତି ଏକ ସେପ୍ଟେମ୍ବର ୨୮ ଆସିଲେ ସକାଳଟା କେମିତି ଗୋଟେ ଜାତୀୟତାବୋଧର ପବଦରେ ଝଟକୁଥାଏ। ସୁଉଚ୍ଚ ସହିଦ ସ୍ତମ୍ଭ ନିକଟକୁ ଗଲେ ସେଦିନର କାହାଣୀ ସବୁ ବୟୋଜ୍ୟେଷ୍ଠ ମାନେ କହିବସନ୍ତି। ସମୟ ସରିଯାଏ ହେଲେ ସେ ରକ୍ତିମ କାହାଣୀ ସରେନି। ଆହୁରି ଶୁଣିବାକୁ ଆମେ ଅଳି କରୁ। ଦୁଃଖ ଲାଗେ ଆଉ ତା ସହ ଗର୍ବ ବି ଲାଗେ ଆମ ମାଟିର ସେହି ସଂଗ୍ରାମୀଙ୍କ ପାଇଁ। ସତରେ ସେ ଦିନ ପୁଣି ଫେରନ୍ତାନି... ସମୟର ବାହୁରେ ବାନ୍ଧି ହୋଇ ଆମେ ନିଜ ଦାୟିତ୍ୱବୋଧକୁ ଭୁଲିଯାଉନେ ତ ?

ଏହାର ଇତିହାସ ଅନେକ। ଏ ବିଷୟରେ ପ୍ରାୟ ସମସ୍ତେ ପଢ଼ିଥିବେ ଓ ଜାଣିଥିବେ। କିନ୍ତୁ ଦିବସର ଗୁରୁତ୍ୱ ଦୃଷ୍ଟିରୁ ଏହାର କିୟଦଂଶ ଆପଣମାନଙ୍କ ପାଇଁ ରଖିବାକୁ ଚେଷ୍ଟା କରିବି। ସେତେବେଳେ ପୁଣ୍ୟଭୂମି ଭାରତବର୍ଷର ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ଇଂରେଜ ମାନେ କରିଥିଲେ ବିଭୀଷିକାର ରାକ୍ଷସୀ ମାୟା। ପୁଣ୍ୟଭୂମି ଭାରତ ପାଇଁ ଆସିଲା ଚରମ ଦୁର୍ଭାଗ୍ୟ। ଭାରତର ସାଂସ୍କୃତିକ ପରିସ୍ଥିତି ହେଲା ଅବକ୍ଷୟ। ଇଂରେଜଙ୍କର ଏହି କ୍ରମାଗତ ଶୋଷଣ ଶେଷରେ ୧୮୫୭ରେ ସିପାହୀ ବିଦ୍ରୋହର ରୂପ ନେଲା। ଦୁର୍ଦ୍ଧର୍ଷ ଭାରତୀୟ ଶକ୍ତିର ଚରମ ସିଂହନାଦରେ ଭୟଭୀତ ହେଲେ ବ୍ରିଟିଶଗଣ। ପରାଧୀନତାର ଗଗନରେ ଆବଦ୍ଧ ବସା ଭିତରେ ବାନ୍ଧି ହୋଇ ରହିଥିଲେ ଭାରତୀୟ। ୧୮୮୫ରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସର ମହାସିନ୍ଧୁ। ଏହାର ଗୁରୁଗମ୍ଭୀର ଧ୍ୱନିରେ ସାରା ଦିଗ ବିଦିତ ହେଲା। ଆଉ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ ଭାବେ ଉଭା ହେଲେ ଜାତିର ପିତା ଗାନ୍ଧୀଜୀ। ସଂଗ୍ରାମୀ ସେନାପତି ସାଜି ବିପ୍ଳବର ବହ୍ନିକୁ ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ କଲେ। ଆନ୍ଦୋଳନ ଓ ସତ୍ୟାଗ୍ରହ କାଳକ୍ରମେ ଭାରତରେ ସୂତ୍ରପାତ ହେଲା। ସ୍ୱଦେଶୀ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ପ୍ରମୁଖ ବିପ୍ଳବର ମାଇଲଖୁଣ୍ଟ ସାଜିଲା। ଶେଷରେ ଭାରତୀୟମାନେ ଅନୁଭବ କଲେ ଜୀବନ ଠାରୁ ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାଧୀନତା। ଜୀବନକୁ ତୁଚ୍ଛ କରି ସଭିଏଁ ଭାରତୀୟତା ଓ ଏକତାର ମନ୍ତ୍ରରେ ଆନ୍ଦୋଳନରେ ଝାସ ଦେଲେ। ଗାଁ ଠୁ ସହର ସବୁଆଡ଼େ ବ୍ୟାପିଗଲା ଅହିଂସାର ବାତାବରଣ। ପ୍ରଜ୍ଞା, ଶ୍ରମ, ସାଧନା ଏବଂ ଉତ୍ସାହର ମିଳିତ ଶକ୍ତିରେ ଭାରତୀୟ ମାନେ ସକ୍ରିୟ ହୋଇଉଠିଲେ। ସତରେ ସେତେବେଳର ଅସ୍ତମିତ ସୂର୍ଯ୍ୟ ସମସ୍ତଙ୍କୁ ଏକ ଅନ୍ଧକାରମୟ ଦୁନିଆ ଭିତରେ ଆବଦ୍ଧ କରି ରଖିଥିଲା। ବାରଦୁଆର ଶୁଣ୍ଡିପିଣ୍ଡା ହୋଇ ଜୀବନ ନିଭାଉଥିଲେ ଭାରତ ବାସୀ। ନା ଥିଲା ପାଟି ଖୋଲିବାର ତାକତ ନା ସାମ୍ନା କରିବାର ସେ ଅଦମ୍ୟ ସାହସ। ଏକ ପଙ୍କିଳ ପୁଷ୍କରିଣୀରେ ଉବୁଟୁବୁ ହେବା ଛଡ଼ା ଆଉ କିଛି ଉପାୟ ନଥିଲା। ସେମିତି ଜୀବନ ଜୀଇଁବାରେ କଣ ବା ଲାଭ ? ଆଉ ଠିକ୍ ଏଇ ସବୁ ଭିତରେ ବାଦ ପଡ଼ି ନଥିଲା ଓଡ଼ିଶାର ରକ୍ତତୀର୍ଥ ଇରମ। ୧୯୪୨ ଅଗଷ୍ଟ ପ୍ରଥମ ସପ୍ତାହ। ଚାରିଆଡ଼େ ଦେଶପ୍ରେମର ବହ୍ନିରେ ଜୁଡୁବୁଡୁ ଦେଶବାସୀ। ସବୁଆଡ଼େ ଆନ୍ଦୋଳନର ଡ଼ିଣ୍ଡିମ ବାଜୁଥାଏ। ଏତିକି ବେଳେ ସଂଗ୍ରାମର ତୂର୍ଯ୍ୟନାଦ ଶୁଭି ଉଠିଲା ଇରମ ପ୍ରଦେଶରୁ । ୧୯୪୨ରେ ଇଂରେଜଙ୍କ ନେତୃତ୍ୱ ନେଇଥିଲେ ଚର୍ଚ୍ଚିଲ। ଅମାନୁଷିକ ଗୁଳିଚାଳନା କରିବାରେ ବେଶ ପ୍ରସିଦ୍ଧି ଲାଭ କରିଥିବା ଚର୍ଚ୍ଚିଲ ୧୯୪୨ ନଭେମ୍ବର ୫ ସୁଦ୍ଧା ସାରା ଭାରତରେ ୧୦୨୩ଜଣ ମୃତ୍ୟୁବରଣ କରି ସାରିଥିଲେ। ଏପରି ସମୟରେ ଓଡ଼ିଶାରେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହଜାରହଜାର ବାନରସେନା ଏହି ଆନ୍ଦୋଳନରେ ଝାସ ଦେଇଥିଲେ। ଇରମର ଜମିଦାର ମାନଙ୍କୁ ଏକପ୍ରକାରରର ନିଜ ଅକ୍ତିଆରକୁ ନେଇ ଆସିଥିଲେ ବ୍ରିଟିଶ। ଏ ପରିପ୍ରେକ୍ଷୀରେ ଇରମର ସେଇ ଜନନାୟକ ବାଂଛାନିଧି ମହାନ୍ତିଙ୍କ କବିତା ବାନରସେନାଙ୍କ ରକ୍ତରେ ବହ୍ନିକୁ ପ୍ରଜ୍ୱଳିତ କଲା। ଲବଣ ସତ୍ୟାଗ୍ରହ ସମୟରେ ଜଣେ ଆଗଧାଡ଼ିର ସେବକ ଥିଲେ ବାଂଛାନିଧି। ଅନେକ ଥର ଜେଲର ଚାରିକାନ୍ଥ ଭିତରେ ଦିନ କାଟିଥିଲେ ହେଁ କେବେ ଦେଶପ୍ରେମ କବିତା ରଚନାରେ ବିଚ୍ୟୁତ ହୋଇନଥିଲେ।

୧୯୪୨ ସେପ୍ଟେମ୍ବର ୭ ତାରିଖ। ଇରମର ମେଳଣ ପଡ଼ିଆରେ ବସିଲା ବାନର ସେନାର ବୈଠକ। ମରିବୁ ପଛେ, ଡ଼ରିବୁ ନାହିଁ ଏହାକୁ ଶପଥ କଲେ ସମସ୍ତେ। ଏହା ସହ ସେଠାରେ ନିଷ୍ପତ୍ତି ନିଆଗଲା ଯେ ଇଂରେଜ ମାନେ ଆସିଲେ ମହିଳା ମାନେ ଘର ଆଗରେ ଆଲୋକର ସୂଚନା ଦେବେ। କମଳା ପ୍ରସାଦ କର ସେତେବେଳେ ଇରମର ବାନର ସେନାର ମୁଖ୍ୟ ଦାୟିତ୍ୱ ନେଉଥିଲେ। ପ୍ରଥମ ଥର ପାଇଁ ୧୯୪୧ ଜାନୁଆରି ୮ରେ ବାସୁଦେବପୁରରେ ସତ୍ୟାଗ୍ରହ କରି ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୦ ଏପ୍ରିଲ ୧୯୪୨ରେ ଚୂଡ଼ାମଣିରୁ ଗିରଫ ହୋଇଥିଲେ। ଜେଲରୁ ଫେରିବା ପରେ ବାସୁଦେବପୁରରେ କିପରି ଆନ୍ଦୋଳନ କରିବେ ସେଥିପାଇଁ ଯୋଜନା ପ୍ରସ୍ତୁତ କଲେ। କମଳା ପ୍ରସାଦ କର ଓ ତାଙ୍କ ଅନୁଗାମୀ ଗୌରାଂଗ ଚରଣ ମହାନ୍ତି, ଅନିରୁଦ୍ଧ ମହାନ୍ତି, ପ୍ରଭାକର ପାଢ଼ୀ ପ୍ରମୁଖ ଗୁଡ଼, ସୁଆଁ, ବାସୁଦେବପୁର ଆଦି ଜାଗାରେ କର୍ମୀ ସମ୍ମିଳନୀ ଡ଼ାକି ଲୋକଙ୍କୁ ପ୍ରବର୍ତ୍ତାଉଥିଲେ।

ଏହି ସମୟରେ ସଢ଼େଇପଦାର ଅର୍ଜୁନ ବିଶ୍ୱାଳ ନିଜ ଘରେ କଂଗ୍ରେସ ଅଫିସ୍ କରିବା ପାଇଁ ଆମନ୍ତ୍ରଣ କଲେ। ଯାହା ଫଳରେ ୧୯୪୨ ଅଗଷ୍ଟ ୨୭ରେ ବିପ୍ଳବ ଏକ ନୂଆ ମୋଡ଼ ନେଲା। ଏହି ସମୟରେ ଏକ ବଡ଼ ଧରଣର ଆରମ୍ଭ ଥିଲା ସମାନ୍ତରାଳ ସରକାର। ୧୯୪୨ ସେପ୍ଟେମ୍ବର ୧୭ରେ ଗୌରାଂଗ ଚରଣ ମହାନ୍ତିଙ୍କ ଅଧୀନରେ ୨୦୦୦ ଲୋକଙ୍କୁ ନେଇ ଏକ ବୈଠକ ଡ଼କା ଯାଇଥିଲା ଯେଉଁଠାରେ ଏହା କରିବାକୁ ନିଷ୍ପତ୍ତି ନିଆଗଲା। ସେଇ ନଦୀଘେରା ଅଂଚଳକୁ ବାଂଛାନିଧି ଚକଲା ବୋଲି ନାମିତ କରାଗଲା। ଏହା ୨୬ଟି ଗ୍ରାମପଂଚାୟତକୁ ନେଇ ଗଠିତ ହୋଇଥିଲା।

୧୯୪୨ ସେପ୍ଟେମ୍ବର ୨୮। କମଳା ପ୍ରସାଦ କରଙ୍କ ନେତୃତ୍ୱରେ ୫୦୦୦ରୁ ଅଧିକ ଲୋକ ମେଳଣ ପଡ଼ିଆରେ ରୁଣ୍ଡହେଲେ। ପରନ୍ତୁ ଏହି ଜନ ସମାବେଶକୁ ଭଣ୍ଡୁର କରିବାକୁ ବ୍ରିଟିଶ ସରକାର ଆରମ୍ଭ କଲେ ଆଖିବୁଜା ଗୁଳିଚାଳନା। ଆଖି ପିଛୁଳାକେ ଟଳି ପଡ଼ିଲେ ୨୯ ଜଣ ବୀର ସଂଗ୍ରାମୀ। ଯାହା ମଧ୍ୟରୁ ଜଣେ ଥିଲେ ମହିଳା ପରିବେଣ୍ଢା। ଦେଖୁଦେଖୁ ରକ୍ତ ରଂଜିତ ହୋଇଗଲା ଇରମର ମାଟି। ୩୦୪ ରାଉଣ୍ଡ ଗୁଳିଚାଳନାରେ ନିସ୍ତବ୍ଧ ହୋଇଗଲା ସାରା ଭାରତ।

ହେଲେ ଆଜି ବି ଏ ଇରମ ଅବହେଳିତ ଅବସ୍ଥାରେ ଅଛି। ସହିଦ ମାନଙ୍କ ଫଳକରେ ସେମାନଙ୍କ ନାଁ ବି ଲିଭି ଗଲାଣି। ଓଡ଼ିଆ ଭାଷା ସଂସ୍କୃତି ବିଭାଗ ଏ ଦିଗରେ ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେଲେ ଇରମ ସହ ସାରା ଓଡ଼ିଶାରେ ଏହାର ଇତିହାସର କଥା ମଧ୍ୟ ଗୁଂଜରିତ ହେବ। ସତରେ ମୁଁ ନିଜକୁ ଗୌରାବାନ୍ୱିତ ମନେ କରେ ମୁଁ ବି ଏ ମାଟିରେ ବଢ଼ିଛି, ଏଇ ପରିବେଣ୍ଢାର ଅଂଚଳରେ ଜନ୍ମ ନେଇଛି। ସଲାମ ସେ ମାଟିକୁ ଶତଶତ ପ୍ରଣାମ ଇରମର ଜନନାୟକ ମାନଙ୍କୁ ....

+ବାସୁଦେବପୁର, ଭଦ୍ରକ
ମୋ- ୯୪୩୮୪୬୭୦୭୯

# ନିଜର ମତକୁ ପିଲାମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ



**ସୁବ୍ରତ କର**

> ମହାରାଷ୍ଟ୍ରର ଚନ୍ଦ୍ରପୁର ଗାଁର ୧୯ବର୍ଷ ବର୍ଷ ଛାତ୍ର ଅନୁରାଗ ଅନିଲ ବ୍ୟେରକାରଙ୍କୁ ତାଙ୍କର ମା, ବାପା ହରାଇଲେ । କଥା ହେଲା ଅନୁରାଗ ଚାହୁଁ ନଥିଲେ ଡାକ୍ତର ହେବା ପାଇଁ ଯଦି ବି ସେ ଏନ୍ଇଇଟିରେ ୯୯.୯୯% ରଖି ଗୋରଖପୁର ଏମ୍ସ ମେଡିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ପାଇଥିଲେ । କିନ୍ତୁ ତାଙ୍କ ବାପା, ମା ବହୁତ ଖୁସୀ ହୋଇଥିଲେ ଏବଂ ମୂଳରୁ ସେମାନେ ପୁଅକୁ ଡାକ୍ତର ହେବା ପାଇଁ ଚାହୁଁଥିଲେ ଏବଂ ଏହି ପ୍ରଫେସନରେ ବହୁତ ଟଙ୍କା ରୋଜଗାର କରି ପାରିବ ବୋଲି କହିଥିଲେ ଯେଉଁଟା କି ଅନୁରାଗ ମନକୁ ପାଇ ନଥିଲା ।

ଖାସ୍ କରି ପରୀକ୍ଷାଫଳ ଏବଂ କ୍ୟାରିୟରକୁ ନେଇ ମା, ବାପାମାନେ ପିଲାମାନଙ୍କର ଇଚ୍ଛାକୁ ଇଜତ ଦେବାଟା ଉଚିତ୍ ବୋଲି ମୁଁ ଭାବୁଛି । ସମ୍ମାନ ଦେଇନଥିବାରୁ ମହାରାଷ୍ଟ୍ରର ଚନ୍ଦ୍ରପୁର ଗାଁର ୧୯ବର୍ଷ ବର୍ଷ ଛାତ୍ର ଅନୁରାଗ ଅନିଲ ବ୍ୟେରକାରଙ୍କୁ ତାଙ୍କର ମା, ବାପା ହରାଇଲେ । କଥା ହେଲା ଅନୁରାଗ ଚାହୁଁ ନଥିଲେ ଡାକ୍ତର ହେବା ପାଇଁ ଯଦି ବି ସେ ଏନ୍ଇଇଟିରେ ୯୯.୯୯% ରଖି ଗୋରଖପୁର ଏମ୍ସ ମେଡିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ପାଇଥିଲେ । କିନ୍ତୁ ତାଙ୍କ ବାପା, ମା ବହୁତ ଖୁସୀ ହୋଇଥିଲେ ଏବଂ ମୂଳରୁ ସେମାନେ ପୁଅକୁ ଡାକ୍ତର ହେବା ପାଇଁ ଚାହୁଁଥିଲେ ଏବଂ ଏହି ପ୍ରଫେସନରେ ବହୁତ ଟଙ୍କା ରୋଜଗାର କରି ପାରିବ ବୋଲି କହିଥିଲେ ଯେଉଁଟା କି ଅନୁରାଗ ମନକୁ ପାଇ ନଥିଲା । ତାର ଯୁକ୍ତି ଥିଲା ବ୍ୟବସାୟ କରିଲେ ନିଶ୍ଚିତ ଭାବରେ ଡାକ୍ତରର ରୋଜଗାର ଠୁ ବହୁତ ବେଶି ରୋଜଗାର କରି ପାରିବ । ସେ ଏହି ଯୁକ୍ତି ତାର ସୁଇସାଇଡ୍ ନୋଟରେ ଯାହା କି ପୋଲିସର ହସ୍ତଗତ ହୋଇଛି । ସେ ବାପା, ମାଙ୍କ ଚାପକୁ ସମ୍ଭାଳି ନ ପାରି ଘରେ ରଶି ଲଗାଇ ଆତ୍ମ ହତ୍ୟା କରିଛି । ଗତ ବୁଧବାର ନାମଲେଖା ପାଇଁ ପରିବାର ସହ ଅନୁରାଗଙ୍କୁ ଉତ୍ତରପ୍ରଦେଶର ଗୋରଖପୁର ଯିବାର ଥିଲା । ଏହାର ଠିକ୍ ପୂର୍ବରୁ ପରିବାରର ଲୋକେ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ଦେଖିବାକୁ ପାଇଥିଲେ । ପୋଲିସ ଅନୁରାଗଙ୍କ ମୃତ ଶରୀର ପାଖରୁ ଏକ ସୁଇସାଇଡ୍ ନୋଟ୍ ପାଇଥିଲେ ଏବଂ ସେଥିରେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ ସେ ଡାକ୍ତର ହେବାକୁ ଚାହୁଁନଥିଲେ ଏବଂ ୫ ବର୍ଷ ଧରି ପଢ଼ିବାକୁ ଚାହୁଁ ନଥିଲେ । ଏହି ଘଟଣାରୁ ଏବେକାର ମା, ବାପା ମାନେ କଣ ଜାଣିଲେ ବା ଶିଖିଲେ ? ଭୁଲରେ ମଧ୍ୟ ନିଜ ପିଲାଙ୍କୁ ପାଠ ପଢ଼ିବା ବା ଭବିଷ୍ୟତ କଣ ହୋଇ ବାହାରିବେ ଏହା ଉପରେ ଚାପ ସୃଷ୍ଟି କରିବା ଆଦୌ ଉଚିତ ନୁହଁ । ଠିକ୍ ଅଛି ପାଠପଢ଼ା ବା କ୍ୟାରିୟରକୁ ନେଇ ପିଲାମାନଙ୍କ ସହିତ ଖୋଲାଖୋଲି ଆଲୋଚନା କରି ସିଦ୍ଧାନ୍ତ ନେବାଟା ଉଚିତ ଏବଂ ମା, ବାପା ଯାହା ଚାହୁଁଛନ୍ତି ପିଲାଙ୍କୁ ବୁଝେଇ ସୁଝେଇ କରି ପାରିଲେ ଭଲ ହୁଅନ୍ତା । ଏଥିରେ ନିଶ୍ଚୟ ଆପଣମାନେ ମୋ ମତ ସହିତ ଏକମତ ହେବେ ଏବଂ ଅତି ବୁଦ୍ଧିମାନ ପିଲା ଅନୁରାଗ ଭଳି ସନ୍ତାନଙ୍କୁ ହରାଇବାକୁ ପଡ଼ି ନପାରେ । ଅନେକ ସମୟରେ ଏହା ଠିକ୍ ଯେ ମା, ବାପା ପିଲାଙ୍କଠାରୁ ବହୁତ କିଛି ଆଶା କରନ୍ତି ଏବଂ ଏବେ ସବୁ ମା, ବାପାଙ୍କର ପ୍ରାୟ ଗୋଟାଏ କିମ୍ବା ଖୁବ୍ ବେଶି ହେଲେ ଦୁଇଟି ଏବଂ ଆଶା କରନ୍ତି ମୋ ପିଲା ଆମେ ଯାହା ଚାହିଁବୁ ସେଆଇ ସେ ହେବା ଉଚିତ କାରଣ ଆମଠୁ ତାର ଆଉ କେହି ନାହାନ୍ତି ଯେ ପିଲାର ଭବିଷ୍ୟତ ବିଷୟରେ ଚିନ୍ତା କରି ପାରିବ ଏବଂ ଶେଷରେ ଠିକ୍ କରନ୍ତି ଆମେ ଯାହା ଚାହିଁବୁ ଆମ ପିଲା ସେଇଆ ହେବ । ଖୁବ୍ ବେଶି ଆଶା କରିବା ଠିକ୍ ନୁହେଁ ଏବଂ ପିଲାଙ୍କୁ ମଧ୍ୟ ତାର ଭବିଷ୍ୟତ ପାଇଁ ଚିନ୍ତା କରିବାକୁ ଦିଅନ୍ତୁ, ତେବେ ଠିକ୍ ଚାଲିବ । ସବୁକିଛି ଈଶ୍ୱରଙ୍କ ହାତରେ ଏବଂ ସେ ହେଉଛନ୍ତି ଶେଷ ଲୋକ ଠିକ୍ ବିଚାର କରିବା ପାଇଁ ।

## କବିତା କୋଣାର୍କ

### ଦେବୀ

**ଦିନେଶ ମେହେର**

ଶୁଣି ପାରୁଛୁ ତ ମାଁ
ମହିଷାର ଜୟ ଜୟକାର ?
ଧରାପୃଷ୍ଠ ଏବେ ସଂପୂର୍ଣ୍ଣ ବିବଶ,
ଟପି ସାରିଲାଣି ପାପର ସୀମା
ବଢ଼ି ସାରିଲାଣି ପାପୀର ବଂଶ
ଆଉ କେଇଟା ସମୟ ପରେ
ଭାଙ୍ଗି ପଡ଼ିବ ପୃଥିବୀର ମେରୁଦଣ୍ଡ...!
ଦେଖୁଛୁ,
ଏଠି ପ୍ରତିକ୍ଷଣେ ନିରୀହ କଳିକା ମାନେ
ଶିକାରୀ ହାତରେ ଶିକାର ହେଇ
ହରେଇ ବସିଛନ୍ତି ନିଜର ପ୍ରାଣ,
ପାଦେ ପାଦ ଏଠି ନର୍କଭୟ ,
ବଳାତ୍କାର, ଏସିଡ୍ ଆଟେକ୍
ପୁଣି ଏ. ଆଇରେ ଭାଇରାଲ
ଇମେଜ୍ ସବୁ....!
ଏତିକି ବେଳେ ମଣିଷପଣିଆ ହାର୍ ମାନି
ଆଶାଶୂନ୍ୟ ହେଇ ବସିପଡ଼େ
ହାତୀନଦୀର ପାଦଦେଶରେ,
ନିଜ ବିପ୍ଳବୀ ପଣିଆକୁ ଜାଗ୍ରତ କରୁ କରୁ
ଉପାୟଶୂନ୍ୟ ହେଇ ଥକି ପଡ଼େ
ନିଜର ସମସ୍ତ ପାରିବାପଣିଆ....!
ଠିକ୍
ସେତିକି ବେଳେ ଅନ୍ତର ଭିତରୁ
ଗୁଞ୍ଜରିତ ହୁଏ ଓଁକାରର ଧ୍ୱନି,
ନଈ ସେପାରିରୁ
ନିନାଦିତ ହୁଏ ବୀର ବାଦ୍ୟ,
ପବନର ଦୋଳିରେ ଫର ଫର ହେଇ
ଦୋହଲି ଉଠେ କାଶତଣ୍ଡି,
ଶଙ୍ଖ ନାଦ, ଘଣ୍ଟ ବାଦ୍ୟ
ଘୁମୁରାର ତାଳ, କେତେ କଅଣ!
ଥରି ଉଠେ
ସମଗ୍ର ଅଞ୍ଚଳ
ଏକ ଅଜଣା ଶକ୍ତିର ଅବସ୍ଥିତିରେ,
ଦୂର ପାହାଡ଼ରୁ ଚମକି ଉଠେ
ଖାଲି ଆଖିକୁ ଦିଶୁ ନଥିବା
ତୀକ୍ଷ୍ଣ ରଶ୍ମୀଟିଏ
ସତେ ଯେମିତି
ଯା'ର ଉଷ୍ଣତାରେ ଭସ୍ମ
ହେଇଯିବ ଦୁନିଆଟା,
ପୁଣି ତ୍ରାହିମାଂ ତ୍ରାହିମାଂ ଶବ୍ଦରେ
ପ୍ରକମ୍ପିତ ହେଇଉଠେ
ତମାମ୍ ମାନବ ସଭ୍ୟତା....!
ଜାଣିଛି,
ଏଇସବୁ ଘଟଣାରେ ଆଭାସ ହୁଏ
ତୋ ଆଗମନର ଶୁଭ ଲଗ୍ନ,
ଯେତେବେଳେ ହାତରେ
ଖଡ଼ଗ, ତ୍ରିଶୂଳ ଧାରଣ କରି
ତୁ ଆସୁ ଧରାପୃଷ୍ଠକୁ
ସେତେବେଳେ ପୃଥ୍ୱୀ
ପାଲଟି ଯାଏ ସ୍ୱର୍ଗ,
ଧ୍ୱଂସ ହେଇଯାଏ ପାପର ପାହାଡ଼
ତରି ଯାଏ ପାପୀ.....!

+ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

### ମା' ଆସୁଛି

**କଳ୍ପନା ମିଶ୍ର**



ଆଶିଷର ଧାରା ଆଶ୍ୱିନ ଆଣିଛି
ପୃଥିବୀ ବକ୍ଷରେ ଆଜି
ଶୁଭ୍ର ସକାଳ ରେ ଶେଫାଳୀ ଝଡଇ
କି ସୁନ୍ଦର ବୃକ୍ଷ ରାଜି ।

କାଶତାଣ୍ଡି ଫୁଲେ ଆଲଟ ଚାମର
ଧରିଛି ଧରଣୀ ରାଣୀ
ସ୍ୱାଗତ ଗୀତିକା ଗାଉଛି ଝରଣା
ଝରି ଝରି ଯାଏ ପୁଣି ।

ମା' ଦୁର୍ଗାଙ୍କର ଆଗମନ ପାଇଁ
ମର୍ତ୍ତ୍ୟପୁର ସଜ ବାଜ
ମନ୍ଦାର, ଟଗର, ନାଗ ଚମ୍ପା ଆଦି
ସତେକି କରନ୍ତି ଲାଜ ।

ନବ ପଲ୍ଲବ ରେ ପଲ୍ଲବୀତ ଧରା
ଶାଗୁଆ ପାଟ ପିନ୍ଧିଛି
ବରଷା ରାଣୀର ଅସରା ବର୍ଷାରେ
ପାଦ ତାର ପ୍ରକ୍ଷାଳୁଛି ।

ଚାରିଆଡେ ଖୁସି ଆନନ୍ଦର ଉତ୍ସ
ନାହିଁ କାହିଁ ଅଭିମାନ
ମା' ଆସିଯିବ ସିଂହ ବାହନରେ
ସଭିଙ୍କ ଆନନ୍ଦ ମନ ।

+ହରିପୁର, ସୁକିନ୍ଦା, ଯାଜପୁର

# ବାସଛତ୍ର

ନିର୍ବିକାର ପ୍ରଭାତ

ଆଗକୁ କୁଆଁର ପୁନେଇ ପର୍ବ। ଗାଁଠୁ ସହର ସବୁଆଡ଼େ ଗହଳି। ପର୍ବର ଯଥେଷ୍ଟ ଆଗରୁ ଝିଅମାନେ ପୋଷାକ ପତ୍ର କିଣି ରଖିବା କଥା। କିନ୍ତୁ ମାମୁଁମାନେ ପୂର୍ଣ୍ଣମୀର ଦିନେ ଦିଦିନ ଆଗରୁ ଟଙ୍କା ପ୍ରଦାନ କରନ୍ତି। ବହୁତ ଦିନ ଆଗରୁ ଟଙ୍କା ପଠାଇଲେ ବଦଖର୍ଚ୍ଚୀ ବାପାମାନେ ଟଙ୍କା ଉଡେଇ ଦେଇ ଭାଣିଜିମାନଙ୍କୁ ହଇରାଣ କରନ୍ତି। ଶେଷରେ କରଜ କରି ନଚେତ ବ୍ୟାଙ୍କରୁ ଉଠାଇ ପର୍ବର ଠିକ୍ ଆଗଦିନ ମାଆ ହାତରେ ଧରାଇ ଦିଅନ୍ତି। ସେତେବେଳର ଭିଡରେ ଗ୍ରାହକ ସହିତ ଦୋକାନୀଙ୍କ ତରବରିଆ ବିନିମୟରେ ଯିଏ ହେଲେ ଜଣେ କ୍ଷତିରେ ପଡେ। ବଛାବଛି ପରେ ଯାହିତାହି ପୋଷାକ କିଣି ଅସନ୍ତୁଷ୍ଟ ମନରେ ମାଆଝିଅ ସବୁ ଘରକୁ ଫେରନ୍ତି। ଏବେ ମାଆମାନେ ହାତରୁ ଖର୍ଚ୍ଚ କରି ପୋଷାକପତ୍ର କିଣୁଛନ୍ତି। ପରେ ମାମୁଘର ଭରଣା କରିବେ।

ସେଦିନ ସନ୍ଧ୍ୟାରେ ପଞ୍ଚୁ ମନୋହରୀ ଡ୍ରେସ ଦୋକାନର ବେପାରରେ ବ୍ୟସ୍ତ ଥା'ନ୍ତି। ପାଞ୍ଚ ଛଅ ଜଣ ଗ୍ରାହକ ବିଭିନ୍ନ ପୋଷାକ ଦେଖୁଥାନ୍ତି। ପଞ୍ଚୁବାବୁ ଗ୍ରାହକଙ୍କ ସହିତ ମୂଲଚାଲ ଓ ଟଙ୍କା ଦିଆନିଆ କରିବା ବେଳେ ହଠାତ୍ ଜଣେ ଗ୍ରାହକ ଆସି କହିଲା,'ଭାଇ ଏ ଫୁଲ୍ ପ୍ୟାଣ୍ଟଟାକୁ ଆଠଦିନ ତଳେ ନେଇଥିଲି। ଢିଲା ହଉଛି। ତା ବଦଳରେ ଗୋଟେ ସର୍ଟ୍ ପ୍ୟାଣ୍ଟ ଦିଅ ଆଉ ବଳକା ଟଙ୍କା ଫେରେଇ ଦିଅ। ମୁଁ ଭାରି ତରବରିଆ ଅଛି । ଭୁବନେଶ୍ୱର ହସ୍ପିଟାଲ ଯିବି ।'

-'ହଁ ଯେ ଟଙ୍କା ଫେରାଇ ପାରିବିନି। ତା ବଦଳରେ ଆଉ କିଛି ଜିନିଷ ନବାକୁ ପଡିବ।' ପଞ୍ଚୁବାବୁ କହିବାରୁ ସେ ପ୍ରତିକ୍ରିୟା ପ୍ରକାଶ କଲା, 'ତମର ଏଇଟା କଣ ଗୋଟେ ମଲଠାରୁ ଅଧିକ ? ମଲରେ ଜିନିଷ କିଣିଲେ ଏକ୍ସେଞ୍ଜ ପାଇଁ ଦିନ ଦୁଇଟା ସମୟକୁ ରଖା ଯାଇଛି। ସେଠାରୁ ଆମେ ରିହାତିରେ କିଣୁଛୁ ଆଉ ତମଠାରୁ ମୂଲାମୂଲିରେ । ତମ ସହିତ ସମ୍ପର୍କ ଅଛି ବୋଲି ଆସୁଛୁ। ନହେଲେ ହଜାର ହଜାର ମଲ୍ ଆଡଭର୍ଟାଇଜ୍ କରି ଉପରକୁ ଉଠିଲା ବେଳେ ଗାଁ ଦୋକାନୀଙ୍କର ଡାଉନ ହଉଛି କାହିଁକି ? କାରଣ ସ୍ଥାନୀୟ ଦୋକାନୀମାନଙ୍କ ଡିଲିଙ୍ଗସ୍ ଭଲ ନୁହେଁ। ପ୍ରତ୍ୟେକ ମଣିଷ ଆତ୍ମସମ୍ମାନକୁ ଜଗେ । କଷ୍ଟମରଙ୍କ କଥା ନରହିଲେ ସେମାନେ ଅନ୍ୟ ଦୋକାନ ମୁହାଁ ହେବେ ।'

ଅଧିକ ଉପଦେଶ ଶୁଣିବାକୁ ପଞ୍ଚୁ ପାଖରେ ସମୟ କି ଧୈର୍ଯ୍ୟ ନଥିଲା। ତର୍କ କରିବାକୁ ଅନିଚ୍ଛୁକ ଦୋକାନୀ ତାଠାରୁ ଜରି ଭର୍ତ୍ତୀ ପ୍ୟାଣ୍ଟଟିକୁ ଡ୍ରେସ୍ ଗଦା ଉପରକୁ ଫୋପାଡି ଦେଲେ। ଅନ୍ୟମାନଙ୍କଠାରୁ ଟଙ୍କା ରଖି ପୋଷାକ ହସ୍ତାନ୍ତର କରିବା ଭିତରେ ସେହି ଗ୍ରାହକ ଆଉ ଗୋଟିଏ ସର୍ଟ୍ ପ୍ୟାଣ୍ଟ ପସନ୍ଦ କରିଦେଲା। ଅଧିକ ବଚସା ହେଲେ ବେପାର ଖରାପ ହେବ। ଉକ୍ତ ଗ୍ରାହକ ଆଉ ଆସିବନି ବରଂ ଅନ୍ୟମାନଙ୍କୁ ଦୋକାନ ବିରୋଧରେ ଉସୁକାଇବ। ଝାମେଲାରୁ କିଛି ମିଳିବନି। ଲେଉଟିଆ ଶାଗ ଓପାଡି ନଦେଇ କାଟି ଖାଇବାଟା ବୁଦ୍ଧିମାନର କାମ । ଫୁଲ୍ ପ୍ୟାଣ୍ଟ ମୂଲ୍ୟ



ଛଅଶହ ଟଙ୍କାରୁ ସର୍ଟପ୍ୟାଣ୍ଟ ବାବଦକୁ ଚାରିଶହ ପଚାଷ ଟଙ୍କା କାଟି ତାଙ୍କୁ ଦେଢଶହ ଟଙ୍କା ବଢେଇ ଦେଲେ। ଏକୁଟିଆ ଲୋକ ସେ। ତା ପାଇଁ ଅଧିକ ସମୟ ଦେଲେ ଆଉ ପାଞ୍ଚ ଜଣ ଗ୍ରାହକ ଫେରି ଯିବାର ଆଶଙ୍କା ଅଛି। ଡ୍ରେସ ଏକ୍ସେଞ୍ଜ ପରେ ଟଙ୍କା ଧରି ଗ୍ରାହକ ଚାଲିଗଲା ।

ରାତିରେ ଦୋକାନ ବନ୍ଦ କରିବା ଆଗରୁ ସବୁ ଇତସ୍ତତ ଡ୍ରେସଗୁଡିକୁ ସଜାଡିବାକୁ ପଡ଼େ। ଥାକରେ ରଖିବାକୁ ବଦଳା ଯାଇଥିବା ଫୁଲ୍ ପ୍ୟାଣ୍ଟର ଜରି କାଢି ସେ ଖୋଲି ଦେଲେ। ମୁଣ୍ଡ ତାଙ୍କର ଝିମ୍ ଝିମ୍ ହୋଇଗଲା। ସିଟ୍ ଫଟା ପୁରୁଣା ଫୁଲ୍ ପ୍ୟାଣ୍ଟଟାକୁ ସଫା କରି ଆଇରନ ଦେଇ ନୂଆ ଜରିରେ ଭର୍ତ୍ତୀ କରି ଲୋକଟା ଫେରାଇଛି। ସରଳତାର ସୁଯୋଗ ନେଇ ସେ ଚୁନ ଲଗାଇ ଚାଲିଗଲା। ଭାରି ମନ ଦୁଃଖ କଲେ ପଞ୍ଚାନନ ମନୋହରୀ । ମୁହଁ ଶୁଖାଇ ଘରକୁ ବାହାରିଲେ। ବାଟରେ ମନେ ପଡୁଥାଏ ଠକ ଗ୍ରାହକର ଆଦର୍ଶ କଥା ଗୁଡ଼ିକ। ପୁରୁଣା ଚିରା ପ୍ୟାଣ୍ଟ ବଦଳାଇବାକୁ ସେ କେବେ ବାଉଳାରେ ଆସିନଥିବ। ବିଧିବଦ୍ଧ ଯୋଜନା କରି ସେ ଠକେଇ କରିଛି। ସତରେ ଦୋକାନୀଠାରୁ ଗ୍ରାହକ ବଳିଯିବା ଗୋଟେ ବଡ କଥା। ଦିନେ ବାଦାମବାଡ଼ିରେ ସେଓ କିଣି ପକେଟରୁ ଟଙ୍କା ବାହାର କଲାବେଳେ ଠେଲାଗାଡି ବେପାରୀ କଳା ଜରି ବଦଳାଇ ପୋଚା ସେଓ ପଞ୍ଚାନନଙ୍କୁ ଧରାଇ ଦେଇଥିଲା। ଆଉଦିନେ କଳ୍ପନା ଛକରୁ ସେ ତିନିକିଲୋ ସୁରଙ୍ଗି କମଳା କିଣି ନେଇଥିଲେ। ଦୁର୍ଭାଗ୍ୟକୁ ମାତ୍ର ତିନୋଟି କମଳାକୁ ଛାଡିଦେଲେ ସବୁ ଉପର ଚକଚକ ଭିତର ପୋଚା। ତାକୁ ଲାଗିଥିଲା ସେ କମଳା ପରିବର୍ତ୍ତେ ଯେମିତି ମହାକାଳ ଫଳ କିଣିଛନ୍ତି। ବହୁତ ମନ ଦୁଃଖ କରିଥିଲେ ନବ ବିବାହିତା ସ୍ତ୍ରୀ। ହେଲେ ସେ ତ କାହାକୁ ଠକି ନାହାଁନ୍ତି। ଏବେ ଅନେକ ବର୍ଷ ପରେ ସେ ଠକାମୀରେ ପଡୁଛନ୍ତି କାହିଁକି ? ଏସବୁ ତାଙ୍କର ମୂର୍ଖାମୀ ନା ନିର୍ବୁଦ୍ଧିଆ କାମ? ଏହି ଭାବନା ଭିତରେ ପଞ୍ଚାନନ ନିଜଘରେ ପହଞ୍ଚିଗଲେ ।

ସ୍ତ୍ରୀ ତାଙ୍କର ମୁଖ ଦେଖି ଦୁଃଖ ବୁଝି ପାରୁଥିବା ମହିଳା। ସମସ୍ତ କଥା ଶୁଣିବା ପରେ ସେ କହିଲା,'ତମେ ଚେକ୍ କରି ରଖିଥିଲେ ଭଲ ହୋଇଥା'ନ୍ତା । ଠକଟା ଧରା ପଡିଥିଲେ ବାଉଳାରେ ନେଇ ଆସିଛି ବୋଲି କହି ଫେରି ଯାଇଥା'ନ୍ତା। ତମେ ସରଳ ସତ, ହେଲେ ଆଜି ତମେ ବେକୁବ୍ କାମ କଲ। ତରବରିଆ ଗ୍ରାହକ ଓ ଦୋକାନୀ ଆଉ ମଠୁଆ ଚାଷୀ କ୍ଷତିରେ ପଡନ୍ତି। ଘରେ ଏତେ କାମ। ଖଟି ଖଟି ସମୟ ପାଉନି। ନହେଲେ ବେପାର ସିଜିନ ବେଳେ କାଉଁଟରରେ ବସି ଟଙ୍କା ଦିଆନିଆ ମୁଁ କରନ୍ତି.....।'

କଥା ନସରୁଣୁ ପଞ୍ଚୁବୋଉ ବଡ ପାଟିରେ କହିଲେ, 'ଥାଉ ଥାଉ ତୁ ଆଉ ଦୋକାନରେ ବସିବା ଆଶା କରନା। ଗାଁ ଲୋକ କହିବେ ଗିରସ୍ତ ଭାରିଜା ଘରୁ ବାହାରି ଆସି ଦାଣ୍ଡରେ ବେପାର କରିବା ନାଁରେ ମୂଲେଇ ହଉଛନ୍ତି। ପେଟ ଚାଖଣ୍ଡକ ପାଇଁ ଯାହା କର୍ମ କଲେ ଦୋଷ ନାହିଁ କିନ୍ତୁ ଘରର ଯାବତୀୟ କାମ ଛାଡି ତୁ ଦୋକାନ ପିଣ୍ଡା ମାଡିବୁନି। ବାପା ଥିଲା ବେଳେ ଥରେ ଠକାମୀରେ ପଡିଥିଲେ। ବାପା ଭାରି ଖବରକାଗଜ ପ୍ରିୟ । ସକାଳୁ ଦୋକାନ ଖୋଲି ଧୂପ ଦେଇ ବସନ୍ତି। କାଗଜ ଆସିଗଲେ ବାବୁ ଏମୁଣ୍ଡରୁ ସେମୁଣ୍ଡ ପଢନ୍ତି। ଦିନେ କାଗଜ ପଢାରେ ମଗ୍ନ ଥିଲା ବେଳେ ଜଣେ ଗରାଖ ଆସିଲା। ଗାମୁଛା ଲୁଙ୍ଗି ଦେଖିଲା। ଦଶ ବାରଟା ଦେଖିଲା ପରେ କହିଲା, 'ମଉସା, ଏ ଲୁଙ୍ଗିଟା ମୁଁ ନେବି। ସେ ଗାମୁଛାଟା ବି ମୁଁ ନେବି।' ମନେମନେ ଖୁସି ହେଲେ ବାପା। ବଡ ନୋଟଟେ ଦେଖାଇ ସେ ପଚାରିଲା, 'ଖୁଚୁରା ହବ ?' ବାପା ମନା କରିବାରୁ ସେ କହିଲା, 'ଆଜ୍ଞା, ଏଇଟି ମୋ ଗାମୁଛା, ଏଇଟି ମୋ ଲୁଙ୍ଗି । ରେଜା କରି ଆଣୁଛି।' ବାପା ହଁ କହିବାରୁ ସେ ଠକ ଲୁଙ୍ଗି ଗାମୁଛା ଧରି ଖୁଚୁରା ଆଣିବାକୁ ଗଲା ଯେ ଗଲା ଆଉ ଆସିଲା ନାହିଁ। ସେଦିନରୁ ସେ କାଗଜ ପଢା ଛାଡିଦେଲେ। ଖବରକାଗଜ ପଢିବାଟା ଭଲ ଅଭ୍ୟାସ। କିନ୍ତୁ ପଢାକୁ ନିଶା କରି ନିଜ କର୍ତ୍ତବ୍ୟକୁ ଅବହେଳା କରିବା ଠିକ୍ ନୁହେଁ । ରାଗରେ ସେ ପେପର ଆଉ ରଖିଲେ ନାହିଁ। ଚୋରକୁ ମାନ୍ କରି ଖପରାରେ ଖାଇବା ଭଳି ହେଲା।'

ପଞ୍ଚୁ ସ୍ତ୍ରୀ କହିଲା,'ଦୋକାନରେ ଗୋଟେ ପିଲା ରଖିଲେ ଭଲ ହୁଅନ୍ତା। କିନ୍ତୁ ତାର ମାସିକିଆ ଦରମା ଦବାକୁ କଷ୍ଟ ହବ। ତା ବଦଳରେ ସିସି କ୍ୟାମେରା ଲଗାଇଲେ ଅଧିକ ଭଲ ହବ।' ପଞ୍ଚାନନ ଚିଲ୍ଲେଇଲେ, 'ଏତେ ବଡ ପ୍ରସ୍ତାବ ଦେଲେ କଣ ହବ? ତିରିଶ ହଜାର ଟଙ୍କାର ମାମଲା। ପୁଞ୍ଜିରୁ ଖାଲି କରିଦେଲେ ଦୋକାନ ଚାଲିବ କେମିତି ? ମାସକୁ ମାସ ଗ୍ରୁପ୍ କିସ୍ତି ଦବାକୁ ଅସୁବିଧା ହେଉଛି। ସେଥିରେ ଆହୁରି ଋଣ ବୋଝ ମୁଣ୍ଡେଇବାକୁ ମୋର ଶକ୍ତି ନାହିଁ।'

ସାନ୍ତ୍ୱନା ଦେବାକୁ ସ୍ତ୍ରୀ କହିଲା, 'କିଛିବର୍ଷ ତଳ ଦିହଜାର ଟଙ୍କିଆ ନୋଟରେ ଥିବା ନୀଳସବୁଜ ସୂତାକୁ ନଦେଖି ନକଲି ନୋଟ ରଖି ବେପାର କଲ। ଟଙ୍କା ସହିତ ଡ୍ରେସ୍ ହରାଇ ଭଲରେ ଖାଇ ପିଇ ଶୋଇ ପାରିଲ ନାହିଁ। ସିସି କ୍ୟାମେରା ସେତେବେଳେ ଥିଲେ ଦୁର୍ବୃତ୍ତଟା ଧରା ପଡ଼ି ନଥାନ୍ତା ? ମୁଁ ଗୋଷ୍ଠୀରୁ ଟଙ୍କା ଆଣି ଦେବି। ତମେ କ୍ୟାମେରା ଲଗାଇବା ବ୍ୟବସ୍ଥା କର। ସୁଝିବା ଦାୟିତ୍ୱ ମୋର ।'

ବୋଉ କଥା ଯୋଡିଲେ, - 'ଦୋକାନ କରି ଓଲାଙ୍କ ଭଳି ହେଲେ ଠକମାନେ ସର୍ବସ୍ୱ ମାରିନେବେ। ଟିକିଏ ଚାରି ଆଖିଆ ହୋଇ ଦୋକାନର ବସ୍ ।'

ବୋଉଙ୍କ କଟୁକଥା ପଞ୍ଚୁ ଅପେକ୍ଷା ସ୍ତ୍ରୀକୁ ବେଶି ବାଧିଲା। ସେ ଜବାବ ଦେଲା,-'ଚାଲାକ ହେବା ଭଲ ଯେ ବୋଉ, କାଉ ଭଳି ଅତି ଚାଲାକ ହେଲେ ବିଷ୍ଠା ଖାଇବାଟା ସାର ହେବ। ଭଗବାନ ଯାହାକୁ ଯେମିତି ଗଢିଛନ୍ତି ନା....।' ବୋଉ ଖରାପ ଉଦ୍ଦେଶ୍ୟରେ କହିନଥିଲେ ବି କଳିକଜିଆ ହେବାର ଆଶଙ୍କାରେ ଚୁପ୍ ରହିଲେ।

ପରଦିନ ପଞ୍ଚୁ ସ୍ତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀରୁ ତିରିଶ ହଜାର ଟଙ୍କା ଋଣ କଲା । ପଞ୍ଚୁ ସିସିଟିଭି କ୍ୟାମେରା ବରାଦ ଦେଲେ।

ହଠାତ୍ ପୂର୍ତ୍ତବିଭାଗରୁ ନୋଟିସ୍ ଆସିଲା, 'କୁମାର ପୂର୍ଣ୍ଣମୀ ପର ଦିନ ରୋଡ୍ ଏକ୍ସଟେନସନ ପାଇଁ ରାସ୍ତାରେ ଥିବା ଦୋକାନ ଉଚ୍ଛେଦ ହେବ।' ପେଟପାଟଣା ପାଇଁ ଟୁଙ୍ଗୁଲି ଘର କରି ଗୁଜୁରାଣ ମେଣ୍ଟାଉଥିବା ନିରୀହ ଦୋକାନୀମାନଙ୍କୁ ବିସ୍ଥାପିତ କରିବା ପରେ ଥଇଥାନ କରିବାର କୌଣସି ବ୍ୟବସ୍ଥା ହୋଇନାହିଁ। ଛକରେ ଜେସିବି ମେସିନ୍ ଦେଖି ପଞ୍ଚୁବାବୁଙ୍କ ମୁଣ୍ଡକୁ ରାଗ ଚଢ଼ିଗଲା ।

କୁମାର ପୂର୍ଣ୍ଣମୀ ସକାଳୁ ସକାଳୁ ଦୋକାନ ଖୋଲି କିଛି ବସ୍ତାରେ ଥିବା ଥୁଆ ପୁରୁଣା ପୋଷାକ ଗୁଡିକୁ ପଞ୍ଚାନନ ବାହାରେ ଗଦେଇ ଦେଲେ । କାଗଜରେ 'ବାସଛତ୍ର' ଲେଖି କାନ୍ଥରେ ପାମ୍ପଲେଟ ମାରି ଦୋକାନ ବନ୍ଦ କରି ଚାଲିଗଲେ । ତାଙ୍କ ଅନ୍ତର୍ଦ୍ଧାନ ପରେ କିଛିଲୋକ ସେଥିରୁ ପୋଷାକ ବଛାବଛି ଆରମ୍ଭ କଲେ । ଘରେ ସମସ୍ତଙ୍କୁ ପଞ୍ଚୁ କହିଲେ, 'ଦୋକାନ ଝାମେଲା ମୁଁ ସମ୍ଭାଳି ପାରୁନି। ଦଶହରା ବେଳେ ବର୍ଷାରେ ଓଡିଶା ଭିଜିଲା । କୁଆଁର ପୂନେଇ ବେପାର ପୁରା ମାନ୍ଦା । ଭାତିଆ ଉଠୁନି। ଘର ଚଳିବ କେମିତି ? ପରିବାର ପାଇଁ ଦାଦନ ଖଟିବାକୁ ମୁଁ ସ୍ଥିର କରିଛି । ମୁଁ ବାହାରକୁ ଯିବି। ଚମକି ପଡି ବୋଉ ପଚାରିଲେ, 'ତୁ କାହା ସାଥୀରେ ଯିବୁ କିରେ ପୁଅ ?' ପଞ୍ଚୁ ଉତ୍ତର ଦେଲେ,- 'ଜଣେ ମଧ୍ୟସ୍ତି ବୁଝାସୁଝା କରିଛି। ଡେଙ୍ଗାମଠ ଗାଁର ଡହରା ବୋଲି ଗୋଟେ ପିଲା ସହିତ ମୁଁ ଯିବି।' ପ୍ରକୃତରେ ପଞ୍ଚୁ କି ତାଙ୍କ ପରିବାର କେହି ଜାଣି ନଥିଲେ ସେହି ଅଚିହ୍ନା 'ଡହରା ଦାସ' ହିଁ ସେଦିନର ଠକ ଗ୍ରାହକ।

+ହାପିକଲୋନୀ, ଗୋପ, ପୁରୀ
୭୯୭୮୬୩୫୨୭୬

# ପ୍ରତିବାଦ

ସତ୍ୟନାରାୟଣ ପ୍ରଧାନ

ଅନେକ ଦିନ ପରେ ଘରେ ପୁତ୍ର ସନ୍ତାନଟିଏ ଜନ୍ମ ହୋଇଥିବାରୁ ପୂର୍ବରୁ ଗୋଟେ ମାନସିକ ରଖାଯାଇଥିଲା। ଭଲ ସମୟ ଦେଖି ପୂଜା କାର୍ଯ୍ୟ ବଡ଼ ଧୂମଧାମରେ ଚାଲିଥାଏ । ପରିବାର ଲୋକମାନେ ନିଜ କାମରେ ବ୍ୟସ୍ତ । ସନ୍ଧ୍ୟା ବେଳକୁ ପୂଜା ସରିଲା ସମସ୍ତେ ନିଜ ବାଟରେ ଚାଲିଗଲେ । ସେଇ କୁନି ପିଲାଟିର ବାପା ଆଉ ଡେରି ନ କରି ନିଜ ସ୍ତ୍ରୀକୁ ବାହାରିବା ପାଇଁ କହିଲେ । ସ୍ତ୍ରୀକୁ ଓ ପୁଅକୁ ଗାଡ଼ିରେ ବସାଇ ବାହାରି ପଡିଲେ ଶ୍ୱଶୁର ଘର । ଯିବା ପୂର୍ବରୁ ବାପା ମାଆଙ୍କୁ ଯିବା କଥା ମଧ୍ୟ ଜଣାଇଥିଲେ ।

ରାତିରେ ସେଠାରେ ପହଞ୍ଚିଲା ପରେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ । ଏପରି ଅସମୟରେ ଅଚାନକ ଆସିବାର କାରଣ କିଛି ବୁଝି ହେଉ ନ ଥିଲା । ସେ ସ୍ତ୍ରୀ ପୁଅ ସହିତ କିଛି ସମୟ ବିତାଇବା ପରେ ପୁଣି ନିଜ ଘରକୁ ଚାଲି ଆସିଲେ । ଧର୍ମପତ୍ନୀ ଜଣଙ୍କ ନିଜର କିଛି ବୋଧେ ଭୁଲ ହୋଇ ଯାଇଛି ଭାବି ଭୟରେ ସ୍ୱାମୀଙ୍କୁ ଫୋନ୍ କରି ପଚାରିଲେ ।

ସେ ମନର ଅକୁହା କଥା ଗୁଡାକ ଖୋଲି କହିବାରେ ଲାଗି ପଡିଲେ । ଖରା ଦିନ ହୋଇଥିବାରୁ କୁନି ପୁଅକୁ ଭାରି ଗରମ ହେଉଥିଲା । ସେ ମୁହଁ ଖୋଲି କହି ନ ପାରିଲେ ବି ନିଜ କୁଆଁ କୁଆଁ କାନ୍ଦରେ ସବୁକିଛି ଜଣାଇ ଦେଇଥିଲା । କାହା ଆଖିକୁ ପିଲାଟିର କାନ୍ଦ ଦେଖାଯାଉ ନଥିଲା । ତାର କାନ୍ଦ ଗୁଡାକ ଯେପରି ପବନରେ କୁଆଡେ ମିଳେଇ ଯାଇଥିଲା । ମୁଁ ଗୋଟେ ବାପା ହେଉ କି ଘରର ପୁଅ ହିସାବରେ ଆମ ପ୍ରତି ହୋଇ ଆସୁଥିବା ଅନ୍ୟାୟ ଜାଣି ବି ପିଲାଟି ଦିନରୁ ବାପା ମାଆଙ୍କୁ ମୁହଁ ଖୋଲିବା କେବେ ଶିଖିନାହିଁ । ତେଣୁ ବାହା ସାହା ହୋଇଗଲି ବୋଲି ନିଜ ସ୍ୱାର୍ଥରେ ବାଧା ଉପୁଜିଲେ କିଛି କହିବା ମୋ ପକ୍ଷେ ସମ୍ଭବ ନୁହେଁ । ମୁଁ ଚାହିଁଥିଲେ ପୁଅକୁ ଗରମ ହେଉଛି ବୋଲି ଷ୍ଟାଣ୍ଡ ଫ୍ୟାନ ଲଗାଇ ପାରିଥାନ୍ତି । ହେଲେ ଇଲେକ୍ଟ୍ରି ବିଲ ବୃଦ୍ଧି ଲାଗି ଆଉ ଲଗାଇବା ପାଇଁ ଅନୁମତି ନ ଥିଲା । ନିଜେ ରୋଜଗାର କରି ପରିବାର ଚଳାଉଥିଲେ ବି ତଥାପି ମୁଁ ନିରୁପାୟ ।

ସ୍ୱାମୀ କଥା ଆଉ ସେପଟୁ ବୋଧେ ଶୁଭିବା କ୍ଷୀଣ ହୋଇ ଯାଇଥିଲା । ଧର୍ମପତ୍ନୀ ଏଭଳି ପରିସ୍ଥିତିରେ ତାଙ୍କ ମନର ଦୁଃଖକୁ ବୁଝି ସମୟ ଆସିଲେ ସବୁ ଠିକ ହୋଇଯିବ ବୋଲି କହିଲେ। ସୁଖ ଆଉ ଦୁଃଖ ପରା ଦୁନିଆର ନିୟମ ଚକ୍ର । ତୁମେ ପାଖରେ ଥିଲେ ଭୋକରେ ଖାଲି ପାଣି ପିଇଲେ ବି ଅମୃତ ପରି ଲାଗିବ । ଗୋଟେ ସ୍ତ୍ରୀର ଜୀବନରେ ସବୁଠୁ ଦାମିକା ଜିନିଷ ହେଉଛି ତାର ସ୍ୱାମୀ। ଆମ ବିଷୟରେ ମୋଟେ ଚିନ୍ତା କରିବା ଦରକାର ନାହିଁ। ରାତି ବେଶି ହେଲାଣି ଶୋଇବ ଯାଅ।

ପରିବାର ଲୋକ ଯାହା କିଛି କରି ଆସୁଛନ୍ତି ତାହା ଆଦୌ ଠିକ ନୁହେଁ ଆମକୁ ଏଠାରେ ଛାଡ଼ି ଅଭିନବ



ଭାବେ ତାର ପ୍ରତିବାଦ କରିବାକୁ ସେ ବାଛି ନେଇଛନ୍ତି ବୋଲି ଧର୍ମପତ୍ନୀକୁ ବୁଝିବା ଲାଗି ବେଶି ସମୟ ଲାଗି ନ ଥିଲା ।

+ଅଣ୍ଟିଆ, ଜେନାପୁର,ଯାଜପୁର
ପିନ- ୭୫୫୦୨୩
ମୋ - ୯୧୭୮୩୧୩୬୪୪

# ଦୁର୍ଗା ରୂପ

ସୁଦର୍ଶନ ମହାପାତ୍ର

-'ତୁମକୁ ଖରାପ ଲାଗୁନି ଅପା। ପଡିଶା ଲୋକେ ତୁମ ନାଁ ରେ କେତେ କ'ଣ କହୁଛନ୍ତି। ସବୁ ଶୁଣି ନଶୁଣିଲା ଭଳି ଏଇଠି ଆସି ରହିଛ ? ଲାଜ ସରମ ସବୁ ପୋଡି ଖାଇସାରିଲଣି ! ମୁଁ ତୁମ ଜାଗାରେ ଥିଲେ ନିଜ ଇଜ୍ଜତ କୁ ଜଗି ବାପଘରେ ଯାଇଁ ପଡିରହି ନଥାନ୍ତି।'

ଭାଉଜର ତାଚ୍ଛଲ୍ୟ ଭରା କଥା ଚୁପଚାପ ଆଜି ବି ଶୁଣିଲା ବିନି। ଶାଶୁଘରୁ ଯେବେଠୁ ଆସିଲାଣି ଏମିତି କେତେ କଥା ଶୁଣି ଆସୁଛି ବିନି। ପ୍ରଥମେ ପ୍ରଥମେ ବୁଝାଇବା ଛଳରେ ଭାଉଜ ତାକୁ ଶାଶୁଘରକୁ ପୁଣି ଥରେ ଫେରିଯିବାକୁ କହୁଥିଲା। କ୍ରମେ ସେଇ ବୁଝାଇବା ଲାଞ୍ଛନାରେ ପରିଣତ ହୋଇ ସାରିଥିଲା। ବାପା ଯିବାପରେ ବୋଉର ମୁରବିତ୍ୱ ଯେମିତି ନୀରବ ହୋଇ ଯାଇଥିଲା ବୋଲି ଅନୁଭବ କରେ ବିନି।

ଶାଶୁଘରେ ନିର୍ଯାତନା ସହି ନପାରି ଏମିତି ଆଗରୁ ଦୁଇଥର ବି ବିନି ପଳେଇ ଆସିଥିଲା ବାପଘରକୁ। ହେଲେ ଯେଉଁ କାରଣ ପାଇଁ ସେ ବାପଘରକୁ ଆସିବାକୁ ବାଧ ହୁଏ ତା'ର ନିରାକରଣ ବିନା ପୁଣି ତାକୁ ଶାଶୁଘରକୁ ଯିବାକୁ ପଡ଼େ।

ପ୍ରଥମ ଥର ମଦ୍ୟପ ସ୍ୱାମୀଙ୍କଠାରୁ ମାଡ ଖାଇ ଘରକୁ ଆସିଥିଲା ବେଳେ ବୋଉ ତା ହାତରୁ ଓହ୍ଲାଇ ସୁନାଚୁଡି ଦୁଇ ପଟ ଦେଇଥିଲା। ହେଲେ ସେତିକିରେ ସ୍ୱାମୀ ବିଜୟ ସନ୍ତୁଷ୍ଟ ନଥିଲେ। କେଇଦିନ ପରେ ତା ଉପରେ ଆରମ୍ଭ ହୋଇ ଯାଇଥିଲା ପୁଣି ମାଡ଼, ଗାଳି ଆଉ ଯାବତୀୟ ନିର୍ଯାତନା।

ଦୁଇଦିନ ଉପାସରେ ବିତାଇ ବହୁ କଷ୍ଟରେ ଘରେ ପହଞ୍ଚି ଘରେ କହିଥିଲା ସବୁକଥା। ବୋଉ ଆଖିରୁ ଲୁହ ଶୁଖୁନଥିଲା। ପୁଅକୁ କହି ନିରାଶ ହେଲା ପରେ କ'ଣ ବା ସେ ଆଉ କରିପାରିଥାନ୍ତା ?

ବୋଉ ଶେଷରେ ଝିଅକୁ ବୁଝାଇଲା 'ଏମିତି ବୋହୂ ମାନଙ୍କୁ ସହିବାକୁ ପଡେ। ତୁ ବି ସହୁଥା। ଭଗବାନ ଚାହିଁଲେ ତୋ କୋଳ ପୁରି ଉଠିବ ଆଉ ତୋ ଦୁଃଖ ଘୁଞ୍ଚିଯିବ।'

ଆଉ ଶାଶୁଘର ମାଟି ମାଡିବନି ବୋଲି ଶପଥ କରି ଆସିଥିବା ବିନି ଭାଗ୍ୟକୁ ଆଦରି



ପୁଣି ଥରେ ପହଞ୍ଚିଲା ଶାଶୁଘରେ। ଏଥର ଆଗ ଅପେକ୍ଷା ଆହୁରି ବଢ଼ିଯାଇଥିଲା ଅତ୍ୟାଚାରର ପରିମାଣ।

ସେ ଏକଥା ବି ବୁଝି ଯାଇଥିଲା ଯେ ସ୍ୱାମୀ ତା'ର ପରକୀୟା ପ୍ରୀତିରେ ବୁଡୁବୁଡୁ ଅଛନ୍ତି ଆଉ ସେଇଥିପାଇଁ ସେ ପଇସା ନଷ୍ଟ କରୁଛନ୍ତି। ଥରେ ଦୁଇ ଥର ଏ ବିଷୟରେ ପଚାରିଲେ ବିଜୟ ସେ ବିଷୟରେ ମୁଣ୍ଡ ନଖେଳେଇବାକୁ ପରାମର୍ଶ ଦେଇ କାହାକୁ ନକହିବାକୁ ଧମକ ଦେଇଥିଲେ।

ହେଲେ ଯେଉଁଦିନ ଗୋଟିଏ ଝିଅକୁ ନେଇ ସ୍ୱାମୀ ତା'ର ଘରକୁ ଆସିଲା, ବିନି ପ୍ରତିବାଦ କଲା ଏବଂ ପ୍ରତି ବଦଳରେ ଦେହରେ ତା'ର ବେଲଟ ମାଡ଼ର ଦାଗ ଫୁଟି ଦିଶିଲା।

ବିନି ଏଥର ନିର୍ଯାତନାର ଅଭିଯୋଗ ନେଇ ପୋଲିସ ଷ୍ଟେସନରେଏଫ୍ ଆଇ ଆର୍ ଦେଲା ଏବଂ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଜୟ ଜେଲ୍ ପ୍ରକୋଷ୍ଠର ମୁହଁ ଦେଖିଲା। ସେଇଦିନ ଠାରୁ କିନ୍ତୁ ଶାଶୁଘରର ଅନ୍ୟମାନେ ତା ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ।

ଶାଶୁଙ୍କର ତାତିଲା ଖଡ଼ିକାର ଚେଙ୍କ ଦିନକୁ ଦିନ ତା ଦେହକୁ ଚିତ୍ରାୟିତ କରିବାରେ ଲାଗିଥିଲା। ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ଘରକୁ ଖବର ପଠାଇଲେ ବି ସମସ୍ତେ ଯେମିତି ନିର୍ବାକ, ନିରୁଦବିଗ୍ନ। ଶେଷକୁ ଦିନେ ଘନ ଅନ୍ଧାରରେ ଆସି ପହଁଚିଲା ସେ ତା'ର ଜନ୍ମମାଟିରେ। ଭାବିଥିଲା ତା'ର ଅବସ୍ଥା ଦେଖି ଏଥର ହୁଏତ ଭାଇ ଭାଉଜ ବୁଝିବେ ତା ଦୁଃଖ। ହେଲେ ଅବସୋସ !

ସେଦିନ ବିନି ବସିଥିଲା ଘର ଭିତରେ ଆଉ ବୈଠକ ଘରେ ବସିଥିଲେ ତା ଭାଇ ଭାଉଜ। ବିନି ପାଇଁ ତା ସ୍ତ୍ରୀ କାଳେ ଶାନ୍ତିରେ ରହିପାରୁନାହିଁ ବୋଲି ବିନୟ ଅଭିଯୋଗ କରୁଥିଲା ବୋଉ ଆଗରେ। ବୋଉ ପାଇଁ ହିଁ ବିନି କାଳେ ଉଦ୍ଧତ ହୋଇଯାଇଛି ବୋଲି ଆକ୍ଷେପ କଲା ବି ବିନୟ। ବିନି ଏ ଘରେ ରହିଲେ ଏ ଘର ଛାଡ଼ି ଚାଲିଯିବାକୁ ଧମକ ଦେଲା ଭାଉଜ।

ବିନି ସେପର୍ଯ୍ୟନ୍ତ ସେଇ ଘର ଭିତରେ ନିଜକୁ ଆବଦ୍ଧ କରି ରଖିଥିଲା। ଶୁଣିଲା ବୋଉ ବୁଝାଉଥିଲା ଭାଇକୁ।

ତୁମେ ଦୁହେଁ ଛୋଟ ହୋଇଥିଲ। ଗାଁ ମୁଣ୍ଡ ପୋଖରୀରୁ ତୋ ପାଇଁ ବିନି ତୋଳି ଆଣିଥିଲା କଇଁ ଫୁଲ କେତୋଟି। ତୋ ହାତରୁ ସେଇ ଫୁଲକୁ ଛଡଉ ଥିଲା ନେବାକୁ ମଦନା। ଏତିକି ବେଳକୁ ତୋ ଅପା ଆସି ମଦନାକୁ ଧକ୍କାଟିଏ ଦେଇ ତୋତେ ଆଉ ଫୁଲ ସବୁକୁ ନେଇ ଘରକୁ ଆସିଲା।

ସାଙ୍ଗ ମଦନାକୁ ମାରିଲୁ ତ ସେ ଆଉ ତୋ ସାଙ୍ଗ ହେବନି ବୋଲି ମୁଁ କହିଲାରୁ ବିନି କ'ଣ କହିଥିଲା ଜାଣିଚୁ.. ?

କହିଥିଲା 'ସାଙ୍ଗ ନହେବ ତ ନହେଉ। ତା ବୋଲି ସେ ମୋ ଭାଇକୁ ମାରିବ ଆଉ ମୁଁ ଛାଡ଼ିଦେବି ?' ବିନି ତୋ ବଡ଼ ଭଉଣୀ ନୁହେଁ ତ ବଡ଼ ଭାଇ। ତୋର ସେ କେତେ ଯତ୍ନ ନେଉଥିଲା ପିଲାଦିନେ। ଆଜି ପର୍ଯ୍ୟନ୍ତ ସବୁ ରାକ୍ଷୀ ପୂର୍ଣ୍ଣିମାରେ ତୋତେ ରାକ୍ଷୀ ନପିନ୍ଧେଇଲା ପର୍ଯ୍ୟନ୍ତ ସେ ଉପବାସରେ ବସିଥାଏ। ଆଉ ଆଜି ତୁ ତାକୁ ଏମିତି ଦୂର ଦୂର କରୁଚୁ ?

କଥା ଶେଷରେ ବୋଉର କାନ୍ଦ ଶୁଭିଲା ବିନିକୁ। ଶୁଭିଲା ବି ବିନୟର ସ୍ୱର।-' ଭଲ କହିଲେ ଆଜିକାଲି ଭେଲ। ଅପାର ଭଲ ପାଇଁ ଆମେ କହୁଛୁ। ଏଇଠି ରହିଲେ କେତେ ଲୋକ କେତେ ପ୍ରକାରର କଥା କହିବେ। ଏସବୁ ତୁ ସହି ପାରିବୁ ତ ? ଅପାର ତ ଯାହା ବଦନାମ ହେବ, ମୋତେ ବି ଲୋକଙ୍କୁ ମୁହଁକୁ ଚାହିଁ କଥା ହେବାକୁ ଲାଜ ଲାଗିବ। ତାପରେ କୋର୍ଟରୁ ବେଲ୍ ପାଇ ବିଜୟ ଭାଇ ଏବେ ଫେରି ଆସିଛନ୍ତି। ସେମାନଙ୍କର ପଇସା ଅଛି। ତାଙ୍କ ବିରୁଦ୍ଧରେ ଗଲେ ଆମେ ପାରିବା ନାହିଁ।'

ଶୁଭିଲା ଏଥର ଭାଉଜର ସ୍ୱର।

-'ବୋଉ ତୁମେ ଅପାଙ୍କୁ କିଛି କହୁ ନାହଁ ବୋଲି ସେ ସାହସ ପାଇ ଯାଉଛନ୍ତି।'

ବୋଉ ଉପରେ ଶଣ୍ଢୁଆଶୀ ଆକ୍ରମଣ ହେଉଥିବାର ଅନୁଭବ କଲା ବିନି। ଆଉ ନିଜକୁ ଅଟକେଇ ପାରିଲା ନାହିଁ। ବୋଉ ପାଖରେ ଯାଇ ଠିଆହେଲା। -' କ'ଣ କହୁଛ ତୁମେ ଦୁହେଁ ? ବୋଉ ମୋତେ ଡରୁଛି ନା ତୁମକୁ ଡରୁଛି ? ମନେଅଛି ତ ବିନୟର ବାହାଘର ପରେ ଘରସାରା ବନ୍ଧୁ ବାନ୍ଧବମାନଙ୍କ ଭିତରେ ମୁଣ୍ଡରେ ଓଢ଼ଣା ଦେବାକୁ ବୋଉ କହିଥିଲା ବୋଲି ତୁ ସମସ୍ତଙ୍କ ସାମ୍ନାରେ ବୋଉକୁ ମଫସଲି କହି ଅପମାନ ଦେଇଥିଲୁ। ପୋଲିସ ଡାକି ଯୌତୁକ ନିର୍ଯ୍ୟାତନା ଅପରାଧରେ ଆମ ସମସ୍ତଙ୍କୁ ଜେଲରେ ପୁରାଇବୁ ବୋଲି ଧମକ ଦେଉଥିଲୁ ।' ବିନି ଏତିକି କହି ସାରିଲା ବେଳକୁ ତା'ର କୋହ ଉଠୁଥିଲା।

ଭାଉଜ ଏଥର ଚୁପ୍ ହୋଇଗଲା।

ବୋଉ ଆଉଥରେ ବିନିକୁ ବୁଝାଇବାକୁ ଚେଷ୍ଟାକଲା।

-'ଯୁଗ ଯୁଗ ଧରି ଭାରତୀୟ ନାରୀ ଏଇଭଳି ରହି ଆସିଅଛି। ଆଖିବୁଜି ସବୁ ସହିଛି। ସୀତା ସାବିତ୍ରୀଙ୍କୁ ତା'ର ଆଦର୍ଶ ବୋଲି ମାନିଛି। ଆଉଥରେ ଚେଷ୍ଟା କର ମା। ବିଜୟ ଜେଲ୍‌ରୁ ଫେରି ଆସିଲେଣି। କାଳେ ସୁଧୁରି ଯିବେ !'

-'ବୋଉ ତୁ କହୁଛୁ ସୀତା ସାବିତ୍ରୀଙ୍କ କଥା। ନାରୀକୁ ସୀତାଟିଏ ହେବାକୁ ହେଲେ ତା ପାଇଁ ରାମଟିଏ ଦରକାର। ଆଉ ସାବିତ୍ରୀ ପାଇଁ ସତ୍ୟବାନଟିଏ ବି ଦରକାର। ନାରୀକୁ ସୀତା ସାବିତ୍ରୀଙ୍କ ପରି ହେବାକୁ ତ ସମସ୍ତେ ଉପଦେଶ ଦିଅନ୍ତି। ହେଲେ କୌଣସି ପୁରୁଷକୁ ରାମ ବା ସତ୍ୟବାନ ପରି ହେବାକୁ କେହି ଉପଦେଶ ଦିଅନ୍ତି ନାହିଁ।' ବିନି ଏମିତି ଉଚ୍ଚ ସ୍ୱରରେ କହିଲା ଯେ ସତେ ଯେପରି ସୁପ୍ତ ଆଗ୍ନେୟଗିରି ହଠାତ୍ ଜାଗ୍ରତ ହୋଇ ପଡ଼ିଛି ଆଉ ତା ମୁହଁରୁ ଉତ୍ତପ୍ତ ଲାଭା ଉଦ୍ଗିରଣ ହେଉଛି।

ଘରେ ନିଃଶବ୍ଦ ଖେଳୁଥିଲା।

-'ଠିକ୍ ଅଛି ତୁମେମାନେ ଯଦି ମୋତେ ବାଧ୍ୟ କରୁଛ ମୁଁ ଆଉ ଥରେ ସେଇ ନର୍କ ଭିତରକୁ ଯାଉଛି। ଶେଷ ଚେଷ୍ଟା କରିବି। ମୁଁ ଜାଣେ ସେମାନେ କେହି ବଦଳିବେ ନାହିଁ। ସହଜରେ ରାକ୍ଷସ ପ୍ରକୃତି ଛାଡିବେ ନାହିଁ ସେମାନେ। ତେଣୁ ସୀତା ସାବିତ୍ରୀଙ୍କ ରୂପ ନୁହେଁ, ନିଜ ଦୁର୍ଗତି ନାଶିବା ପାଇଁ ମୁଁ ଏଥର ଦୁର୍ଗା ରୂପ ନେବାକୁ ଭୁଲିବି ନାହିଁ...!!!'

+କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

# ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲା: ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ଖୋର୍ଦ୍ଧା, ୨୮/୦୯ (ନି.ପ୍ର): ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା ମାମଲାର ରାୟ ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରା ଜଜଙ୍କ କୋର୍ଟରେ ପ୍ରକାଶ ପାଇଛି । ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତି କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରା ଜଜ ରଞ୍ଜୁଲତା ଲେଙ୍କା ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଏଥି ସହିତ ୧୦ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ମାସ କରାଦଣ୍ଡ ପାଇଁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି । ସୂଚନା ମୁତାବକ, ୨୦୧୯ ମସିହା ଜାନୁଆରି ୩୦ ତାରିଖ ଦିନ ଏହି ହତ୍ୟାକାଣ୍ଡ ଘଟିଥିଲା । ବାଘମାରୀ ଥାନା କଂଟାମାଇଲ ଗ୍ରାମର ଗୋପାଳ ଚନ୍ଦ୍ର ପାତ୍ର ନୂଆ ଘର ତିଆରି କରୁଥିଲେ । ତାଙ୍କ ଘରେ ବାଙ୍କୀ ଓଗାଲପଡ଼ାର ନରେନ୍ଦ୍ର ମହାରଣା ଓରଫ ବାବୁଲିଙ୍କୁ ଦେଖାଶୁଣା ପାଇଁ ରଖିଥିଲେ । ଘଟଣା ଦିନ ଗୋପାଳଙ୍କ ପୁଅ ସତ୍ୟବ୍ରତ ନୂଆ ଘରେ ଶୋଇଥିଲା । ଅଭିଯୁକ୍ତ ନରେନ୍ଦ୍ର ମଦ୍ୟପାନ କରି ଶୋଇଥିବା ଅବସ୍ଥାରେ ତାଙ୍କ ପୁଅକୁ ଟାଙ୍ଗିଆରେ ହାଣି ଫେରାର ହୋଇଯାଇଥିଲେ । ଏନେଇ ଗୋପାଳ ଖୋର୍ଦ୍ଧା ଆଦର୍ଶ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତି କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା । ଖଟ ତଳେ ଥିବା ରକ୍ତ ଲଗା ଟାଙ୍ଗିଆକୁ ନେଇ ଆଦର୍ଶ ଥାନା ପୁଲିସ ସାଇଂଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲା । ଘଟଣାର ୯ମାସ ପରେ ଅଭିଯୁକ୍ତ ଗିରଫ ହୋଇଥିଲା । ଯାହାର ରାୟ ଆଜି ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

# କେନ୍ଦ୍ରାପଡାରେ ବିଶ୍ୱ ଜଳାତଙ୍କ ଦିବସ ପାଳନ

କେନ୍ଦ୍ରାପଡା, ୨୮/୦୯ (ନି.ପ୍ର): କେନ୍ଦ୍ରାପଡାରେ ବିଶ୍ୱ ଜଳାନ୍ତକ ଦିବସ ଆତ୍ମା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡ଼ଃ. ମନୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜଳାନ୍ତକ ଦିବସରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ କୁମାର ରାଉତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର କୁମାର ବାରିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକ ଏବଂ ଏସପିସିଏ ର ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜଳାନ୍ତକ ରୋଗର ଭୟାବହ, ଲକ୍ଷଣ ଏବଂ ଏହାର ପ୍ରତିକାର ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ସାରା ବିଶ୍ୱରୁ କିଭଳି ଭାବରେ ଏହି ଜଳାନ୍ତକ ରୋଗ ଲୋପ ପାଇବ ଏବଂ ଏଥିପାଇଁ ମନୁଷ୍ୟ ଡାକ୍ତର, ପ୍ରାଣୀ ଚିକିତ୍ସକ, ଗୃହପାଳିତ ପ୍ରାଣୀ ମାନଙ୍କ ମାଲିକ ଏବଂ ସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା ।

# ସୁଶ୍ରୀ ଅରୁଣା ରାୟଙ୍କ ସଂପାଦିତ 'ଭକ୍ତକବି ସୂକ୍ତାବଳୀ' ଉନ୍ମୋଚିତ



ବାଲେଶ୍ୱର, ୨୮/୦୯ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ସୁଶ୍ରୀ ଅରୁଣା ରାୟଙ୍କ ସଂପାଦିତ 'ଭକ୍ତକବି ସୂକ୍ତାବଳୀ' ଶନିବାର ସନ୍ଧ୍ୟାରେ ସ୍ରଷ୍ଟା ନାଟ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି । ଅନୁଷ୍ଠାନର ଉପସଭାପତି ନିରଂଜନ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଲୋକାର୍ପଣ ସଭାରେ ବରିଷ୍ଠ ଗବେଷକ ଡ. ମଥୁରାନାଥ ହୋତା ଓ ଡ. ଶିରୀଶଚନ୍ଦ୍ର ଜେନା ସମୀକ୍ଷକ ଭାବେ ଯୋଗ ଦେଇ ଭକ୍ତକବି ମଧୁସୂଦନ ରାଓଙ୍କ ଅସଂଖ୍ୟ ରଚନାରୁ କିଛି ନିର୍ବାଚିତ କବିତାର ଏକ ମନୋଜ୍ଞ ସଂକଳନ ପ୍ରକାଶ କରି ସଂପାଦିକା ତାଙ୍କର ଏକ ସାରସ୍ୱତ ତଥା ସାମାଜିକ ଦାୟିତ୍ୱ ନିର୍ବାହ କରିଛନ୍ତି ବୋଲି ମତ ଦେଇଥିଲେ । ଆଜିକାଲି ଇଣ୍ଟରନେଟ୍ ଯୁଗରେ ଉତ୍ତର ପିଢ଼ି ପୁସ୍ତକ ପ୍ରତି ଉଦାସୀନ ଥିବାରୁ ସେମାନଙ୍କୁ ସାହିତ୍ୟ ମନସ୍କ କରିବା ଦିଗରେ ଏହା ଏକ ସାଧୁ ଉଦ୍ୟମ । ଭକ୍ତକବି ହେଉଛନ୍ତି ଜଣେ ବ୍ରହ୍ମଜ୍ଞ ପଣ୍ଡିତ । ଆଧ୍ୟାତ୍ମିକ ଚେତନାରେ ଭରପୂର ତାଙ୍କର ପ୍ରତ୍ୟେକଟି କବିତା କାଳଜୟୀ ହୋଇପାରିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଅନୁଷ୍ଠାନର ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌ବକ୍ତବ୍ୟ ଦେବା ଅବସରରେ ସୁଶ୍ରୀ ରାୟ ଏହା ପୂର୍ବରୁ ଫକୀରମୋହନ, ରାଧାନାଥ, ଗଙ୍ଗାଧର, କୁନ୍ତଳାକୁମାରୀ ଇତ୍ୟାଦି ସାହିତ୍ୟ ମହାରଥୀମାନଙ୍କର ନିର୍ବାଚିତ କବିତା ସଂକଳନ ସଂପାଦନା କରି ଯଶସ୍ୱୀ ହୋଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ଯୁଗ୍ମଭାବେ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ ଓ ସଂଗଠନ ସଂପାଦକ ତପନ ରାୟ ଶେଷକଥା ରଖିଥିଲେ । ସଭା ପ୍ରାରମ୍ଭରେ ଭକ୍ତକବିଙ୍କ ଗୋଟିଏ ଗୀତିକବିତାକୁ କଲ୍ୟାଣୀ ନନ୍ଦ ସୁଲଳିତ କଣ୍ଠରେ ଗାନ କରିଥିଲେ । ସଂପାଦିକ ସୁଶ୍ରୀ ଅରୁଣା ରାୟ ପୁସ୍ତକଟିର ସଂପାଦନା ସଂପର୍କରେ ନିଜର ବକ୍ତବ୍ୟ ରଖିଥିବାବେଳେ କବି ଦୀପକ ବୋଷ ପୁସ୍ତକଟିର ପ୍ରକାଶନ ଦିଗରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିବାରଣ ଜେନା, ନିରଂଜନ ପରିଡ଼ା, ଶରତ କୁମାର ମହାପାତ୍ର, ଡ. ହରିଶ୍ଚନ୍ଦ୍ର ବେହେରା, ଦୀନବନ୍ଧୁ ଲେଙ୍କା, ଅଞ୍ଜଳି ପଣ୍ଡା, ପ୍ରତିମା ପଣ୍ଡା, ମାମିନା ମହାପାତ୍ର, ଡ. ହେମମାଳା ଦାଶ, ଉର୍ମିଳା ନାୟକ, ଡ. ରତ୍ନାକର ସିଂହ, ପ୍ରଫୁଲ୍ଲ କୁମାର ଦାସ, କରୁଣାକର ସ, ଡ. କ୍ଷୀତିଶ୍ୱର ଦାଶ, ହେମେନ୍ଦ୍ର ମହାପାତ୍ର, ମମତା ଦାସ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ବିଜୟ କୁମାର ମହାନ୍ତି, ଜ୍ୟୋତ୍ସା ରାୟ, ଶାନ୍ତି ବିଶି, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, ପ୍ରୀତିଲେଖା ଦାସ, ସୁନାମଣି ଜେନା, ରାଜେଶ ଗିରି, ବିଦ୍ୟାଧର ସାହୁ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ଅନନ୍ତ କୁମାର ଦାସ, ମଧୁସୂଦନ ମାଝୀ, ହିମାଂଶୁ ଦାସ, ହରେକୃଷ୍ଣ ପଲେଇ, ଲମ୍ବୋଦର ନାୟକ, ଅନାଦି ଚରଣ ଜେନା, ଆଶୀର୍ବାଦ ରାୟ, ସୁଧୀନ୍ଦ୍ର ରାୟ, ପ୍ରତିଶ୍ରୁତି ରାୟ, ଦିବାକର ମହାନ୍ତି, ଅମରେନ୍ଦ୍ର ସିଂହ, ନିତ୍ୟାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଫେରାର ୪ ଅଭିଯୁକ୍ତ ଗିରଫ

ଜୟପୁର, ୨୮/୦୯ (ନି.ପ୍ର): ଫେରାର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଫାମ୍ପୁଣି ଗ୍ରାମର ଦୁର୍ଯ୍ୟଧନ ବାଘ (୩୫) ଭୀମ ବାଘ (୩୦) ଧନ ଏଲିୟସ ଧନୁ ହରିଜନ (୩୫) ବୁଟି ଏଲିୟସ ଭକ୍ତ ରାମ ହରିଜନ (୪୫) । ସୂଚନା ଅନୁଯାଇ ଫାମ୍ପୁଣି ଗ୍ରାମର ୪ ଅଭିଯୁକ୍ତ ନାମରେ ଜୟପୁର ସଦର ଥାନାରେ ୨୦୧୬ ମସିହାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେମାନେ ଫେରାର ଥିବା ବେଳେ ଆଜି ଗିରଫ କରି ସଂନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଜଙ୍ଗଲର କେବଳ ୨୦ ପ୍ରତିଶତ ପର୍ଯ୍ୟଟକଙ୍କ ପାଇଁ ଖୋଲିଲା, ଏହାର ବିସ୍ତାରରେ ହେବ ଆଦିବାସୀଙ୍କ ବିକାଶ: ଗଡକାରୀ

ନୂଆଦିଲ୍ଲୀ, ୨୮/୦୯ କେନ୍ଦ୍ରୀୟ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଜଙ୍ଗଲର କେବଳ ୨୦ ପ୍ରତିଶତ ଅଂଶ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି ଏବଂ ବାକି ୮୦ ପ୍ରତିଶତ ଅଂଶ ସୁରକ୍ଷିତ ରଖାଯାଇଛି । ଅନ୍ୟାନ୍ୟ ବନ୍ୟଜୀବନକୁ କୌଣସି କ୍ଷତି ନ ପହଁଚାଇ, ଯଦି ଜଙ୍ଗଲର ଅଧିକ ଅଂଶ ପର୍ଯ୍ୟଟନ ପାଇଁ ଖୋଲାଯାଏ, ତେବେ ସ୍ଥାନୀୟ ଆଦିବାସୀମାନଙ୍କର ବିକାଶ ଏବଂ ଉନ୍ନତିକୁ ଆଉ ଅଧିକ ଉତ୍ସାହିତ କରାଯାଇପାରିବ । ଗଡ଼କରୀ ଶନିବାର ଦିନ ନୂଆଦିଲ୍ଲୀରେ ଅନୁଷ୍ଠିତ ବନ୍ୟଜୀବ ଫଟୋ ପ୍ରଦର୍ଶନୀର ଉଦ୍‌ଘାଟନ ସମାରୋହରେ କହିଛନ୍ତି ଯେ ନାଗପୁର ଏବଂ ଏହା ପାଖରେ ଥିବା ଜଙ୍ଗଲର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନାଗପୁରରୁ ଜବଲପୁରକୁ ଯିବା ରାଷ୍ଟ୍ରୀୟ ରାଜପଥରେ ବାଘମାନଙ୍କ ସୁରକ୍ଷା ପାଇଁ ବିଶେଷ ଗଠନ କରାଯାଇଛି, ଯେଉଁଥିରେ ସଡ଼କ ତଳେ ଆଗମନ-ନିର୍ଗମନ ପଥ ଏବଂ ଉପରକୁ ଜଙ୍ଗଲ ଭଳି ବ୍ୟବସ୍ଥା ରହିଛି, ଯାହା ଦ୍ୱାରା ବନ୍ୟଜୀବନ ଏବଂ ସଡ଼କ ଯାତାୟାତ ମଧ୍ୟରେ ସନ୍ତୁଳନ ରହିଥାଏ । ସେ କହିଛନ୍ତି ଯେ ରାଜସ୍ଥାନ ଏବଂ ମହାରାଷ୍ଟ୍ରର ଜଙ୍ଗଲରେ ପର୍ଯ୍ୟଟନର ଅବସରକୁ ବିସ୍ତାର କରାଯାଇଛି ଏବଂ ଏଥିରେ ସ୍ଥାନୀୟ ଆଦିବାସୀ ଯୁବକମାନଙ୍କୁ ଚାକିରି ମିଳିଛି । ପର୍ଯ୍ୟଟନ କ୍ଷେତ୍ରରେ ବିଦ୍ୟୁତ୍ ଯାନବାହନର ବ୍ୟବହାର ବୃଦ୍ଧି କରିବା, ପ୍ରଦୂଷଣ ଏବଂ ଶବ୍ଦ ନିୟନ୍ତ୍ରଣ ପାଇଁ ଉଚ୍ଚତମ ନ୍ୟାୟାଳୟର କମିଟି ଦ୍ୱାରା ନିର୍ଦ୍ଦେଶ ଜାରି କରାଯାଇଛି । ମନ୍ତ୍ରୀ କହିଛନ୍ତି ଯେ ମହାରାଷ୍ଟ୍ରର ପ୍ରାୟ ୮୦ ପ୍ରତିଶତ ବନ୍ୟ ଅଞ୍ଚଳ ବିଦର୍ଭ ଅଞ୍ଚଳରେ ଅବସ୍ଥିତ । ତାଙ୍କର ସଂସଦୀୟ କ୍ଷେତ୍ରକୁ "ଟାଇଗର କ୍ୟାପିଟାଲ" ବୋଲି କୁହାଯାଏ । ଏହି ଅଞ୍ଚଳରେ ବନ୍ୟଜୀବ ସୁରକ୍ଷା ଏବଂ ସ୍ଥାନୀୟ ଚାକିରି ସୃଷ୍ଟି — ଉଭୟ ଉପରେ ସମାନ ଭାବେ ଗୁରୁତ୍ୱ ଦିଆଯାଉଛି ।

## ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢିଗଲା ଯାତ୍ରୀବାହୀ ବସ

ଚମ୍ପୁଆ, ୨୮/୦୯ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ବିଲେଇପଦା ଟୋଲ ଗେଟ ନିକଟରେ ଭାରସାମ୍ୟ ହରାଇ ଡିଭାଇଡ଼ର ଉପରକୁଏକ ଯାତ୍ରୀବାହି ବସ ଚଢି ଯାଇଥିବା ଜଣା ପଡିଛି । ଅମ୍ବିକା ନାମକ ଏହି ଘରୋଇ ଯାତ୍ରୀବାହି ବସଟି କେନ୍ଦୁଝରରୁ ବଡ଼ବିଲକୁ ଫେରୁଥିବା ବେଳେ ବିଲେଇପଦା ଟୋଲ ଗେଟ ନିକଟରେ ଭାରସାମ୍ୟ ହରାଇ ଡିଭାଇଡ଼ରରେ ଚଢ଼ିଯିବାରୁ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଯାତ୍ରୀ ମାନେ ସୁରକ୍ଷିତ ଥିବା ଜଣାପଡିଛି । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ଭୁବନେଶ୍ୱର, ୨୮/୦୯ (ନି.ପ୍ର): ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ଅତ୍ୟନ୍ତ ଉତ୍ସାହର ସହ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ହସ୍ପିଟାଲ୍‌ର କର୍ମକର୍ତାଙ୍କ ପକ୍ଷରୁ ମହତ୍ୱପୂର୍ଣ୍ଣ ଆଲୋଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ପ୍ରଶାନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପମର ଫାର୍ମାସୀ ବିଭାଗର ମୁଖ୍ୟ ଶ୍ରୀ ଦିଲ୍ଲୀପ କୁମାର ଦାସମହାପାତ୍ର ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଫାର୍ମାସିଷ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ହସ୍ପିଟାଲ୍‌ର ଚିଫ୍ ଏଗ୍‌ଜିକ୍ୟୁଟିଭ ଅଫିସର ଡକ୍ଟର ଶ୍ୱେତପଦ୍ମା ଦାଶ ଏକ ସ୍ୱତନ୍ତ୍ର ବାର୍ତା ମାଧ୍ୟମରେ ସୁରକ୍ଷିତ ଚିକିତ୍ସା ନିମନ୍ତେ ଫାର୍ମାସିଷ୍ଟମାନଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ବୋଲି କହିଥିଲେ । ସେମାନେ କେବଳ ଉପଯୁକ୍ତ ଚିକିତ୍ସା ନୁହେଁ ବରଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ରୋଗୀର ବିଶ୍ୱାସ ବଢ଼ାଇବାରେ ସ୍ୱତନ୍ତ୍ର ଭୂମିକା ତୁଲାଇଥାନ୍ତି ବୋଲି ଡକ୍ଟର ଦାଶ କହିଥିଲେ । ଚଳିତ ବର୍ଷର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ'କୁ ନେଇ କାର୍ଯ୍ୟକ୍ରମରେ ବିଶେଷ ଆଲୋଚନା କରାଯାଇଥିଲା । ଏକ ବାର୍ତାରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଫାର୍ମାସିଷ୍ଟମାନଙ୍କ ଭୂମିକା କେବଳ ଔଷଧ ପ୍ରଦାନ ନୁହେଁ ତା'ଠାରୁ ଅଧିକ ବ୍ୟାପକ ବୋଲି କହିଛନ୍ତି । ସେମାନେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ଜଣେ ଜଣେ ସହଯୋଗୀ ଯେଉଁମାନେ କି ରୋଗୀ ସେବାର ମୂଳଦୁଆକୁ ସୁଦୃଢ଼ କରିଥାନ୍ତି ବୋଲି ପ୍ରଫେସର ନାୟକ କହିଛନ୍ତି । କାର୍ଯ୍ୟକ୍ରମ ଶେଷରେ କ୍ଲିନିକାଲ୍ ଫାର୍ମାକୋଲଜି ବିଭାଗର ମୁଖ୍ୟ ଶ୍ରୀ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତ ସାମୁଦ୍ରିକ ସପ୍ତାହ ୨୦୨୫- ବନ୍ଦର ଭିତ୍ତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଲେ ପ୍ରମୁଖ ସଚିବ

## ବ୍ୟବସାୟର ପ୍ରବେଶ ଦ୍ୱାର ହେବ ଓଡିଶା ଉପକୂଳ

ଭୁବନେଶ୍ୱର, ୨୮/୦୯ (ନି.ପ୍ର): ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ରେ ଓଡ଼ିଶାର ଅଂଶଗ୍ରହଣ ଉପରେ ଏକ ପ୍ରସ୍ତୁତି ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଦ୍ୱାରା ଆହୁତ ହୋଇଥିଲା । ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ସୁବର୍ଣରେଖା ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗ ଓ ଏଜେନ୍ସିର ପ୍ରତିନିଧିମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ, ଉଷା ପାଢ଼ୀ ଏକ ପ୍ରମୁଖ ଜାତୀୟ କାର୍ଯ୍ୟକ୍ରମ ଭାବରେ ଭାରତ ସାମୁଦ୍ରିକ ସପ୍ତାହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ରାଜ୍ୟର ସାମୁଦ୍ରିକ ଶକ୍ତି, ନିବେଶ ସମ୍ଭାବନା ଏବଂ ନୀତିଗତ ପଦକ୍ଷେପ ପ୍ରଦର୍ଶନ କରିବା ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ ପ୍ରଦାନ କରିଥାଏ । ବିସ୍ତୀର୍ଣ ସମୁଦ୍ର କୂଳ ଏବଂ ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ସହିତ ଓଡ଼ିଶା ପୂର୍ବ ଉପକୂଳରେ ବାଣିଜ୍ୟ ଓ ବ୍ୟବସାୟର ପ୍ରବେଶ ଦ୍ୱାର ଭାବରେ ଉଭା ହେବା ପାଇଁ ରଣନୈତିକ ସ୍ଥିତିରେ ରହିଛି ବୋଲି ସେ ଦର୍ଶାଇଥିଲେ । ବୈଠକରେ ପ୍ରସ୍ତୁତି କାର୍ଯ୍ୟକଳାପର ସ୍ଥିତି ସମୀକ୍ଷା କରାଯାଇଥିଲା, ଯେଉଁଥିରେ ପ୍ରଦର୍ଶନୀ ଏବଂ ବିଷୟବସ୍ତୁ ଅଧିବେଶନରେ ଓଡ଼ିଶାର ଅଂଶଗ୍ରହଣ ଅନ୍ତର୍ଭୁକ୍ତ ଥିଲା । ରାଜ୍ୟର ସାମୁଦ୍ରିକ ପଦକ୍ଷେପ ଏବଂ ଭବିଷ୍ୟତର ନିବେଶ ସୁଯୋଗର ଉପସ୍ଥାପନା, ବନ୍ଦର, ଜାହାଜ ଚଳାଚଳ ଲାଇନ ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅଂଶଗ୍ରହଣ ପାଇଁ ଲଜିଷ୍ଟିକ୍ସ ଏବଂ ସମନ୍ୱୟ ଉପରେ ଆଲୋଚନା କରାଯାଇଥିଲା । ବନ୍ଦର ଭିତ୍ତିକ ଅଭିବୃଦ୍ଧି ଉପରେ ଆଲୋକପାତ କରୁଥିବା କ୍ଷେତ୍ରୀୟ ରିପୋର୍ଟ ଏବଂ ଯୋଗାଯୋଗ ସାମଗ୍ରୀ ପ୍ରସ୍ତୁତି ସହିତ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହେବାକୁ ଥିବା ପ୍ରମୁଖ ଭିତ୍ତିଭୂମି ଏବଂ ନୀତିଗତ ସଫଳତାର ଚିହ୍ନଟ ନେଇ ମଧ୍ୟ ଆଲୋଚନା ହୋଇଥିଲା । ସମସ୍ତ ବନ୍ଦର ଓ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଉଷା ପାଢୀ ଭିତ୍ତିଭୂମି ପ୍ରସ୍ତୁତି, ଅଂଶୀଦାରଙ୍କ ଅଂଶଗ୍ରହଣ ଏବଂ ନିବେଶକ ତଥା ଶିଳ୍ପ ନେତୃବର୍ଗଙ୍କ ନିକଟରେ ପହଞ୍ଚିବା ପାଇଁ ସ୍ପଷ୍ଟ ସମୟସୀମା ସହିତ ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ କେବଳ ଓଡ଼ିଶାର ବର୍ତ୍ତମାନର ବନ୍ଦର ଭିତ୍ତିଭୂମି ଉପରେ ଆଲୋକପାତ କରିବ ନାହିଁ ବରଂ ରାଜ୍ୟକୁ ଜାହାଜ ନିର୍ମାଣ, ଉପକୂଳୀୟ ଜାହାଜ ଚଳାଚଳ, ଆଭ୍ୟନ୍ତରୀଣ ଜଳପଥ ଏବଂ ନୀଳ ଅର୍ଥନୀତି ପଦକ୍ଷେପ ପାଇଁ ଏକ ହବ୍ ଭାବରେ ସ୍ଥାନିତ କରିବ ।

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ପ୍ରକଳ୍ପ ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶକୁ ନୂଆ ଗତି ଦେବ୍ୟ ଧର୍ମେନ୍ଦ୍ର ପ୍ରଧାନ



ପାଟନା/ବିହାର, ୨୮/୦୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସେବା ପର୍ବ -୨୦୨୫' ଅବସରରେ ଝାରସୁଗୁଡ଼ାରେ ଯୁବ ସମାବେଶରେ ଯୋଗଦେଇ ଓଡ଼ିଶା ସମେତ ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରାୟ ୬୦,୦୦୦ କୋଟି ମୂଲ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉନ୍ମୋଚନ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ, ଦକ୍ଷତା ବିକାଶ ଓ ଭିତ୍ତିଭୂମି କ୍ଷେତ୍ରରେ ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବ । ଓଡ଼ିଶା ଏବଂ ଦେଶର ସାମାଜିକ-ଆର୍ଥିକ ବିକାଶରେ ନୂତନ ଗତି ଦେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଶନିବାର ଆଇଆଇଟି ପାଟନାରୁ ଝାରସୁଗୁଡାରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ସେବା ପକ୍ଷ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଶିଳାନ୍ୟାସ ଓ ଶୁଭାରମ୍ଭ ହୋଇଥିବା ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶା ଏବଂ ଆମ ଦେଶର ବିକାଶ ପଥ ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ୩,୦୦୦ କୋଟି ଟଙ୍କା ବ୍ୟୟରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଆର୍ଯୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ଚିକିତ୍ସାଳୟରେ ରୂପାନ୍ତରଣ କରିବା ପାଇଁ ଘୋଷଣା ହୋଇଛି । ଏହି ପଦକ୍ଷେପ ହସ୍ପିଟାଲକୁ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ରରେ ପରିଣତ କରିବା ସହ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବ । ପ୍ରଧାନମନ୍ତ୍ରୀ ପ୍ରାୟ ୧୧,୦୦୦କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ସମ୍ପ୍ରସାରଣ ଆଗାମୀ ଚାରି ବର୍ଷ ମଧ୍ୟରେ ୧୦,୦୦୦ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ କ୍ଷମତା ସୃଷ୍ଟି କରିବ । ଆଠଟି ଅତ୍ୟାଧୁନିକ ଗବେଷଣା ପାର୍କ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ଭାରତର ନବସୃଜନ ଇକୋସିଷ୍ଟମ ସୁଦୃଢ଼ ହେବ ଏବଂ ଗବେଷଣା ଓ ବିକାଶକୁ ବଡ଼ ପ୍ରୋତ୍ସାହନ ମିଳିବ ।

ଏହାବ୍ୟତୀତ ଆଇଆଇଟି ଭୁବନେଶ୍ୱରରେ ସେମିକଣ୍ଡକ୍ଟର ଏବଂ ଇଏସଡିଏମ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା ପ୍ରଶଂସନୀୟ ପଦକ୍ଷେପ । ଏହାଦ୍ୱାରା ଓଡ଼ିଶାରେ ସେମିକଣ୍ଡକ୍ଟର ଉତ୍ପାଦନ ବଢିବା ସହ ସେମିକଣ୍ଡକ୍ଟର କ୍ଷେତ୍ରରେ ଆନ୍ସିଲାରି ଇଣ୍ଡଷ୍ଟ୍ରିରେ ବ୍ୟାପକ ଅଭିବୃଦ୍ଧି ହେବ ଏବଂ ଓଡ଼ିଶାର ଅର୍ଥନୀତିକୁ ବଡ଼ ଗତି ମିଳିବ । ଭାରତବର୍ଷରେ ୪୨୦୦ କୋଟି ଟଙ୍କା ବ୍ୟୟରେ ମେରିଟ୍ ଯୋଜନା ମାଧ୍ୟମରେ ଇଞ୍ଜିନିୟରିଂ ଏବଂ ପଲିଟେକନିକ୍ ଶିକ୍ଷାନୁଷ୍ଠାନ ମାନଙ୍କର ଉନ୍ନତୀକରଣ ପ୍ରଶଂସନୀୟ ପଦକ୍ଷେପ । ଓଡ଼ିଶାରେ ଦକ୍ଷତା ବିକାଶକୁ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀ ୧୯୭୯ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଓ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା ସହିତ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ଏଗ୍ରିଟେକ, ନବୀକରଣ ଉର୍ଜା, ରିଟେଲ, ମେରାଇନ ଏବଂ ଆତିଥେୟତା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯିବ, ଯାହା ଦ୍ୱାରା ଆମର ଯୁବପିଢିମାନେ ଅଧିକ କୁଶଳୀ ହେବେ ଏବଂ ରୋଜଗାରର ନୂଆ ସୁଯୋଗ ତିଆରି ହେବ ।

ପ୍ରଧାନମନ୍ତ୍ରୀଙ୍କ କରକମଳରେ ଶିଳାନ୍ୟାସ ହୋଇଥିବା ସମ୍ବଲପୁର ସିଟି-ସରଲା ମଧ୍ୟରେ ୨୭୩ କୋଟି ଟଙ୍କାର ରେଳ ଫ୍ଲାଇଓଭର ଟ୍ରାଫିକ ଭିଡ଼କୁ ନିୟନ୍ତ୍ରଣ କରିବା ସହ ସମ୍ବଲପୁର ଏବଂ ଝାରସୁଗୁଡ଼ା ମଧ୍ୟରେ କୋଇଲା, ଖଣିଜ ପଦାର୍ଥ ଏବଂ ଶିଳ୍ପ ସାମଗ୍ରୀର ପରିବହନକୁ ସହଜ କରିବ । ବିଏସଏନଏଲ ଦ୍ୱାରା ସ୍ୱଦେଶୀ ୪ଜି(୫ଜି ପ୍ରସ୍ତୁତ)ନେଟୱାର୍କର ଶୁଭାରମ୍ଭ ଆମର ଟେଲିକମ କ୍ଷେତ୍ରକୁ ଅଧିକ ମଜଭୂତ୍ କରିବ । ୯୦ କୋଟି ଟଙ୍କା ବ୍ୟୟରେ ରାଜ୍ୟର ୧୩୦ଟି ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ୱାଇ-ଫାଇ ସୁବିଧା ଦ୍ୱାରା ୨.୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ । 'ଅନ୍ତ୍ୟୋଦୟ ଗୃହ ଯୋଜନା' ଅଧୀନରେ ୫୦ ହଜାର ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବିତରଣ ହୋଇଛି । ଗରିବଙ୍କୁ ସମ୍ମାନର ସହ ପକ୍କା ଘର ଯୋଗାଇଦେବା ଦିଗରେ ଆମ ସରକାର ବଦ୍ଧ ପରିକର । ଶିଳାନ୍ୟାସ ଓ ଶୁଭାରମ୍ଭ ହୋଇଥିବା ସମସ୍ତ ପ୍ରକଳ୍ପ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବା ସହ 'ସମୃଦ୍ଧ ଓଡ଼ିଶା' ଓ 'ବିକଶିତ ଓଡ଼ିଶା' ଗଠନରେ ବେଶ୍ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ।

ବିହାର ଦୀଘା ବିଧାନସଭା ନିର୍ବାଚନମଣ୍ଡଳୀରେ ଶ୍ରୀ ପ୍ରଧାନ ଘରକୁ ଯାଇ ଜନସମ୍ପର୍କ ପଦଯାତ୍ରାରେ ସାମିଲ ହେବା ସହ ସ୍ୱଦେଶୀ ଆପଣାଇବା ପାଇଁ ଆହ୍ୱାନ କରିଥିଲେ ।

# ସୋଆ ଏସ୍‌ପିଏସ୍ ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ଭୁବନେଶ୍ୱର, ୨୮/୦୯ (ନି.ପ୍ର): ର୍‌ୟାଲି, ପଥପ୍ରାନ୍ତ ନାଟକ, ଶିକ୍ଷାମୂଳକ ପ୍ରତିଯୋଗିତା ଭଳି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) ପକ୍ଷରୁ ଗୁରୁବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିବା ବେଳେ ଚଳିତ ବର୍ଷର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ' ସମ୍ପର୍କରେ ବିଶେଷ ଆଲୋକପାତ କରାଯାଇଥିଲା । ଗୁରୁବାର ଦିନ କ୍ୟାମ୍ପସ ପରିସରରେ ସଚେତନତା ର୍‌ୟାଲି ସହ ଏକ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜନ କରାଯାଇଥିଲା । ଲୋକମାନଙ୍କ ମଧ୍ୟରେ ଔଷଧ ବ୍ୟବହାରକୁ ନେଇ ସଚେତନତା ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କର ଭୂମିକାକୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସେହିପରି ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସ୍ଲୋଗାନ୍, ରଚନା, ପୋଷ୍ଟର, ଲୋଗୋ ପ୍ରସ୍ତୁତି ଓ କୁଇଜ ଭଳି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡକ୍ଟର ପ୍ରିୟଙ୍କା ଦାସ ଏବଂ ଡକ୍ଟର ଦିନେଶ କୁମାର ଶର୍ମା ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାର୍ମାସୀ ବୃତିର ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଚଳିତ ବର୍ଷର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ' ସମ୍ପର୍କରେ ଆଲୋକପାତ କରିଥିଲେ । ଜନସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ନିମନ୍ତେ ଔଷଧ ପରିଚାଳନା ଏବଂ ରୋଗୀମାନଙ୍କୁ ସଠିକ ଭାବେ ଉପଦେଶ ଦେବା କ୍ଷେତ୍ରରେ ଫାର୍ମାସିଷ୍ଟମାନେ ମେରୁଦଣ୍ଡ ଭଳି କାର୍ଯ୍ୟ କରିଥାନ୍ତି ବୋଲି କୁଳପତି କହିଥିଲେ । କାର୍ଯ୍ୟକ୍ରମରେ ଏସ୍‌ପିଏସ୍‌ର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି ଏବଂ ପ୍ରଫେସର ଲକ୍ଷ୍ମୀଧର ମହାରଣା ଛାତ୍ରଛାତ୍ରୀମାନଙ୍କୁ ନିଜର ମହତ୍ୱପୂର୍ଣ୍ଣ ଅନୁଭୂତି ବଖାଣିବା ସହ ଯୁବ ଫାର୍ମାସିଷ୍ଟମାନଙ୍କୁ ଏହି ବୃତିରେ ଆହୁରି ଉଚ୍ଚକୁ ଯିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଏହି ଏକ ଦିବସୀୟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଶୈକ୍ଷିକ ଏବଂ ଗବେଷଣା କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା । ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଜିପାଟ ଏବଂ ଗେଟରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ସମେତ ପିଏଚ୍?ଡି ସ୍କଲାରଙ୍କ ମଧ୍ୟରୁ ୩ଜଣ ଶ୍ରେଷ୍ଠ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ପୋଷ୍ଟ ଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରେଷ୍ଠ ଗବେଷଣା ଏବଂ ସନ୍ଦର୍ଭ ଲେଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଲଦାଖ ସଂସ୍କୃତି ...

ହିଂସାରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା। ଏହା ପୂର୍ବରୁ ରାହୁଲ ଗାନ୍ଧୀ ସେପ୍ଟେମ୍ବର ୧୮ ତାରିଖରେ ଏକ୍ସରେ ଏକ ପୋଷ୍ଟ କରିଥିଲେ। ଏଥିରେ ସେ ଲେଖିଥିଲେ, ଦେଶର ଯୁବପିଢ଼ି, ଦେଶର ଛାତ୍ର, ଦେଶର ପିଢ଼ି ଜେଡ୍ ସମ୍ବିଧାନକୁ ରକ୍ଷା କରିବେ, ଗଣତନ୍ତ୍ରକୁ ସୁରକ୍ଷା ଦେବେ ଏବଂ ଭୋଟ ଚୋରି ବନ୍ଦ କରିବେ। ମୁଁ ସର୍ବଦା ସେମାନଙ୍କ ସହିତ ଛିଡା ହେବି। ଜୟ ହିନ୍ଦ୍। ଏହି ପୋଷ୍ଟ ମାଧ୍ୟମରେ ରାହୁଲ ଗାନ୍ଧୀ ଜେନେରେସନ ଜେଡ୍ କିମ୍ବା ଯୁବପିଢ଼ିଙ୍କୁ ଦେଶର ଭବିଷ୍ୟତ ବୋଲି ବର୍ଣ୍ଣନା କରିଥିଲେ। ସେ ଏହା ସହିତ ଏକ ଫଟୋ ମଧ୍ୟ ସେୟାର କରିଥିଲେ, ଯେଉଁଥିରେ ଭୋଟ ଚୋରି ବିଷୟରେ ଉଲ୍ଲେଖ ଥିଲା।

### ସୀମାନ୍ତରେ ପୁଣି ...

୮ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିବା ବେଳେ,କମାଣ୍ଡର ରାକେଶ ନାମରେ ୫ ଲକ୍ଷ ଏବଂ ପାର୍ଟି ମେମ୍ବର ବାସନ୍ତୀ ନାମରେ ୧ ଲକ୍ଷ ଟଂକାର ପୁରସ୍କାର ରହିଥିଲା। ଏଥିସହ ଘଟଣାସ୍ଥଳରୁ ଗୋଟିଏ ଏସଏଲଆର ବନ୍ଧୁକ, ଗୋଟିଏ ୧୨ ବୋର ବନ୍ଧୁକ, ଗୋଟିଏ ୩୦୩ ବନ୍ଧୁକ ସମେତ ବହୁ ମାତ୍ରାରେ ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ କରାଯାଇଛି। ପୁଲିସ ଶବକୁ ନେଇ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

### ବିହାର ବିଧାନସଭା ସହ ...

ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ଏହି ଅଫିସରମାନଙ୍କୁ ୨୭ତାରିଖରେ ଅବଗତ କରାଯାଇଛି । ବିଜେଡି ବିଧାୟକ ରାଜେନ୍ଦ୍ର ଢ଼ୋଲକିଆଙ୍କର ମୃତ୍ୟୁ ଯୋଗୁ ନୂଆପଡ଼ାରେ ଉପନିର୍ବାଚନ ଅନୁଷ୍ଠିତ ହେବ । ଜାତୀୟ ନିର୍ବାଚନ ଆୟୋଗ ଗତ ୨୬ତାରିଖରେ ଓଡ଼ିଶା କ୍ୟାଡ଼ରର ୧୦ଜଣ ଆଇଏଏସ୍ ଓ ୨ଜଣ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେବା ପରେ ରାଜ୍ୟ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂ ଗତକାଲି ଓଡ଼ିଶା କ୍ୟାଡ଼ରର ଅଫିସରମାନଙ୍କୁ ଚିଠି ଲେଖି ଆସନ୍ତା ୩ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ଇଂଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଂଟ ପ୍ରତିଷ୍ଠାନରେ ନିଶ୍ଚିତ ଭାବେ ସକାଳ ୯ଟା ସୁଦ୍ଧା ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଡିଜି(ମୁଖ୍ୟାଳୟ) ୨୦୦୦ ବ୍ୟାଚ୍ ଆଇପିଏସ୍ ପ୍ରତୀକ ମହାନ୍ତି ଓ ଆଇଜି(ସିଏଡବ୍ଲ୍ୟୁ) ୨୦୦୧ ଆଇପିଏସ୍ ସାଇନି ଏସଙ୍କ ସମେତ ରାଜ୍ୟ ସମବାୟ ବିଭାଗ ସଚିବ ୨୦୦୫ ବ୍ୟାଚର ଆଇଏଏସ୍ ରାଜେଶ ପ୍ରଭାକର ପାଟିଲ, ଉଚ୍ଚଶିକ୍ଷା ସଚିବ ୨୦୦୭ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲ ଓ ପର୍ଯ୍ୟଟନ ସଚିବ ୨୦୦୭ ବ୍ୟାଚର ବଳବନ୍ତ ସିଂ, ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ୨୦୦୮ବ୍ୟାଚର ଭୂପେନ୍ଦ୍ର ସିଂ ପୁନିଆ ଓ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି ପରମେଶ୍ୱରନ୍ , ଏମଏସଏମଇ ବିଭାଗର ସଚିବ ୨୦୦୯ ବ୍ୟାଚର ଡି ପ୍ରଶାନ୍ତ କୁମାର ରେଡ୍ଡୀ, ଟେକ୍ସଟାଇଲ୍ ଓ ହ୍ୟାଣ୍ଡଲୁମ୍ ନିର୍ଦ୍ଦେଶକ ୨୦୧୦ ବ୍ୟାଚର ପ୍ରେମଚନ୍ଦ୍ର ଚୌଧୁରୀ, ଶ୍ରମ କମିଶନର ୨୦୧୧ ବ୍ୟାଚର ଇନ୍ଦ୍ରମଣି ତ୍ରିପାଠୀ, ଅର୍ଥ ବିଭାଗର ଯୁଗ୍ମ ସଚିବ ୨୦୧୨ ବ୍ୟାଚର ସିଦ୍ଧାର୍ଥ ଦାସ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ୨୦୧୩ ବ୍ୟାଚର ଆଇଏଏସ୍ ଶୁଭଶ୍ରୀ ନନ୍ଦଙ୍କୁ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଛି । ବିହାର ବିଧାନସଭା ଓ ୭ଟି ରାଜ୍ୟର ୮ଟି ବିଧାନସଭାର ଉପନିର୍ବାଚନ ନିମନ୍ତେ ନିର୍ବାଚନ କମିଶନ ମୋଟ ୪୭୦ଜଣ ଅଫସରଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି । ଯେଉଁଥିରେ ୩୨୦ଜଣ ଓଇଝ,୬୦ଜଣ ଓଚଝ ୯୦ଜଣ ଅନ୍ୟ ସର୍ବଭାରତୀୟ ସେବାର ଅଫିସର ରହିଛନ୍ତି । କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ସମସ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ପାଇଁ ଅକ୍ଟୋବର ୩ ତାରିଖ ଶୁକ୍ରବାର ଦିନ ନୂଆଦିଲ୍ଲୀର ଆଇଆଇଆଇଡିଇଏମ ଠାରେ ଏକ ବୈଠକ ଆୟୋଜନ କରାଯାଇଛି । ଏହି ବୈଠକରେ ଅନୁପସ୍ଥିତ ରହୁଥିବା ଅଧିକାରୀଙ୍କ ବିରୁଦ୍ଧରେ କମିଶନଙ୍କ ପକ୍ଷରୁ କଡ଼ା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି । ସେମାନେ ନିର୍ବାଚନ ପ୍ରକ୍ରିୟାରେ କମିଶନଙ୍କ 'ଆଖି ଓ କାନ' ଭାବରେ କାର୍ଯ୍ୟ କରିବେ ଏବଂ କମିଶନଙ୍କୁ ନିୟମିତ ରିପୋର୍ଟ ପ୍ରଦାନ କରିବେ । ଏହି ପର୍ଯ୍ୟବେକ୍ଷକମାନେ ନିର୍ବାଚନ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅଧୀନରେ କାର୍ଯ୍ୟ କରିବେ । ଏହି ଚିଠି ପାଇବାର ୨୪ଘଣ୍ଟା ମଧ୍ୟରେ ଏହି ଅଫିସରମାନଙ୍କୁ ନିଜର ସମ୍ମତି ଲିଖିତ ଭାବେ ନିର୍ବାଚନ କମିଶନଙ୍କୁ ଅବଗତ କରାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଦଶହରା ପୂଜା ବଜାରର ମାହୋଲ ସରଗରମ ରହିଛି । ଶାସକ ବିଜେପି ସମେତ ଦୁଇ ମୁଖ୍ୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ନୂଆପଡ଼ାରେ ଅଧିକ ସକ୍ରିୟ ହୋଇ ଏହି ଆସନକୁ ହାତେଇବାକୁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି । କଂଗ୍ରେସ ନିଜର ସମ୍ଭାବ୍ୟ ପ୍ରାର୍ଥୀ ଭାବେ ନବନିଯୁକ୍ତ ଜିଲ୍ଲା ସଭାପତି ଘାସିରାମ ମାଝୀଙ୍କୁ ମଇଦାନକୁ ଓହ୍ଲାଇବ ବୋଲି ସଙ୍କେତ ଦେଇସାରିଥିବାବେଳେ ଦିବଂଗତ ବିଜେଡି ବିଧାୟକ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁଅ ଜୟ ଢ଼ୋଲକିଆ ନିଜେ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଜେପି ନିଜର ପ୍ରାର୍ଥୀ ଭାବେ ଦଳର ବରିଷ୍ଠ ନେତା ବସନ୍ତ ପଣ୍ଡାଙ୍କ ପୁଅ ଅଭିଷେକ ପଣ୍ଡାଙ୍କୁ ମଇଦାନକୁ ଓହ୍ଲାଇବାକୁ ବିଚାରବିମର୍ଶ କରୁଛି । ବିଜେଡି ପ୍ରାର୍ଥୀ କେବଳ ସହାନୁଭୂତି ଭୋଟ୍ ଭରସାରେ ଓ କଂଗ୍ରେସ ସେଠାରେ ଘାସିରାମଙ୍କ ଲୋକପ୍ରିୟତାକୁ ଭରସା କରି ନିର୍ବାଚନ ବୈତରଣୀ ପାର ହେବାକୁ ଚାହିଁଥିବାବେଳେ ଶାସକ ବିଜେପି ପାଇଁ ଏହି ଉପନିର୍ବାଚନ ସମ୍ମାନର ପ୍ରଶ୍ନ ପାଲଟିଛି । ଉଲ୍ଲେଖଯୋଗ୍ୟ ନୂଆପଡ଼ା ବିଧାନସଭା ଆସନରେ ମୋଟ ୫୬ଟି ନୂଆ ମତଦାନ କେନ୍ଦ୍ର ସୃଷ୍ଟି ହୋଇଥିବାବେଳେ ମୋଟ୍ ମତଦାନ କେନ୍ଦ୍ର ସଂଖ୍ୟା ୩୦୨ରୁ ୩୫୮କୁ ବୃଦ୍ଧି ପାଇଛି । ଏବେ ମୋଟ ୨ଲକ୍ଷ ୪୮ହଜାର ୨୫୬ଜଣ ଭୋଟର ଅଛନ୍ତି ।

### ଗାଜା ଯୁଦ୍ଧ ବନ୍ଦ...

ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କେମିତି ଗ୍ରହଣ କରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି । କାରଣ ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରିବା ଓ ପାଲେଷ୍ଟାଇନ ରାଷ୍ଟ୍ର ଗଠନ କରାଇ ନଦେବା ଅଭିଯାନକୁ ତୀବ୍ର କରିଛି ଇସ୍ରାଏଲ ।

### ବନ୍ଧା ହେଲେ ବାବା...

ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ପାର୍ଥ ସାରଥିଙ୍କୁ ଗତକାଲି ବିଳମ୍ବିତ ରାତିରେ ପ୍ରାୟ ୩ଟା ୩୦ ସମୟରେ ଆଗ୍ରାର ତାଜ ଗଞ୍ଜର ହୋଟେଲ ଫାଷ୍ଟରୁ ଗିରଫ କରାଯାଇଛି । ବାୟୁସେନା ମୁଖ୍ୟାଳୟର ଅଭିଯୋଗ ପରେ ସେ ଅଗଷ୍ଟ ୪ ତାରିଖରେ ଫେରାର ହୋଇଯାଇଥିଲେ । ଅନେକ ଛାତ୍ରୀ ଅଭିଯୋଗ କରିଥିଲେ । ବାବା ସେମାନଙ୍କୁ ଧମକ ଦେବା ଏବଂ ଆପତ୍ତିଜନକ ବାର୍ତ୍ତା ପଠାଇବାର ଅଭିଯୋଗ କରାଯାଇଥିଲା । ଯୌନ ନିର୍ଯାତନା ଓ ଅସଦାଚରଣ ସହ ଆପରାଧିକ ଧମକ ଚମକ ଅଭିଯୋଗରେ ତାଙ୍କ ବିରୋଧରେ ବିଏନ୍ଏସ୍ ଧାରା ୭୫ (୨), ୭୯ ଓ ୩୫୧ (୨)ରେ ମାମଲା ରୁଜୁ କରିଛି । ଛାତ୍ରୀଙ୍କୁ ଅଧରାତିରେ ମେସେଜ୍ ପଠାଉଥିଲେ ବାବା । ବେବି, ମୁଁ ତୁମକୁ ବହୁତ ଭଲ ପାଏ । ମୁଁ ତୁମକୁ ବହୁତ ପସନ୍ଦ କରେ । ତୁମେ ଆଜି ସୁନ୍ଦର ଦେଖାଯାଉଛ । ମୋ ରୁମ୍ ?କୁ ଆସ, ମୁଁ ତୁମକୁ ବିଦେଶକୁ ବୁଲାଇ ନେବି । ଏଥିପାଇଁ ତୁମକୁ କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ବାବା ଏଭଳି ଖରାପ ସେମେଜ ଛାତ୍ରୀଙ୍କୁ ପଠାଉଥିବା ନେଇ ପୁଲିସ ହାତରେ ତଥ୍ୟ ଲାଗିଛି ।

### 'ସାଗରିକା'ର ଶାରଦୀୟ...

ସାହିତ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରି ଏହି ଦୁର୍ଗାପୂଜା ଅବସରରେ ପ୍ରତ୍ୟେକ ମଣିଷ ନିଜ ଭିତରର ମହୀଷାକୁ ଦମନ କରିବା ପାଇଁ ନିଜେ ଦୁର୍ଗା ହେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ ଓ ରାଜନୀତି ପରି ସାହିତ୍ୟରେ ମଧ୍ୟ ଯୁବପିଢି ଆଗେଇ ଆସି ପରିବର୍ତ୍ତନର ବାହକ ହେବା ଆବଶ୍ୟକ ବୋଲି କହିଥିଲେ । ସାରିକାର ମୁଖ୍ୟ ତଥା ପରିଚାଳନା ସଂପାଦକ ସ୍ୱାଗତ କଥା ରଖିଥିବା ବେଳେ ଶିଶୁ କଣ୍ଠଶିଳ୍ପୀ ସୁହାନୀ ସାଇ ଜେନା ସ୍ୱାଗତ ସଂଗୀତ ଗାନ କରିଥିଲେ ।

# ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ଘରୋଇ ବିଦ୍ୟାଳୟ ସଂଘର କନଭେନସନ

କେନ୍ଦ୍ରାପଡା, ୨୮/୯ (ନି.ପ୍ର): ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଦେଶର ଶିକ୍ଷା ଅଧିକାର ଆଇନକୁ କାର୍ଯ୍ୟକାରୀ କରିବାରେ ଘରୋଇ ବିଦ୍ୟାଳୟ ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ବିଭିନ୍ନ କ୍ଷେତ୍ରରେ ସରକାର ଓ ବିଭାଗୀୟ ଅଧିକାରୀଙ୍କ ପାତରଅନ୍ତର ମନୋଭାବର ଶିକାର ହେଉଛନ୍ତି ବୋଲି ସଂଘ ଗୁରୁତର ଅଭିଯୋଗ ଆଣିଛି। ଗୋପ ସ୍ଥିତ ଜାଭିୟର ସ୍କୁଲ ପରିସରରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ଆସିଥିବା ଘରୋଇ ବିଦ୍ୟାଳୟ ର ମୁଖ୍ୟମାନେ ଘରୋଇ ବିଦ୍ୟାଳୟ ଗୁଡ଼ିକ ଏବେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ବହୁ ପୂର୍ବରୁ ସରକାରଙ୍କ ସ୍ୱୀକୃତି ଲାଭ କରିଥିବା ବିଦ୍ୟାଳୟ ଗୁଡ଼ିକୁ ବାରମ୍ବାର ବର୍ଷକିଆ/ ପାଂଚ ବର୍ଷିଆ ସ୍ୱୀକୃତି ନେବା ପାଇଁ ବାଧ କରିବା, ଶିକ୍ଷା ଅଧିକାର ଆଇନ ଆଧାରରେ ଏହି ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷା ଲାଭ କରୁଥିବା ଆର୍ଥିକ ଓ ସାମାଜିକ ଦୁର୍ବଳ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆର୍ଥିକ ସହାୟତା ସରକାରଙ୍କ ଠାରୁ ପ୍ରାପ୍ତ ହେବାରେ ଅହେତୁକ ବିଳମ୍ବ, ବିଭାଗୀୟ କାର୍ଯ୍ୟ।ଳୟ ପକ୍ଷରୁ ବାରମ୍ବାର ସମାନ ଧରଣର ତଥ୍ୟ ଏବଂ କାଗଜାତ ବିଦ୍ୟାଳୟ ଗୁଡ଼ିକ ଠାରୁ ଆଦାୟ କରିବାକୁ ନିର୍ଦ୍ଦେଶ ଦେବା, ବିଜ୍ଞାନ ପ୍ରଦର୍ଶନୀ, ଶିଶୁମେଳା ଆଦି ବିଭିନ୍ନ ପ୍ରକାର ସରକାର ନିୟନ୍ତ୍ରିତ ବୌ।ଦ୍ଧିକ ପ୍ରତିଯୋଗିତା ରେ ଅଂଶଗ୍ରହଣ ପାଇଁ ସୁଯୋଗ ନ ଦେବା ଓ ବିଦ୍ୟାଳୟ ଗୁଡ଼ିକ ଉପରେ ଅତ୍ୟଧିକ ତଥା ଅନାବଶ୍ୟକ ଅଣଶୈକ୍ଷିକ କାର୍ଯ୍ୟ ଲଦିଦେବା ଆଦି ସ୍ୱେଚ୍ଛାଚାରୀ କାର୍ଯ୍ୟ ବିରୋଧରେ ନିଜ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଶିକ୍ଷା ବିଭାଗ ନିଜର କାର୍ଯ୍ୟ ଶୈଳୀରେ ତୁରନ୍ତ ପରିବର୍ତ୍ତନ ନ ଆଣିଲେ ଏଠାରେ ପଢୁଥିବା ହଜାର ହଜାର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭବିଷ୍ୟତ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ସଂଘ ବାଧ ହୋଇ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବା ସହ ଆବଶ୍ୟକୀୟ ଆଇନଗତ କାର୍ଯ୍ୟ।ନୁଷ୍ଠାନ ଗ୍ରହଣ କରିବ ବୋଲି ସଂଘର କର୍ମକର୍ତା ମାନେ ପ୍ରକାଶ କରିଛନ୍ତି। ସଂଗଠନର ସଭାପତି ନିରଞ୍ଜନ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ ସଭାରେ ସମ୍ପାଦକ ରଞ୍ଜନ କୁମାର ବିଶ୍ୱାଳ, ପ୍ରଭାତ କୁମାର ପରିଡ଼ା, ହିମାଂଶୁ ଶେଖର ଦାଶ, ପ୍ରମୁଖ ବହୁ ଘରୋଇ ବିଦ୍ୟାଳୟର ମୁଖ୍ୟମାନେ ଯୋଗ ଦେଇଥିଲେ। ଅଜୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରାୟଙ୍କ ସହଧର୍ମିଣୀ ବିଦ୍ୟୁତ୍ପ୍ରଭା ରାୟଙ୍କ ପରଲୋକ



ଭଦ୍ରକ, ୨୭/୯ (ନି.ପ୍ର): ଭଦ୍ରକ ବ୍ଲକ ବଳଭଦ୍ରପୁର ଗ୍ରାମ ନିବାସୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରାୟଙ୍କ ସହଧର୍ମିଣୀ ବିଦ୍ୟୁତ୍ ପ୍ରଭା ରାୟଙ୍କର ଆଜି ୭୪ ବର୍ଷ ବୟସରେ ତିରୋଧାନ ହୋଇଯାଇଛି। ସେ ଜଣେ ଉଦାର ଓ ସହୃଦୟ ମହିଳା ଥିବା ବେଳେ ତାଙ୍କ ବିୟୋଗରେ ନିଜ ଗ୍ରାମ ସହିତ ଆଖ ପାଖ ଅଞ୍ଚଳରେ ଶୋକରେ ସାୟା ଖେଳି ଯାଇଛି । ତାଙ୍କ ଶେଷ ସମୟରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆମର ଆତ୍ମାର ସଦଗତି କାମନା କରିଥିଲେ।

# ଶ୍ରୀମତୀ ଚନ୍ଦ୍ରମଣି ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାରିପଦା , ୨୮/୯ (ନି.ପ୍ର): ଶିକ୍ଷକ ହିଁ ଛାତ୍ର ମାନଙ୍କର ମାର୍ଗଦର୍ଶକ । ଶିକ୍ଷକର ଆଚରଣ ଓ ଉଚ୍ଚାରଣ ଛାତ୍ର ଛାତ୍ରୀଙ୍କ ମନରେ ଗଭୀର ପ୍ରଭାବ ପକାଇଥାଏ । ମଣିଷ ଶିଶୁକୁ ବୌଦ୍ଧିକ ଜ୍ଞାନ ପ୍ରଦାନ କରି ଭବିଷ୍ୟତରେ ଏକ ସୁନାଗରିକ କରି ଗଢି ତୋଳିବା ଶିକ୍ଷାର ମହତ୍ ଉଦ୍ଦେଶ୍ୟ ବୋଲି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।




ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନରେ ଥିବା ନହରପଦା ଆଞ୍ଚଳିକ ସାଧନକେନ୍ଦ୍ର ତରଫରୁ ଢିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ମିଶ୍ରଙ୍କ ଉପଲକ୍ଷେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକର ଶିକ୍ଷକ ସଂଗଠନର ସମ୍ପାଦକ ସିଦ୍ଧେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବି.ଆର.ସି.ସି. ତପସ୍ୱିନୀ ଦାଶ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବ୍ରଜମୋହନ ମୁର୍ମୁ ମୁଖ୍ୟବକ୍ତା, ଶିକ୍ଷକ ସଂଗଠନର ସଭାପତି ପ୍ରଦୀପ କୁମାର ନାଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଡ. ଅସୀମ କୁମାର ଚକ୍ରବର୍ତୀ, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ବଳରାମ ନାଥ, ସମ୍ମାନିତ ଅତିଥି ଏବଂ ପୂର୍ବତନ ପ୍ରଧାନ ଶିକ୍ଷକ ମିନାରାଣୀ ମିଶ୍ର, ସରୋଜ ବାସିନୀ ପଟ୍ଟନାୟକ, କମଳ ଲୋଚନ ମହାକୁଡ, ଶିକ୍ଷକ ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଶ୍ରୀମତୀ ମିଶ୍ରଙ୍କ ସମୟାନୁବର୍ତ୍ତିତା, ସ୍ନେହଶିଳ ଉଚ୍ଚାରଣ ଓ ଛାତ୍ର ଛାତ୍ରୀଙ୍କ ପ୍ରତି ଉତ୍ତମ ବ୍ୟବହାର ପାଇଁ ସେ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ନହରପଦା କ୍ଲଷ୍ଟର ସି.ଆର.ସି.ସି. କନକଲତା ମାଝି ପ୍ରଥମେ ସ୍ୱାଗତ ଭାଷଣ ଦେଇ ଶିକ୍ଷାର ମହତ୍ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ଶ୍ରୀମତୀ ମିଶ୍ର ଯଥାସାଧ ଉଦ୍ୟମ କରି ଆମ କ୍ଲଷ୍ଟର ଜଣେ ଆଦର୍ଶ ସ୍ଥାନୀୟ ଶିକ୍ଷୟିତୀ ହୋଇପାରିଛନ୍ତି ବୋଲି ମତପ୍ରକାଶ କରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ଶ୍ରୀମତୀ ମିଶ୍ରଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ବିଭିନ୍ନ ପ୍ରକାର ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ମହାପାତ୍ର, ଷ୍ଟେସନ ବଜାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମମତା ଦାଶ, ଶ୍ରୀପଦଗଞ୍ଜ ପ୍ରାଥମିକ ବିଦ୍ୟାଳୟର ପାର୍ବତୀ ଦେ, ଲଲାଟକିଶୋର ସି, ଶରତ ଚନ୍ଦ୍ର ସରକାରୀ ବିଦ୍ୟାଳୟର ସନ୍ଧ୍ୟାରାଣୀ ମହାପାତ୍ର ତଥା ଢିପାସାହି ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିରଣ ସାହୁ ପ୍ରମୁଖ ଶ୍ରୀମତୀ ମିଶ୍ରଙ୍କ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହକାରୀ ଚନ୍ଦ୍ର ଶେଖର ମିଶ୍ର, ଭୀମ ଚରଣ ମହାନ୍ତ, ଯତିନ୍ଦ୍ର କୁମାର ସାହୁ, ସମିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ବଳାଙ୍ଗୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କର୍ମକର୍ତ୍ତା ବିଦ୍ୟାଳୟ ପୂର୍ବତନ ଛାତ୍ର ଛାତ୍ରୀ ତଥା କ୍ଲଷ୍ଟର ର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ଡବଲ ଇଂଜିନ ଉପରେ ବଢୁଛି ଅସନ୍ତୋଷ: ଉଦଳାକୁ ରେଳପଥ ସଂଯୋଗ ନେଇ ଦେଖାଦେଇଛି ଅନିଶ୍ଚିତତା

ଉଦଳା, ୨୮/୯ (ନି.ପ୍ର): ଡ଼ବଲ ଇଂଜିନ ସରକାରକୁ କ୍ଷମତାରେ ବସାଇବା ପାଇଁ ଉଦଳା ନିର୍ବାଚନ ମଣ୍ଡଳି ଯେଉଁଭଳି ତତ୍ପରତା ପ୍ରକାଶ କରିଛି , ତାହା ସମଗ୍ର ମୟୂରଭଂଜ ଜିଲ୍ଲାର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳୁନାହିଁ । ଯେଉଁଥିପାଇଁକି ଏଠାକାର ଜନସାଧାରଣ ବାରମ୍ବାର ପଦ୍ମଫୁଲ ଚିହ୍ନରେ ଭୋଟ ଦେବା ସହ ଚାରି ଥର ଭାରତୀୟ ଜନତା ପାର୍ଟିର ବିଧାୟକ ଓ ତିନିଥର ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳଙ୍କୁ ନିର୍ବାଚନରେ ଜିତାଇଛି । ଡ଼ବଲ ଇଂଜିନ ସରକାର କ୍ଷମତାକୁ ଆସିଲେ ଏ ଅଂଚଳରେ ବିପ୍ଳବାତ୍ମକ ପରିବର୍ତ୍ତନ ଆସିବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ । ଏପରିକି ନିଳଗିରି ପର୍ଯ୍ୟନ୍ତ ଆସିଥିବା ରେଳପଥ ସମ୍ପ୍ରସାରିତ ହୋଇ ଉଦଳା ଛୁଇଁବ ବୋଲି ସାଧାରଣରେ ବହୁଳ ଭାବରେ ଚର୍ଚ୍ଚା ହେଉଥିଲା । ଏହା ଏ ଅଂଚଳର ସାମଗ୍ରିକ ବିକାଶରେ ପ୍ରମୁଖ ଭୂମିକା ନେବ ବୋଲି କୁହାଯାଉଥିଲା କିନ୍ତୁ ଡ଼ବଲ ଇଂଜିନ ସରକାର କ୍ଷମତାକୁ ଆସିବାର ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଗଲାଣି । ଏ ଅଂଚଳ ପାଇଁ ଆଶା କରାଯାଇଥିବା ପରିବବର୍ତନ ଆଦୌ ଦେଖିବାକୁ ମିଳୁ ନାହିଁ । ଏପରିକି ରେଳପଥ ଉଦଳା ଛୁଇଁବାର ଆଶା ମଧ୍ୟ ମରି ଗଲାଣି । ଏହା ଦିନକୁ ଦିନ ପ୍ରବଳ ଜନଅସନ୍ତୋଷ ବଢ଼ାଇବାରେ ଲାଗିଥିବାର ଖବର ଆମର ହସ୍ତଗତ ହୋଇଛି । ନିଳଗିରିରୁ ସମ୍ପ୍ରସାରିତ ରେଳପଥ ରେମୁଣା, ହାତିଆଗଣ୍ଡ, ବାଲିପାଳ, ନରଣଗାଁ, ଶାଳଗାଁ, ପାଟଳିପୁରା, ଦୁର୍ଗାପୁର ଦେଇ ଖଡ଼ିଶୋଳ ଠାରେ ରୁପସା-ବାଙ୍ଗିରିପୋଷି ରେଳପଥକୁ ଛୁଇଁବା ପାଇଁ ବର୍ତମାନ କାମ ଆରମ୍ଭ ହୋଇଯାଇଥିବାର ଜଣାଯାଇଛି । ଫଳରେ ରେଳପଥ ଆଉ ଉଦଳା ଆସିବ ନାହିଁ ବୋଲି ବେଶ ସ୍ପଷ୍ଟ ହୋଇ ଯାଇଛି । ଏଥିପାଇଁ ଖୁବ୍ ନିକଟରେ ଏ ଅଂଚଳରେ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ପରିବେଶ ଦାନା ବାନ୍ଧୁଥିବାର କଥା ଚର୍ଚ୍ଚା ହେଉଛି । ଏ ବାବଦରେ କପ୍ତିପଦାର ମନମୋହନ ମିଶ୍ର ଓ ଭାସ୍କର ବେଜ, ଭଂଜସେନାର ରବିନ ମହାନ୍ତି, ସାଇଁକୁଳାର ଭଗବାନ ନାୟକ ଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଡ଼ବଲ ଇଂଜିନ ସରକାର ଉଦଳା ନିର୍ବାଚନ ମଣ୍ଡଳିର ଜନସାଧାରଣଙ୍କ ବିଶ୍ୱାସରେ ବିଷ ଦେଇଛନ୍ତି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।



# ମଛଡିହାରୁ ୧୪ କୁଇଣ୍ଟାଲ ବାଣ ସାମଗ୍ରୀ ଜବତ: ଅଭିଯୁକ୍ତ ଗିରଫ

ବସ୍ତା,୨୮।୯(ନିପ୍ର): ବାଲେଶ୍ୱର ଜିଲା ବସ୍ତା ଥାନା ମଛଡିହା ଗାଁରେ ବେଆଇନ ବାଣ ତିଆରି ବେଳେ ଜଣକୁ ଗିରଫ କରାଯାଇଛି। ସୂଚନାରୁ ପ୍ରକାଶ ଯେ ଏହି ଗାଁର ସୁଶାନ୍ତ ଧଳ ନିଜ ଘରେ ବାଣ ପାଇଁ ବ୍ୟବହୃତ ସାମଗ୍ରୀ ରଖି ବାଣ ତିଆରି କରୁଥିବା ଖବରପାଇ ବସ୍ତା ପୁଲିସ ଏସ ଆଇ ସନ୍ଦୀପ କୁଜୁର, ମଧୁସ୍ମିତା ସିଂହଙ୍କ ସମେତ ପୁଲିସ ଦଳ ପହଞ୍ଚି ୧୪ କ୍ୱିଣ୍ଟାଲ ବାଣ ସାମଗ୍ରୀ ଯାହାର ମୂଲ୍ୟ ଆନୁମାନିକ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ତାହା ଜବତ କରିଛନ୍ତି ଏବଂ ଅଭିଯୁକ୍ତ ସୁଶାନ୍ତ ଧଳକୁ ଗିରଫ କରି କେଶ ନମ୍ବର ୩୬୮/୨୦୨୫ ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ସଇଁତଳା ବ୍ଲକର ଚଉଦ ବର୍ଷରୁ କମ ଓ ସତର ବର୍ଷରୁ କମ୍ ବାଳକ, ବାଳିକାଙ୍କ ବିଦ୍ୟାଳୟ ସ୍ତରୀୟ ସ୍କୁଲ ସମୂହ କବାଡି ପ୍ରତିଯୋଗିତା

ବଲାଙ୍ଗିର, ୨୮/୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ର ଚଉଦ ବର୍ଷରୁ କମ ଓ ସତର ବର୍ଷରୁ କମ ବାଳକ, ବାଳିକାଙ୍କ ବିଦ୍ୟାଳୟ ସ୍ତରୀୟ ସ୍କୁଲ ସମୂହ କବାଡି ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସେନାପତି ଓ ବ୍ଲକ ସମ୍ପାଦିକା ଶ୍ରୀମତୀ ରଞ୍ଜିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଂଚ ଶ୍ରୀମତୀ ତିଳତମା ବାଗ ଓ ୩୦ ନମ୍ବର ଜୋନ ର ସମିତି ସଭ୍ୟ ହିମାଚଳ ବୁଡ଼େକ, ଘୁନସର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସାହୁ, କରମତଲକ୍ଷ, ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ପ୍ରଧାନ, କୁଆଁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଘନଶ୍ୟାମ ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ବ୍ଲକ ପତାକା ଉତୋଳନ କରି ଖେଳକୁ ଆରମ୍ଭ କରିଥିଲେ। ଏହି ଖେଳରେ ଚାରୋଟି ଜୋନରୁ ୧୬ଟି ବାଳକ, ବାଳିକା ଦଳ ଖେଳାଳି ଓ ୨୫ ଜଣ ଖେଳ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ। ଏଥି ମଧ୍ୟରୁ ମୁରିବାହାଲ ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗ ନେବାପାଇଁ ସବୁ ବିଭାଗରୁ ୧୨ ଜଣ ଲେଖାଏଁ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ର ସମସ୍ତ ଖେଳ ଶିକ୍ଷକ ଓ ଶିକ୍ଷୟତ୍ରୀ ପରିଚାଳନା କରିଥିବା ବେଳେ ଛନଛଡ଼ ବିଦ୍ୟାଳୟର ସମସ୍ତ ସହକର୍ମୀ ଓ ସରସ୍ୱତୀ ଶିଶୁମନ୍ଦିରର ସମସ୍ତ କର୍ମଚାରୀଙ୍କ ପରିଶ୍ରମ ଓ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ବ୍ଲକ ସମ୍ପାଦିକା ରଞ୍ଜିତା ମିଶ୍ର ସ୍ୱାଗତ କରିବା ବେଳେ ଖେଳ ଶିକ୍ଷୟତ୍ରୀ ବନିତା ବଞ୍ଛୋର ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଣ ତିଆରି ଘର ଉପରେ ପୋଲିସର ଚଡ଼ଉ: ୩ ଜଣ ଗିରଫ, ବିପୁଳ ବାଣ ଜବତ

ଭଦ୍ରକ, ୨୮/୯ (ନି.ପ୍ର): ଭଦ୍ରକ ଜିଲା ଧାମନଗର ପୋଲିସର ବେଆଇନି ବାଣ ଦୋକାନ ଉପରେ ଚଡ଼ଉ କରି ବିପୁଳ ପରିମାଣରେ ବାଣ ଜବତ କରିଛନ୍ତି। ଏଥିରେ ସଂପୃକ୍ତ ୩ ଜଣ ସ୍ଥାନୀୟ ଗ୍ରାମର ବାଣ ବେପାରୀ ମଦନ ମୋହନ ରଣା, ମନୋରଞ୍ଜନ ରଣା ଓ ଗୌରାଙ୍ଗ ଚନ୍ଦ୍ର ରଣାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଧାମନଗର ଥାନା ଦେହୁଡି ଆନ୍ଦପୁର ପଂଚାୟତ ଉତେଇପୁର ଗ୍ରାମରେ ବେଆଇନ ବାଣ ତିଆରି ଚାଲିଥିଲା। ସୁଚନା ପାଇ ଧାମନଗର ପୋଲିସ ଶନିବାର ଚଡାଉ କରିଥିଲା। ଗୋଟେ ପିକପ ଗାଡିରେ ହାତ ତିଆରି ବାଣ ଜବତ କରିଥିବା ବେଳେ ପୋଲିସ ୩ ଜଣଙ୍କୁ ଥାନାକୁ ଆଣିଥିଲା। ଥାନା ଅଧିକାରୀ ରଞ୍ଜନ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଚଡ଼ାଉରେ ଏସଆଇ ରସ୍ମିତା ମଲ୍ଲିକ ଓ ପ୍ରଦୀପ ନାୟକ, ଏଏସଆଇ ଲରେନ୍ସ ଖୁଜୁରୁ, ସୁଜିତ୍ ରାଉତ ଓ ନରେନ୍ଦ୍ର ରାଉତ ସମେତ ଅନ୍ୟମାନେ ସାମିଲ ଥିଲେ।

# ବିଶ୍ୱ ଜଳାତଙ୍କ ଦିବସ -୨୦୨୫ ମୁନିଲାଲ ହାଇସ୍କୁଲରେ ପାଳିତ

ବୈଶିଙ୍ଗା , ୨୮/୯ (ନି.ପ୍ର): ଆଜି ବୈଶିଙ୍ଗା ସ୍ଥିତ ମୁନିଲାଲ ହାଇସ୍କୁଲ ରେ ବିଶ୍ୱ ଜଳାନ୍ତକ ଦିବସ -୨୦୨୫ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ପ୍ରାଣୀ ଚିକିତ୍ସା ଅଧିକାରୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ, ବୈଶିଙ୍ଗା ପ୍ରାଣୀ ଚିକିତ୍ସା ଅଧିକାରୀ, ଅଁଳା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୂଖ ଯୋଗଦେଇ ଜଳାନ୍ତଙ୍କ ରୋଗ ବିଷୟରେ ଆଲୋକପାତ କରିଥିଲେ । ବେତନଟୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ନିଜ ବକ୍ତବ୍ୟରେ ଜଳାନ୍ତଙ୍କ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳକ ବିଭାଗ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ/ଶିକ୍ଷୟତ୍ରୀ ,କର୍ମଚାରୀ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟ କ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।



ସୋମବାର, ସେପ୍ଟେମ୍ବର ୨୯, ୨୦୨୫

ଧ୍ୱନି ପ୍ରତିଧ୍ୱନି

# ମୋଦିଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ

ବାସୁଦେବପୁର, ୨୮/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପଞ୍ଚାୟତର ବେଲସାଉଁ ଳିଆ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଓ ସେବା ପକ୍ଷ ପାଳନ ଅବସରରେ ବିଶିଷ୍ଟ ସମାଜସେବୀ ମନୋଜ ନାୟକଙ୍କ ନେତୃତ୍ୱରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ସମାଜସେବୀ ମନୋଜ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ସମସ୍ତଙ୍କର ମଙ୍ଗଳ କାମନା କରିବା ସହିତ ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜଘର ପୋଖରୀ ପଞ୍ଚାୟତ ସରପଞ୍ଚ ଅରୁଣ କୁମାର ମହାନ୍ତି , ବରିଷ୍ଠ କର୍ମୀ ଗିରିଜା ଶଙ୍କର ନାୟକ ଭରତ କୁମାର ମିଶ୍ର, ପରେଶ କୁମାର ସାହୁ, ପ୍ରଦୀପ ବଳ, ସଚିନ ଆଚାର୍ଯ୍ୟ, ବିପିନ ବିଶ୍ୱାଳ, ଭକ୍ତହରି ରାଉତ, ପ୍ରକାଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ ଏବଂ ସହଯୋଗ କରିଥିଲେ। ଏଥିରେ ସମୁଦାୟ ୮୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ସମସ୍ତ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା।



# ଚାଷୀ ସୁରକ୍ଷା ସମିତି ପ୍ରସ୍ତୁତି ବୈଠକ: ସମସ୍ୟାରେ ଜର୍ଜରିତ ମାଟିଆଲୀ ଲ୍ୟାମ୍ପ୍

ନୀଳଗିରି , ୨୮/୯ (ନି.ପ୍ର): ମାଟିଆଳି ବୃହତ ସମବାୟସମିତି ବରହମପୁର ଅଧୀନସ୍ଥ ୧୧ଗୋଟି ପଞ୍ଚାୟତର ଚାଷୀମାନଙ୍କ ସୁରକ୍ଷା ପାଇଁ ଚାଷୀ ସୁରକ୍ଷାସମିତିର ଆହ୍ୱାନ କ୍ରମେ ରବିବାର ତେଲିପାଳ କଲ୍ୟାଣମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରହମପୁରର ପୂର୍ବତନ ସମିତିସଭ୍ୟ ଅକ୍ଷୟ କୁମାର ବେହେରାଙ୍କ ଆହ୍ୱାନକ୍ରମେ କେସିପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସୁରେଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମାଟିଆଳି ଲ୍ୟାମ୍ପରେ ଉପୁଜୁଥିବା ସମସ୍ୟା ଏବଂ ଅନିୟମିତତା ବିଷୟରେ ଉପସ୍ଥିତ ଚାଷୀମାନେ ନିଜନିଜର ମତାମତ ପ୍ରକାଶ କରିଥିଲେ। ବିଗତ ବର୍ଷରେ ଚାଷୀମାନେ ଧାନବିକ୍ରି କରିବାବେଳେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା, ଚାଷରଣ ପରିଶୋଧ ସମୟରେ ବିଭିନ୍ନ ଆଳ ଦେଖାଇ ବିନା ରସିଦରେ ହାତଗୁଞ୍ଜା ନେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏଥିସହିତ ଲ୍ୟାମ୍ପର କର୍ମଚାରୀମାନେ ଦୀର୍ଘଦିନ ଧରି ଦରମା ପାଇନଥିବା ଅଭିଯୋଗ ଆସିଥିଲା। ଏତଦ୍ ଭିନ୍ନ ଚାଷୀମାନଙ୍କ ଠାରୁ ଋଣ ଆଦାୟକରି ନିଜ ପକେଟରେ ରଖୁଥିବା ନଜିର ରହିଥିବା ବୈଠକରେ ମତ ପ୍ରକାଶ ପାଇଥିଲା। ଫଳରେ ଲ୍ୟାମ୍ପ ବୁଡିଯିବା ସହିତ ଚାଷୀମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାର ସମାଧାନ ନହେଲେ ଆଗାମୀଦିନରେ ଚାଷୀସୁରକ୍ଷା ସମିତି ଚାଷୀମାନଙ୍କୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଥିଲେ। ଏହି ବୃହଦାକାର ସମବାୟସମିତିର ୩ଗୋଟି ଶାଖା ଯଥା ମାଟିଆଳି, ବରହମପୁର, ଛତ୍ରପୁରର କୁଳମଣି ନାୟକ, ରୁଦ୍ରକାନ୍ତ ସାହୁ, ମାନବେନ୍ଦ୍ର ନାୟକ, ସେରାଲ ବାସ୍କେ, ଉପେନ୍ଦ୍ର ଦାସ, ଅରୁଣ କୁମାର ଦାସ, ଜୟନ୍ତ ଦାସ, ଗୋପୀନାଥ ଦାସ, ଅମରେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, କାଶୀନାଥ ପଡ଼ିଆରଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ୩ଟି ହାତୀଦାନ୍ତ ଜବତ ସହ ୪ଜଣଙ୍କୁ ଗିରଫ କଲା କେନ୍ଦୁଝର ବନ ବିଭାଗ

କେନ୍ଦୁଝର, ୨୮/୯ (ନି.ପ୍ର): ୩ଟି ହାତୀଦାନ୍ତ ଜବତ ସହ ୪ଜଣଙ୍କୁ ଗିରଫ କଲା କେନ୍ଦୁଝର ବନ ବିଭାଗ । ସେମାନଙ୍କଠାରୁ ୩ଟି ମୋବାଇଲ୍ ଫୋନ୍ ଜବତ କରିଛି। ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ବାଂଶପାଳ ବ୍ଲକ ତଳକାଇପୁର ଅଂଚଳରୁ ପୋଲିସ ସହାୟତାରେ ଧରିଲା ବନ ବିଭାଗ। ଗତ ୨୬ ତାରିଖ ରାତି ୯ଟା ବେଳେ, ତଳକାଇପୁର କ୍ରସର୍ ନିକଟରେ ମିଳିତ ଚଢ଼ାଉ କରି ଘଟଣାସ୍ଥଳରୁ ୩ଟି ହାତୀଦାନ୍ତ ଜବତ କରିବା ସହ, କଟକ ଅଲିଶା ବଜାରର ବୀରକିଶୋର ବେହେରା ଓ ଅନୁଗୁଳ ର ଅରୁଣ କୁମାର ସାହୁଙ୍କୁ ଗିରଫ କରିଥିଲା । ଏହି ମାମଲାରେ ସଂପୃକ୍ତ ଅନୁଗୁଳ ଜିଲ୍ଲା ଭଗାମୁଣ୍ଡାର ପ୍ରଦୀପ କୁମାର ସାହୁ ଓ ପ୍ରତାପ ବେହେରାଙ୍କୁ ଗିରଫ କରାଯାଇଛି । ଜବତ ୩ଟି ହାତୀଦାନ୍ତ ମଧ୍ୟରୁ ପ୍ରଥମଟି ୨.୦୨୬ କିଲୋଗ୍ରାମ୍, ୨ୟ ଟି ୬ଶହ ଗ୍ରାମ୍ ଓ ୩ୟ ଟି ୩୮୭ ଗ୍ରାମ ଓଜନର ଥିବା ସୂଚନା ଦେଇଛି ବନ ବିଭାଗ । ପ୍ରଥମରୁ ଏମାନଙ୍କ ନିକଟରେ ୪ଟି ହାତୀଦାନ୍ତ ଥିବା ବେଳେ, ଅନ୍ୟ ଗୋଟିଏ ହାତୀଦାନ୍ତର ପତା ମିଳି ନଥିବା ସୂଚନା ଦେଇଛନ୍ତି ଜିଲ୍ଲା ବନ ଖଣ୍ଡ ଅଧିକାରୀ ଏଚ ଡି ଧନରାଜ।

# ବିଜେପି ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜନ୍ମ ଜୟନ୍ତୀ ପାଳିତ

ବାଲେଶ୍ୱର, ୨୮/୯ (ନି.ପ୍ର): ଆଜି ପୂର୍ବାହ୍ନରେ ସ୍ଥାନୀୟ ଗଡଗଡିଆ ସ୍ଥିତ କବି ବର ରାଧାନାଥ ରାୟ ଙ୍କ ପ୍ରତିମୂର୍ତ୍ତି ଠାରେ ବିଜେପି ର କବିବରଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସଦର ବିଧାୟକ ମାନସ ଦତ୍ତଙ୍କ ଉପସ୍ଥିତିରେ ପ୍ରଥମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପ୍ରତିମୂର୍ତ୍ତି ଓ ଚତୁର୍ପାର୍ଶ୍ୱ ସଫେଇ କରାଯାଇଥିଲା ଓ ପରେ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଓ ବିଧାୟକ ଶ୍ରୀଯୁକ୍ତ ଦତ୍ତ କବିବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ, ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟ ରେ ରାଧାନାଥ ରାୟଙ୍କ ଜୀବନି ଆଲୋକପାତ କରିଥିବା ବେଳେ ବିଧାୟକ ଶ୍ରୀଯୁକ୍ତ ଦତ୍ତ ତାଙ୍କ ସାହିତ୍ୟ ରଚନା ତଥା ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପ୍ରତି ତାଙ୍କର ଅବଦାନ ବିଷୟ ରେ ବକ୍ତବ୍ୟ ରଖିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ରେ ରଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ପର୍ଶୁରାମ ବେହେରା,ବାଣେଶ୍ୱର ମଣ୍ଡଳ ସଭାପତି ଧିରଜ ମହାନ୍ତି, ଝାଡେଶ୍ୱର୍ ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପଣ୍ଡା, ପୁର୍ବତନ ନଗର ସଭାପତି ଚିତ୍ତ ରଞ୍ଜନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ବିଧାୟକ ଙ୍କ ପ୍ରତିନିଧି ଗୌରାଙ୍ଗ ଚରଣ ଦାସ, ଜିଲ୍ଲା ମିଡ଼ିଆ ସେଲ୍ ସହ ସଂଯୋଜକ ରଣଜିତ୍ କୁମାର ପୃଷ୍ଟି, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା କୋଷାଧକ୍ଷ ରାଜେଶ୍ ମହାକୁଡ, ଜିଲ୍ଲା କୋଷାଧକ୍ଷ ସ୍ୱର ଝଙ୍କାର ସେଠୀ, ସାଧବ ଦାସ, ଉମେଶ ବେହେରା, ଉପେନ୍ଦ୍ର ଶତପଥୀ, ବିଶ୍ୱଜିତ୍ ଖଟୁଆ, ବିଶାଳ ଦେବ ମାଝୀ, ଶ୍ରୀୟା ଦାସ, ଶେଖ୍ ସାନଦାନି, ବଳରାମ ପାତ୍ର, ମନୋଜ ପୋଦାର, ବାବୁଲି ଧଳ, ସୁଶିଲ ଜଲାନ, ବେଣୁଧର ଦାସ, ମାସନ୍ତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଏଏସ ପରୀକ୍ଷାରେ ୨୦୭ ରେଙ୍କ ପାଇଲେ ମୁରଲୀଧର

ବାସୁଦେବପୁର, ୨୮/୯ (ନି.ପ୍ର): ନିକଟରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାର ଫଳ ପ୍ରକାଶିତ ହୋଇଛି। ଏଥିରେ ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ସଂଗ୍ରାମପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ମୁରଲୀଧର ପାକଳ ଏହି ଓ ଏ ଏସ ପରୀକ୍ଷାରେ ଖୁବ୍ ସଫଳତା ହାସଲ କରି ୨୦୭ ରେଙ୍କ ଲାଭ କରିଛନ୍ତି। ମୁରଲୀଧରଙ୍କ ପିତା ଦାଶରଥି ପାକଳ ଓ ମାତା ବାସନ୍ତୀ ଲତା ପାକଳ। ପିତା ମାତାଙ୍କ ଆଶୀର୍ବାଦ, ପତ୍ନୀ ଙ୍କ ସହଯୋଗ ଓ



ଇଶ୍ୱରଙ୍କ ଅପାର କରୁଣାରୁ ସେ ଏହି ସଫଳତା ଲାଭ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଦ୍ୱିତୀୟ ଥର ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ସେ ସଫଳତା ପାଇଛନ୍ତି।ଏହି କୃତ କାର୍ଯ୍ୟ ହେବା ପରେ ଶ୍ରୀ ପାକଳ ନିଜର ଶିକ୍ଷକ, ଗୁରୁଜନ, ପରିବାର ବର୍ଗ, ସାଙ୍ଗ ସାଥି ଆତ୍ମୀୟ ସ୍ୱଜନ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ସଫଳତା ପାଇବା ପରେ ମୁରଲୀଧରଙ୍କୁ ଗ୍ରାମବାସୀ,ବିଭିନ୍ନ ବ୍ୟକ୍ତି ଓ ବହୁ ଅନୁଷ୍ଠାନ ଶୁଭେଛା ଓ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ପାକଳ ଏହି ଓ ଏ ସ ପାଇ ଭଦ୍ରକ ଜିଲ୍ଲା ତଥା ବାସୁଦେବପୁର ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି।

## ଚନ୍ଦକାରେ ପିଏମ ମୋଦିଙ୍କ ମନ୍ କୀ ବାତ ଶୁଣିଲେ ମନମୋହନ ସାମଲ

ଭୁବନେଶ୍ୱର, ୨୮/୯ (ନି.ପ୍ର): ଚନ୍ଦକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୬ ତମ ମନ କି ବାତ କାର୍ଯ୍ୟକ୍ରମରେ ଯୋଗ ଦେଇ ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ଏହି ଅବସରରେ ସେ ବିଦେଶୀ ଦ୍ରବ୍ୟ ଛାଡ଼, ସ୍ୱଦେଶୀ ଜିନିଷ ବ୍ୟବହାର କରିବାକୁ ବିଜେପି କର୍ମୀଙ୍କୁ ଶଥ ପାଠ କରାଇଛନ୍ତି । ବିଜେପି ରାଜ୍ୟ ସଭାପତି ମନମୋହନ କହିଛନ୍ତି ଦେଶ ଆତ୍ମ ନିର୍ଭର ପାଇଁ ସ୍ୱଦେଶୀ ଆନ୍ଦୋଳନକୁ ଆଗକୁ ବଢାଯିବ । ସେପ୍ଟେମ୍ବର ୨୫ ରୁ ୩ ମାସ ପର୍ଯ୍ୟନ୍ତ ଚାଲିବ ବିଜେପିର ଆତ୍ମ ନିର୍ଭର ଭାରତ କାର୍ଯ୍ୟକ୍ରମ ।

# ଗ୍ୟାସ ଟାଙ୍କି ଫାଟି ସ୍ୱାମୀ ଓ ସ୍ତ୍ରୀ ଆହତ: ସହାୟତାର ହାତ ବଢାଇଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ

ବସ୍ତା, ୨୮/୯ (ନି.ପ୍ର): ସତରେ ଦୁଃଖ କଣ ଏମିତି ଆସେ ।ଏ ପରିବାର ର ଦୁଃଖ କଥା ଶୁଣିଲେ ଆପଣଙ୍କ ଅନ୍ତରଟା ବି କାନ୍ଦି ଉଠିବ। ବେଶ ହସ ଖୁସିରେ ପରିବାର ଚାଲିଥିଲା। ପରିବାର କହିଲେ ବୃଦ୍ଧ ବାପା,ମାଆ ଏବଂ ପୁଅ ବୋହୂ। ପୁଅ ବୋହୂ ବାହାର ରାଜ୍ୟ ହାଇଦ୍ରାବାଦ ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲା ମାତ୍ର କାର୍ଯ୍ୟ ସାରି ଯେଉଁ ଘରେ ରହୁଥିଲେ ସେହି ପାଖ ଘରେ ଗ୍ୟାସ ସିଲିଣ୍ଡର ଫାଟି ଛାତ ଭୁସୁଡି ଯିବା ସହିତ ଦୁଇ ଜଣଙ୍କର ଦେହ ପୋଡିବା ସହିତ ପୁଅ ନୀଳକଣ୍ଠର ଗୋଡ଼ ଭାଙ୍ଗିଯାଇଥିବା ସ୍ଥଳେ ବୋହୂ ଉଷାରାଣୀ ବାରିକଙ୍କର ମେରୁଦଣ୍ଡ ଏବଂ ଗୋଡ଼ ଭାଙ୍ଗି ଯାଇଛି ।ଏହି ଘଟଣାଟି ବାଲେଶ୍ୱର ଜିଲ୍ଲାର ଅନ୍ତର୍ଗତ ସିଂଲା ଥାନା ତୈଲକ ଗ୍ରାମର ଆଦିକନ୍ଦ ବାରିକ ଘରେ। ଏବଂ ଘରେ ବୃଦ୍ଧା ବାପା ଆଦିକନ୍ଦ ବାରିକଙ୍କର ଗୋଟିଏ ଆଖିକୁ ଦେଖା ଯାଏ ନାହିଁ ଏବଂ ତାଙ୍କର ଗୋଡ଼ ମଧ୍ୟ ଠିକ୍ ରେ କାର୍ଯ୍ୟ କରେ ନାହିଁ। ଆଜି ବୃଦ୍ଧା ମାଆ ଉମାରାଣୀ ବାରିକ୍ ଅସହାୟ ହୋଇଯାଇଛନ୍ତି। କାରଣ ପୁଅ ବୋହୂର ଏକ ମାତ୍ର କୁନି ଝିଅର ଭବିଷ୍ୟତ ଅନ୍ଧାର ଘେରକୁ ଠେଲି ହୋଇ ଯାଉଛି ଏବଂ ଆଜି ପରିବାରର ରୋଜଗାର ବୋଲି କିଛି ନାହିଁ। କେମିତି ପୁଅ ବୋହୂର ଚିକିତ୍ସା କରିବେ ସେହି ଚିନ୍ତାରେ ଘାରି ହେଉଛନ୍ତି। ଏହି ସମୟରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସରସୀଦା ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନକୁ ଅବଗତ ପରେ ପରିବାର ର ଦୁଃଖ ସମୟରେ ଛିଡ଼ା ହୋଇ ସମଦୁଃଖୀ ହେବା ପାଇଁ ପ୍ରୟାସ କରିଛନ୍ତି ।ଏହି ମହତ କାର୍ଯ୍ୟରେ ଆର୍ଥିକ ସହାୟତା ସହିତ ପରିବାରକୁ ନୂତନ ବସ୍ତ୍ର ଏବଂ କୁନି ଝିଅ ପାଇଁ ପାଠ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହି ସମୟରେ ବସ୍ତା ଏସ୍ଡିପିଓ ମାନସ କୁମାର ଦେଓ ଉପସ୍ଥିତ ଥିଲେ।

# ଆର.ଏସ୍.ଏସ୍.ର ଶତାବ୍ଦୀ ବର୍ଷ ଉପଲକ୍ଷେ ଶୁଭ ଉଦ୍‌ଘାଟିତ

ବୈଶିଙ୍ଗା, ୨୮/୯ (ନି.ପ୍ର): ଚଳିତବର୍ଷ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ବୈଶିଙ୍ଗା ମଣ୍ଡଳସ୍ତରୀୟ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘର ସ୍ୱୟଂସେବକମାନଙ୍କର ଏକ ଭବ୍ୟ ପଥ ସଂଚଳନ ବୈଶିଙ୍ଗା ଶିବାଜୀ ଯୁବକ ସଂଘ ନିକଟରୁ ବାହାରି ମହୁରୀ, ବୈଶିଙ୍ଗା ବଜାର, ଓଲଡିହ ଛକ ପରିକ୍ରମା କରି କେନ୍ଦୁଆ ଶିବ ମନ୍ଦିର ପଡିଆରେ ପହଞ୍ଚିଥିଲା । ସେଠାରେ ସ୍ୱୟଂସେବକମାନେ ଯୋଗ ଓ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରିଥିଲେ । ଏହାପରେ ସଧାରଣ ସଭାରେ ମୁଖ୍ୟବକ୍ତା ଭାବେ ଅଧାପକ ବିଶ୍ୱରଞ୍ଜନ ଘୋଷ ଆର.ଏସ୍.ଏସ୍.ର ଶହେ ବର୍ଷର ଉପଲବ୍ଧି ଓ ଦେଶର ବିପତ୍ତି ବେଳେ ଆର.ଏସ୍.ଏସ୍.ର ଭୂମିକା ଉପରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ଶତାବ୍ଦୀ ବର୍ଷ ଉପଲକ୍ଷେ ଆର.ଏସ୍.ଏସ୍. ତରଫରୁ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଜିର କାର୍ଯ୍ୟକ୍ରମରେ ରଘୁଚରଣ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ବିନ୍ଧାଣୀ, ଗନ୍ଧମାର୍ଦ୍ଦନ ଦେହୁରୀ, ଗଜେନ୍ଦ୍ର ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଡା. ପ୍ରସନ୍ନ କୁମାର ପାତ୍ର, ଡମ୍ବରୁଧର ମହାନ୍ତ, ଅଶୋକ କୁମାର ବେହେରା, ଜ୍ଞାନରଞ୍ଜନ ପଣ୍ଡା ଓ ସୁରଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

# ବନ୍ଧୁକ ମୁନରେ ଅପରରଣ: ପୋଲିସ ହସ୍ତକ୍ଷେପ ପରେ ଘରଲୋକଙ୍କୁ ହସ୍ତାନ୍ତର

ବୈଶିଙ୍ଗା, ୨୮/୯ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ଗଡଦେଉଳିଆ ବଜାର ନିକଟରୁ ଶନିବାର ସନ୍ଧ୍ୟା ସମୟରେ ଜନୈକ ଯୁବକଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାର ରେମୁଣା ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଭାଗବତ ରାଉତଙ୍କ ପୁଅ ଶୁଭକାନ୍ତ ଭୁବନେଶ୍ୱରଠାରେ ରହି ଅନଲାଇନ ଟ୍ରେଡିଙ୍ଗ ବ୍ୟବସାୟ କରିଥାନ୍ତି। ତେବେ ବ୍ୟବସାୟିକ ଶତୃତା ଯୋଗୁଁ ତାଙ୍କୁ ବାଲେଶ୍ୱର ରେମୁଣା ଅଞ୍ଚଳର ୬ ଜଣ ଯୁବକ ବିଭିନ୍ନ ସମୟରେ ଧମକ ଚମକ ଦେଉଥିବା ବେଳେ ଶନିବାର ସନ୍ଧ୍ୟା ସମୟରେ ସେ କୌଣସି କାମରେ ଗଡଦେଉଳିଆ ବଜାର ଆସିଥିବା ବେଳେ ଅଭିଯୁକ୍ତ ମାନେ ତାଙ୍କୁ ଘେରିଯାଇ ତାଙ୍କ ମୁଣ୍ଡରେ ଏକ ବନ୍ଧୁକ ଲଗାଇ ବାଇକ ଯୋଗେ ବାଲେଶ୍ୱର ଦିଗରେ ନେଇ ପଳାଇଯାଇଥିଲେ। ଆଜି ଏ ସମ୍ପର୍କରେ ଶୁଭକାନ୍ତଙ୍କ ଶାଳକ ଜ୍ୟୋତିର୍ମୟ ମହାନ୍ତି ଆସି ବୈଶିଙ୍ଗା ଥାନାରେ ଏତଲା ଦେବାପରେ ୪୮୯ ନଂ ରେ ଏକ ମାମଲା ରୁଜୁ କରାଯାଇ ଏସ୍ ଆଇ ସରୋଜ କୁମାର ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଚଢାଉ କରିଥିଲା। ଅପରାହ୍ନରେ ଅଭିଯୁକ୍ତ ମାନେ ଶୁଭକାନ୍ତଙ୍କୁ ଚେତାବନୀ ଦେଇ ଛାଡିଦେଇଥିବା ଜଣାପଡ଼ିଛି। ତେବେ ଅଭିଯୁକ୍ତ ମାନଙ୍କ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# କବିବର ରାଧାନାଥ ରାୟଙ୍କ ଜନ୍ମଜୟନ୍ତୀ ପାଳିତ

ଜଳେଶ୍ୱର , ୨୮/୯ (ନି.ପ୍ର): ରବିବାର ପୂର୍ବାହ୍ନ ୮'ଘଟିକା ସମୟରେ ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମଣନାଥ ଜଳେଶ୍ୱର ପରିସରରେ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ କବିବର ରାଧାନାଥ ରାୟ ଙ୍କର ୧୭୮ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ସାହିତ୍ୟିକ ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି । ବକ୍ତବ୍ୟରେ କହିଥିଲେ କବିବର ରାଧାନାଥ ରାୟ ହେଉଛନ୍ତି ପ୍ରାଚ୍ୟ ଓ ପାଶ୍ଚାତ୍ୟ ର ସମନ୍ୱୟ ର ଅମୃତମୟ ଫଳ। ତାଙ୍କ ଲିଖିତ କବିତା ମହାକାବ୍ୟ ମହାଯାତ୍ରା, ଉର୍ବଶୀ, କେଦାର ଗୌରୀ,



ଚିଲିକା, ଚନ୍ଦ୍ର ଭାଗା ପ୍ରଭୃତି ଆମ ଓଡ଼ିଆ ସାହିତ୍ୟ ପାଇଁ ଶ୍ରେଷ୍ଠ ଅବଦାନ।ଏହି ପବିତ୍ର ସ୍କୁଲ କୁ ପରିଦର୍ଶକ ହୋଇ ପରିଦର୍ଶନ ରେ ଆସିଥିଲେ। ଏ ମାଟି ଅତ୍ୟନ୍ତ ପବିତ୍ର। ପ୍ରତି ବର୍ଷ ଏ ସ୍କୁଲ ପରିସରରେ କବିବର ରାଧାନାଥ ରାୟ ଙ୍କ ଜନ୍ମ ଜୟନ୍ତୀ ପାଳିତ ହେଉ ବୋଲି ପ୍ରଧାନ ଶିକ୍ଷକ ତଥା ଆଲୁମିନି ସଭାପତି ଓ ପରିଚାଳନା କମିଟି ର ସଦସ୍ୟ ମାନଙ୍କ ଠାରେ ପ୍ରସ୍ତାବ ରଖିଥିଲେ। ତରେଣୀ ଅତିଥି ଭାବରେ ଦୀନକୃଷ୍ଣ ସ୍ମୃତି ପରିଷଦ ର ଉପ ସଭାପତି ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ କବିବର ରାଧାନାଥ ରାୟ ହେଉଛନ୍ତି ଓଡ଼ିଆ ସାହିତ୍ୟ ର ବାଣୀ ଭଣ୍ଡାର କୁ ସମୃଦ୍ଧ କରିଥିବା ମଣିଷ। ତାଙ୍କ ଦ୍ୱାରା ଆଲୁମିନି ର ସଭାପତି ଶ୍ୟାମା ଚରଣ ଦାସ, ପ୍ରଧାନ ଶିକ୍ଷକ ବୀର ମାରାଣ୍ଡି , ପ୍ରାକ୍ତନ ସି ଇ ଓ ଶରତ ଚନ୍ଦ୍ର ପରିଡା,ମିହୀର କୁମାର ଭୂୟାଁ, ବିଶିଷ୍ଟ କବି ବସନ୍ତ କୁମାର ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ,କବି ରଂଜନ କୁମାର ଘୋଷ କୁମାର କୃଷ୍ଣ କର,ସୁରମା ଧଳ,ଜଗତ ରଂଜନ ଜେନା, ପୁଣ୍ୟ ଚୋରା ଜେନା, ପୁଷ୍ପଲତା ସିଂ, ପ୍ରୀତି ପ୍ରଜ୍ଞା ବେହେରା, ନିର୍ମଳା ପାତ୍ର, ସତ୍ୟ ରଞ୍ଜନ ପରିଡ଼ା,ବିମଳ କୁମାର ନାୟକ, ଦେବଦତ୍ତ ମିଶ୍ର, ସମୀର କୁମାର ବିଶ୍ୱାଳ,ପ୍ରଥମେ ଅନୁଷ୍ଠାନ ପରିସରରେ ଥିବା କବିବର ରାଧାନାଥ ରାୟ ଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ନନ୍ଦିତାଙ୍କ ସଫଳତା: ବିଭିନ୍ନ ମହଲରୁ ଶୁଭେଚ୍ଛା

ବାଲିଆପାଳ , ୨୮/୯ (ନି.ପ୍ର): ଶୁକ୍ରବାର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର ଫଳ ପ୍ରକାଶ ପାଇଥିବା ବେଳେ ବାଲିଆପାଳ ବ୍ଲକର ନନ୍ଦିତା ସାମଲ ୧୯୪ରେଙ୍କ ରଖି ସଫଳତା ଅର୍ଜନ କରିଛନ୍ତି। ନନ୍ଦିତା ବାଲିଆପାଳର ପ୍ରତିଷ୍ଠିତ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରୁ ୯୬ ପ୍ରତିଶତ ନମ୍ବର ରଖି ମେଟ୍ରିକ ପାସ କରିବା ପରେ ବାଲେଶ୍ୱରର ଏକ ଘରୋଇ କଲେଜରେ +୨ ରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ (ଓୟୁଏଟି)ଭୁବନେଶ୍ୱରରୁ ଫରେଷ୍ଟ୍ରିରେ ଡିଗ୍ରୀ ଏବଂ ୨୦୨୩ ମସିହାରେ ମାଷ୍ଟର ଡିଗ୍ରୀ ଶେଷ କରିବା ପରେ ନନ୍ଦିତା ଏବଂ ତାଙ୍କ ସାନ ଭଉଣୀ ନମ୍ରତା ଉଭୟେ ନିଜସ୍ୱ ଉଦ୍ୟମରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ଦୈନିକ ୧୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରିଶ୍ରମ କରୁଥିଲେ। ବାଲିଆପାଳ ବ୍ଲକ



ଅନ୍ତର୍ଗତ ପଞ୍ଚୁପାଲି ହରପ୍ରସାଦ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଭାସ ରଞ୍ଜନ ସାମଲଙ୍କ ଜ୍ୟେଷ୍ଠ କନ୍ୟା ଅଟନ୍ତି। ନନ୍ଦିତାଙ୍କ ମା ମନ୍ଦାକିନୀ ଜଣେ ଗୃହିଣୀ । ନନ୍ଦିତା ତାଙ୍କ ରେଙ୍କକୁ ନେଇ ସେତେଟା ଖୁସି ନଥିଲା ବେଳେ ପ୍ରଶାସନିକ ସେବାରେ ଯୋଗ ଦେବା ପରେ ଓଡ଼ିଶାର ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି। ନନ୍ଦିତା ତାଙ୍କର ସଫଳତା ପାଇଁ ପିତାମାତା,ସାନ ଭଉଣୀ ନମ୍ରତା , ଅଧ୍ୟୟନ କରିଥିବା ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ତାଙ୍କର ଶୁଭଚିନ୍ତକ ମାନଙ୍କୁ ଶ୍ରେୟ ଦେଇଛନ୍ତି। ନନ୍ଦିତାଙ୍କ ସଫଳତା ଖବର ପାଇ ବସ୍ତା ବିଧାୟିକା ସୁବାସିନି ଜେନା, ବାଲିଆପାଳ ସୁବର୍ଣ୍ଣରେଖା ଯୁବ କ୍ରୀଡା ସଂସଦର ସଭାପତି ଡ. ସନ୍ତୋଷ କୁମାର ଦାସ,ମିଡିଆ ଫୋରମ ସଭାପତି ପ୍ରତାପ କୁମାର ପାତ୍ର, ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ବିଭିନ୍ନ ଶିକ୍ଷକ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବ୍ୟକ୍ତି ବିଶେଷ ଏବଂ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

# ବଡ଼ଖଲାଡ଼ି ପ୍ରାଥମିକ ବିଦ୍ୟାଳୟର ଆଲୁମିନି କମିଟି ଗଠିତ

ଉଦଳା , ୨୮/୯ (ନି.ପ୍ର): କପ୍ତିପଦା ବ୍ଲକର ବଡ଼ଖଲାଡ଼ି ଗ୍ରାମସ୍ଥିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିଥିବା ପୂର୍ବତନ ଛାତ୍ରଛାତ୍ରୀ ମାନେ ନିକଟରେ ଉଦଳା ଠାରେ ଦୁର୍ଗାପୂଜା ଛୁଟି କଟାଇବା ଅବସରରେ ଏକତ୍ରିତ ହୋଇଥିଲେ । ଦିର୍ଘ ବର୍ଷର ବ୍ୟବଧାନ ପରେ ଛାତ୍ରଛାତ୍ରୀ ମାନେ ପରସ୍ପରକୁ ପାଖରେ ପାଇ ଖୁବ ଆନନ୍ଦିତ ହୋଇଥିଲେ । ଏହାପରେ ପିଲାଦିନର କଥାଗୁଡ଼ିକୁ ମନେ ପକାଇ ଭାବ ବିହ୍ୱଳ ହୋଇଉଠିଥିଲେ । ପରେ ପୁର୍ବତନ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଆଲୁମିନି କମିଟି ଗଠନ କରାଯାଇଥିଲା । ଉକ୍ତ କମିଟିର ସଭାପତି ଭାବରେ ଡ଼ା. ଶଚିଦାନନ୍ଦ ପରିଡ଼ାଙ୍କୁ ମନୋନିତ କରାଯାଇଥିବା ବେଳେତାଙ୍କୁ ସହଯୋଗ କରିବା ପାଇଁ ସଦସ୍ୟ ଭାବରେ ଆଶିଷ କୁମାର ମଲିକ, ସତିଶ ଚନ୍ଦ୍ର ବେହେରା, ଭୀମସେନ ସାହୁ, ବିଜୟ ନାୟକ, ଲକ୍ଷ୍ମୀଧର ନାୟକ, ଅଂଜନ ନାୟକ, ଜୟଚନ୍ଦ୍ର ଜେନା, ପ୍ରଫୁଲ ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ ଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଶେଷରେ ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ ହେବା ସହିତ ପ୍ରତିବର୍ଷରେ ଥରେ ଆଲୁମିନି କମିଟି ବୈଠକ ବସିବା ନେଇ ସମସ୍ତେ ଏକମତ ହୋଇଥିଲେ । ଶେଷରେ ଶତ୍ରୁଘ୍ନ ବିଶ୍ୱାଳ ଧନ୍ୟବାଦ ଅର୍ପଣ ପୁର୍ବକ ବୈଠକର ଯବନିକା ପକାଇଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida